# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଜୁଲାଇ ୨୪/୨୦୨୧ (୧୬ ପୃଷ୍ଠା) | Rayagada, Saturday, July 24/2021 | ★

୧୧ଶ ଭାଗ ୧୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




ଟୋକିଓର ନ୍ୟାଶନାଲ ଷ୍ଟାଡିୟମରେ ଅଲିମ୍ପିକ୍ସ ଉଦ୍‌ଘାଟନୀ ସମାରୋହରେ ଭାରତୀୟ ଦଳର ମାର୍ଚ୍ଚପାଷ୍ଟ।

# ବିନା ଦର୍ଶକରେ ମାର୍ଚ୍ଚପାଷ୍ଟ

**ଟୋକିଓ ଅଲିମ୍ପିକ୍ସ ଉଦ୍‌ଘାଟିତ**

**ଟୋକିଓ,୨୩।୭ (ପି.ଟି.)**

କୋଭିଡ୍-୧୯ ପ୍ରକୋପ ଜାରି ରହିଥିବା ସତ୍ତ୍ୱେ ଶୁକ୍ରବାର ରାତିରେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଟୋକିଓ ଅଲିମ୍ପିକ୍ସ ଉଦ୍‌ଘାଟିତ ହୋଇଛି। ମହାମାରୀ କାରଣରୁ ନିର୍ଦ୍ଧାରିତ ସମୟର ଗୋଟିଏ ବର୍ଷ ପରେ ଏହି ମେଗା ଇଭେଣ୍ଟ ଆରମ୍ଭ ହୋଇଛି। ଫାଙ୍କା ଷ୍ଟାଡିୟମରେ ଅଲିମ୍ପିକ୍ସର ୩୨ତମ ସଂସ୍କରଣର ଆନୁଷ୍ଠାନିକ ଉଦ୍‌ଘାଟନ ହୋଇଛି। ସ୍ଥାନୀୟ ଜାପାନ ନ୍ୟାଶନାଲ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ବିଶ୍ୱର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ଉତ୍ସବ କିନ୍ତୁ ଅନ୍ୟ ସଂସ୍କରଣଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ ସାବ୍ୟସ୍ତ ହୋଇଛି। ପ୍ରଥମ ଥର ପାଇଁ ବିନା ଦର୍ଶକରେ ଆରମ୍ଭ ହୋଇଛି ଏହି ଅଲିମ୍ପିକ୍ସ। ୧୨୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଅଯୁଗ୍ମ ସଂଖ୍ୟା ବର୍ଷରେ ଅଲିମ୍ପିକ୍ସ ଆୟୋଜନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜାପାନର ଭବ୍ୟ କଳା, ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଜାପାନ ସମ୍ରାଟ ନାରୁହିତୋ ଅଲିମ୍ପିକ୍ସ ଆରମ୍ଭ ହେଲା ବୋଲି ଆନୁଷ୍ଠାନିକ ଘୋଷଣା କରିଥିଲେ। ଏହି ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସ୍ତ୍ରୀ ଜିଲ୍ ବାଇଡେନ ଓ ଅନ୍ୟ ବିଶ୍ୱସ୍ତରୀୟ ନେତାମାନେ ଉପସ୍ଥିତ ଥିଲେ। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ଜାପାନ ପ୍ରଧାନମନ୍ତ୍ରୀ ୟୋସିହିଦେ ସୁଗା, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ୍ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ନୋବେଲ ଶାନ୍ତି ପୁରସ୍କାର ଜିତିଥିବା ବାଂଲାଦେଶର ମହମ୍ମଦ ୟୁନୁସଙ୍କୁ ମଧ୍ୟ ସ୍ୱତନ୍ତ୍ର ଅଲିମ୍ପିକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଜାପାନ ମହିଳା ଟେନିସ ତାରକା ନାଓମି ଓସାକା ଅଲିମ୍ପିକ କଲଡ୍ରନ୍‌ରେ ଜ୍ୟୋତି ପ୍ରଜ୍ୱଳନ କରି ଔପଚାରିକ ଭାବେ ଏହି କ୍ରୀଡ଼ାର ଶୁଭାରମ୍ଭ କରିଥିଲେ।

ସାଧାରଣତଃ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବରେ ଖେଳାଳିମାନଙ୍କ ମାର୍ଚ୍ଚପାଷ୍ଟ ମୁଖ୍ୟ ଆକର୍ଷଣ ହୋଇଥାଏ। ☞ପୃଷ୍ଠା-୪

## ଆଜି ସିଆଇଏସ୍‌ସିଇ ଫଳ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଇଣ୍ଡିଆନ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରୀ ଏଜୁକେଶନ(ଆଇସିଏସ୍‌ଇ) ଦଶମ ଓ ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍(ଆଇଏସ୍‌ସି) ଦ୍ୱାଦଶ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇବ। ଏ ନେଇ କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସାର୍ଟିଫିକେଟ୍ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଶନିବାର ଅପରାହ୍ନ ୩ଟାରେ ପରୀକ୍ଷାଫଳ ପ୍ରକାଶ ପାଇବ। ଛାତ୍ରଛାତ୍ରୀମାନେ ସିଆଇଏସ୍‌ସିଇର ଅଫିସିଆଲ ୱେବ୍‌ସାଇଟ କିମ୍ବା ଏସ୍‌ଏମ୍‌ଏସ୍ ମାଧ୍ୟମରେ ଫଳ ପାଇପାରିବେ। ସ୍କୁଲ୍‌ଗୁଡ଼ିକ ପାଇଁ ରହିଥିବା ସିଆଇଏସ୍‌ସିଇ କ୍ୟାରିୟର ପୋର୍ଟାଲରେ ଟାବୁଲେଶନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଏଥର କଠିନ ପରିଶ୍ରମ

# ୧୫୩୭ କୋଟିର ୧୪ ଶିଳ୍ପ

**ଶିଳାନ୍ୟାସ, ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**

**ସୃଷ୍ଟି ହେବ ୪ ହଜାର ନିଯୁକ୍ତି ସୁଯୋଗ**

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୧୧ଶହ କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ୧୧ଟି ଶିଳ୍ପର ଶିଳାନ୍ୟାସ କରିଥିବା ବେଳେ ୪୩୬ କୋଟି ଟଙ୍କା ପୁଞ୍ଜିନିବେଶ ହୋଇଥିବା ୩ ଶିଳ୍ପର ଉଦ୍‌ଘାଟନ କରିଛନ୍ତି। ଏ ସମସ୍ତ ଶିଳ୍ପରେ ୧୫୩୭.୦୭ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏଥିରେ ୩,୭୭୩ ନିଯୁକ୍ତି ସୁଯୋଗ ସୃଷ୍ଟିହେବ।

ବୟନଶିଳ୍ପ, ରାସାୟନିକ ସାର, ଖାଦ୍ୟ ପ୍ରକ୍ରିୟାକରଣ, ବର୍ଜ୍ୟବସ୍ତୁ ପରିଚାଳନା, ଅକ୍ଷୟ ଶକ୍ତି ଉତ୍ପାଦନ, ପ୍ଲାଷ୍ଟିକ, ମେଟାଲ ଓ ଆନୁଷଙ୍ଗିକ ଶିଳ୍ପରେ ପୁଞ୍ଜିନିବେଶ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପୁଞ୍ଜି ନିବେଶ କ୍ଷେତ୍ରରେ ଏକ ସର୍ବୋଚ୍ଚ ଲକ୍ଷ୍ୟ ସ୍ଥଳରେ ପରିଣତ ହୋଇପାରିଛି। ପୂର୍ବ ଭାରତର ଏହା ଶିଳ୍ପ ହବ୍ ଭାବେ ଉଭା ହୋଇଛି। ରାଜ୍ୟ ସରକାରଙ୍କ ସ୍ଥିର ଶିଳ୍ପ ନୀତି ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ଇଜ୍ ଅଫ୍ ଡୁଇଂରେ ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାରେ ସହାୟକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଶିଳ୍ପଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧି ନୁହେଁ, ସେମାନଙ୍କର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି। କୋଭିଡ୍ ଦ୍ୱିତୀୟ ଲହର ସମୟରେ ଅକ୍ସିଜେନ ଅଭାବକୁ ଦୂର କରିବାରେ ଶିଳ୍ପାନୁଷ୍ଠାନଗୁଡ଼ିକ ସହାୟତା କରିଛନ୍ତି। ଅନ୍ୟ ରାଜ୍ୟକୁ ଜୀବନ ରକ୍ଷାକାରୀ ଅକ୍ସିଜେନ ଯୋଗାଇବାରେ ☞ପୃଷ୍ଠା-୪

# ଡିଏଫ୍‌ଓଙ୍କୁ ଏସ୍‌ପିଙ୍କ କ୍ଲିନ୍‌ଚିଟ୍

**ଏସିଏଫ୍ ସୌମ୍ୟ ମୃତ୍ୟୁ ମାମଲା**

- ବଲାଙ୍ଗୀର ଯାଇଥିବା ଡ୍ରାଇଭରଙ୍କୁ ପଚରାଉଚରା
- ମାନବିକତା ଦେଖାଇଥିଲେ ଗୁରାଣ୍ଡି ଓଆଇସି

**ପାରଳାଖେମୁଣ୍ଡି,୨୩।୭(ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣା ଭିନ୍ନମୋଡ଼ ନେଇଛି। ସୌମ୍ୟଙ୍କୁ ଷଡ଼ଯନ୍ତ୍ର କରି ପୋଡ଼ି ହତ୍ୟା କରାଯାଇଛି ଓ ଏଥିରେ ଡିଏଫ୍‌ଓଙ୍କ ସମ୍ପୃକ୍ତି ଥିବା ପରିବାର ଲୋକେ ପ୍ରଥମରୁ ଅଭିଯୋଗ କରି ଆସୁଥିଲେ। ଶୁକ୍ରବାର ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କୁ କ୍ଲିନ୍‌ଚିଟ୍ ଦେଇଛନ୍ତି। ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟଣା ସହ ଡିଏଫ୍‌ଓଙ୍କର ସମ୍ପୃକ୍ତି ନାହିଁ। ଏପରିକି ଏସିଏଫ୍‌ଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ସହ ଡିଏଫ୍‌ଓ ଯୋଗାଯୋଗ କରୁ ନ ଥିବା କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍)ରୁ ଜଣାପଡ଼ିଛି। ସୌମ୍ୟଙ୍କ ରୋଷେୟା ସହ ଡିଏଫ୍‌ଓଙ୍କର କୌଣସି ସମ୍ବନ୍ଧ ନାହିଁ ବୋଲି ସିଡିଆର୍‌ରୁ ଜଣାପଡ଼ିଛି। ପୋଡିହୋଇଥିବା ସୌମ୍ୟଙ୍କୁ ମେଡିକାଲ ପଠାଇବା ପାଇଁ ବ୍ୟବସ୍ଥା କରିବାକୁ ଘଟଣାଦିନ ରାତିରେ ଡିଏଫ୍‌ଓ ଆସିଥିଲେ ☞ପୃଷ୍ଠା-୪



ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା






ଲକ୍ଷ୍ନୌର ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସ୍‌ରେ ଭର୍ତ୍ତି ହୋଇଥିବା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ତାଙ୍କୁ ଲାଇଫ୍ ସପୋର୍ଟ ସିଷ୍ଟମ୍‌ରେ ରଖାଯାଇଥିବା ଶୁକ୍ରବାର ହସ୍ପିଟାଲ ପକ୍ଷରୁ କୁହାଯାଇଛି। ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ସଂକ୍ରମଣ ଯୋଗୁ ଚଳିତ ମାସ ୪ ତାରିଖରେ ୮୯ ବର୍ଷୀୟ କଲ୍ୟାଣ ସିଂଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା।

## ସଂକ୍ଷେପରେ

### ୪୫ ଶରଣାର୍ଥୀଙ୍କ ସହ ବୋଟ୍ ବୁଡ଼ିଗଲା

**ଇସ୍ତାନବୁଲ୍, ୨୩।୭:** ତୁର୍କୀରୁ ୪୫ ଶରଣାର୍ଥୀଙ୍କୁ ନେଇ ଗ୍ରୀକ୍ ଯାଉଥିବା ଏକ ବୋଟ୍ ଶୁକ୍ରବାର ଦକ୍ଷିଣପୂର୍ବ ଆଜିଆନ୍ ସି'ରେ ବୁଡ଼ିଯାଇଛି। ଉଦ୍ଧାରକାରୀ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଥିବା ତୁର୍କୀ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୁଇଟି ଜାହାଜ ଏବଂ ଗୋଟିଏ ବିମାନ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ଶରଣାର୍ଥୀମାନେ ତୁର୍କୀରୁ ଆଜିଆନ୍ ସି' ଦେଇ ଗ୍ରୀସ୍ ପଳାଇଯିବାକୁ ଚାହୁଁଥିଲେ। କାର୍ପାଥୋସ୍ ଦ୍ୱୀପଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ବୋଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ସୀମାରେ ଡ୍ରୋନ୍ ଖସାଇଲା ପୋଲିସ

**ଶ୍ରୀନଗର, ୨୩।୭:** ଜମ୍ମୁ-କଶ୍ମୀର ପୋଲିସ ଶୁକ୍ରବାର ସୀମାନ୍ତ ଅଖନୁର ଅଞ୍ଚଳରେ ଉଡୁଥିବା ଏକ ଡ୍ରୋନ୍‌କୁ ଗୁଳି କରି ଖସାଇ ଦେଇଛି। ପୂର୍ବରୁ ଜମ୍ମୁ ବାୟୁସେନା ଘାଟି ନିକଟରେ ବୋମା ପକାଇବାରେ ବ୍ୟବହୃତ ଡ୍ରୋନ୍‌ରେ ଯେଉଁ ଥ୍ରେଡ୍ ବ୍ୟବହାର କରାଯାଇଥିଲା ଅଖ୍‌ନୁର ଅଞ୍ଚଳରେ ଖସାଯାଇଥିବା ଡ୍ରୋନ୍‌ରେ ଅନୁରୂପ ଥ୍ରେଡ୍ ରହିଥିବା ପୋଲିସ କହିଛି। ଉକ୍ତ ଡ୍ରୋନ୍ ୫ କିଲୋଗ୍ରାମ ଆଇଇଡ଼ି ସହ ଜମ୍ମୁର ଅଖ୍‌ନୁର ଅଞ୍ଚଳକୁ ଆସିଥିଲା ବୋଲି ଜମ୍ମୁ ପୋଲିସ ଏଡିଜି ମୁକେଶ ସିଂ କହିଛନ୍ତି। ୬ ୱିଙ୍ଗ ବିଶିଷ୍ଟ ଏହି ଡ୍ରୋନ୍ ସହ ଫ୍ଲାଇଟ୍ କଣ୍ଟ୍ରୋଲର ଏବଂ ଜିପିଏସ୍ ସଂଯୋଗ ହୋଇଥିଲା। ଅଖନୁରର କୌଣସି ଅଞ୍ଚଳରେ ଉକ୍ତ ବିସ୍ଫୋରକ ଖସାଯାଇଥାନ୍ତା। ଏହି ଘଟଣାରେ ଜୈଶ-ଇ-ମହମ୍ମଦ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି।

### ୨୭ରେ ଆସିବେ ଆମେରିକା ପରରାଷ୍ଟ୍ର ସଚିବ

**ନୂଆଦିଲ୍ଲୀ, ୨୩।୭:** ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ଯୋଗୁ ଉକ୍ତ ଅଞ୍ଚଳର ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଥିବାବେଳେ ୟୁଏସ୍ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଆସନ୍ତା ମଙ୍ଗଳବାର ଭାରତ ଗସ୍ତରେ ଆସୁଛନ୍ତି। ଦୁଇଦିନିଆ ଗସ୍ତ ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ ଭେଟିବେ। ଆମେରିକା ପରରାଷ୍ଟ୍ର ସଚିବ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ବ୍ଲିଙ୍କେନ୍‌ଙ୍କ ପ୍ରଥମ ଭାରତ ଗସ୍ତ। ପୂର୍ବରୁ ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନ୍ ନୂଆଦିଲ୍ଲୀ ଗସ୍ତରେ ଆସିଥିବାବେଳେ କରୋନା ପାଇଁ ବ୍ଲିଙ୍କେନଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଥିଲା।



### ୨ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୩।୭:** କଶ୍ମୀରର ସୋପୋରରେ ଏନ୍‌କାଉଣ୍ଟରରେ୨ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ୱାରପୋରା ଅଞ୍ଚଳରେ ଆତଙ୍କବାଦୀ ଲୁଚି ଥିବାବେଳେ ଶ୍ରୀନଗର ପୋଲିସ, ସିଆର୍‌ପିଏଫ୍ ଏବଂ ସେନା ଯବାନ ତଲାସି ଅଭିଯାନ ଚଳାଇଥିଲେ। ଆତଙ୍କବାଦୀମାନଙ୍କୁ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦିଆଯାଇଥିଲା। ହେଲେ ସେମାନେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଆତଙ୍କବାଦୀ ୱାରପୋରା ଅଞ୍ଚଳର ଫୟାଜ ଅହମଦ ୱାର ଓରଫ ରୁକନା ଓରଫ ଉମର ଏବଂ ବଡ୍‌ଗାମ ଅଞ୍ଚଳର ଶହିନ ଅହମଦ ମିର୍ ଓରଫ ଶହିନ ମୋଲଭି।

# ମମତା ସଂସଦୀୟ ଦଳ ଅଧକ୍ଷା

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସଂସଦୀୟ ଦଳ ଅଧକ୍ଷା ହେବାକୁ ଯାଉଛନ୍ତି। ଟିଏମ୍‌ସି ସୁପ୍ରିମୋଙ୍କ ସୋମବାର ନୂଆଦିଲ୍ଲୀ ଗସ୍ତ ପୂର୍ବରୁ ଶୁକ୍ରବାର ଦଳୀୟ ଏମ୍‌ପି ଡେରେକ୍ ଓ'ବ୍ରାଏନ୍ ଏନେଇ ଘୋଷଣା କରିଛନ୍ତି। ଟିଏମ୍‌ସିର ସୁଦୀପ ବନ୍ଦୋପାଧ୍ୟାୟଙ୍କଠାରୁ ମମତା ଏହି ଦାୟିତ୍ୱ ଗ୍ରହଣ କରିବେ। ଏହାସହ ପାର୍ଲାମେଣ୍ଟକୁ ନିର୍ବାଚିତ ନ ହୋଇ ସଂସଦୀୟ ଦଳ ମୁଖ୍ୟ ହେବା ନେତାଙ୍କ ମଧ୍ୟରେ ସେ ସାମିଲ ହେବେ। ୧୯୯୮ରେ ସୋନିଆ ଗାନ୍ଧୀ ଦଳର ଅଧକ୍ଷା ହୋଇଥିବାବେଳେ କଂଗ୍ରେସ ସଂସଦୀୟ ଦଳର ନେତୃତ୍ୱ ନେଇଥିଲେ।





# ଦାୟିତ୍ୱ ନେଲେ ସିଦ୍ଧୁ

ବରିଷ୍ଠ ନେତା ନବଜ୍ୟୋତ ସିଂ ସିଦ୍ଧୁ ଶୁକ୍ରବାର ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସମେତ ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ରାଜ୍ୟର ମଙ୍ଗଳ ପାଇଁ ସେମାନେ ଏକାଠି କାମ କରିବେ ବୋଲି ଅମରିନ୍ଦର କହିଛନ୍ତି। ସୁନୀଲ୍ ଜାଖରଙ୍କ ସ୍ଥାନରେ ସିଦ୍ଧୁ ପିସିସି ମୁଖ୍ୟ ହୋଇଥିବାବେଳେ ୪ ଜଣ କାର୍ଯ୍ୟକାରୀ ସଭାପତି ମଧ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ବର୍ଷ ପଞ୍ଜାବ ବିଧାନସଭା ନିର୍ବାଚନ ଥିବାରୁ ସିଦ୍ଧୁଙ୍କୁ ସହାୟତା କରିବା ପାଇଁ ଦଳ ହାଇକମାଣ୍ଡ ସଙ୍ଗତ୍ ସିଂ ଗିଲଜିଆନ୍, ସୁଖୱିନ୍ଦର ସିଂ ଡାନି, ପୱନ ଗୋୟଲ ଏବଂ କୁଲ୍‌ଜିତ ସିଂ ନଗ୍ରାଙ୍କୁ କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରିଥିଲେ।



## ମହାରାଷ୍ଟ୍ରରେ ବର୍ଷା ବିଭ୍ରାଟ

# ଭୂସ୍ଖଳନରେ ୭୧ ମୃତ

**ମୁମ୍ବାଇ, ୨୩।୭**

ଦୁଇଦିନ ଧରି ଲଗାଣ ବର୍ଷା ଫଳରେ ମହାରାଷ୍ଟ୍ରର ରାଇଗଡ଼, ରତ୍ନଗିରି ଏବଂ ସତାରା ଜିଲାରେ ଭୂସ୍ଖଳନ ଘଟି ୭୧ ଜଣଙ୍କ ମୃତ୍ୟୁ ହୋଇଛି। ରାଇଗଡ଼ ଜିଲାର ତାଲିୟା ଗ୍ରାମ ନିକଟରେ ଭୂସ୍ଖଳନ ଯୋଗୁ ୩୮ ଜୀବନ ଯାଇଥିବାବେଳେ ପୋଲାଦପୁରରେ ୧୧ ଜଣ ପ୍ରାଣ ହରାଇଛନ୍ତି। ସେହିପରି ସତାରା ଜିଲାରେ ୧୪ ଏବଂ ଚିପ୍‌ଲୁନ୍‌ରେ ଦୁଇ ଦିନରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ଆଉ କେତେଜଣ ମାଟିତଳେ ରହିଯାଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ହେଲିକପ୍ଟର ସହ ଏନ୍‌ଡିଆର୍‌ଏଫ୍ ଟିମ୍, ସ୍ଥଳସେନା, ବାୟୁସେନା ଓ ନୌସେନା ଯବାନ ନିୟୋଜିତ ହୋଇଛନ୍ତି। ବନ୍ୟା ଅଞ୍ଚଳରୁ ୧୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଗଲାଣି।

ପ୍ରବଳ ବର୍ଷା ଯୋଗୁ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଆସି ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଓ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଛି। ରାଇଗଡ଼, ରତ୍ନଗିରି, ସତାରା ସମେତ ବିଭିନ୍ନ ଜିଲାରେ ଦୁଇଦିନ ହେଲା ପ୍ରବଳ ବର୍ଷା ଲାଗିରହିଛି। ବଶିଷ୍ଟି ନଦୀରେ ବନ୍ୟା ଆସିଛି। ଚିପ୍‌ଲୁନ୍ ଅଞ୍ଚଳରେ ୩.୫ ମିଟର ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି। ଗୁରୁବାର ରାତିରେ ମହଦ ତହସିଲ୍ ଅଞ୍ଚଳ ଅନ୍ତର୍ଗତ ତିନୋଟି ସ୍ଥାନରେ ଭୂସ୍ଖଳନ ହୋଇଥିଲା। ଉକ୍ତ ଅଞ୍ଚଳରେ ଦୁଇଦିନରେ ରେକର୍ଡ ପରିମାଣର ବର୍ଷା ହୋଇଛି। ପାହାଡ଼ିଆ ଅଞ୍ଚଳରେ ଥିବା କେତେକ ଗାଁ ବନ୍ୟା ଓ ଭୂସ୍ଖଳନରେ ଭାସିଯାଇଛି।



ଆକାଶମାର୍ଗରୁ ଜଳମଗ୍ନ ରାଇଗଡ଼ର ଦୃଶ୍ୟ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ଫୋନ୍ ଯୋଗେ କଥା ହେବା ସହ ବନ୍ୟା ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ରାଇଗଡ଼ ଭୂସ୍ଖଳନରେ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ଏଥିସହିତ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ପିଏମ୍‌ଏନ୍‌ଆର୍‌ଏଫ୍‌ରୁ ପ୍ରତି ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରାଇଗଡ଼ ଘଟଣାରେ ଦୁଃଖ ପ୍ରକାଶ କରିବା ସହ ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ସହାୟତା କରିବା ଲାଗି କଂଗ୍ରେସ କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଠାକ୍‌ରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ କଥା ହୋଇ ଉଦ୍ଧାର ଓ ରିଲିଫ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବୁଝିଥିଲେ।

ଅନ୍ୟ ଏକ ଘଟଣାରେ ଗୁରୁବାର ରାତି ସାଢ଼େ ୨ଟା ବେଳେ କୋହ୍ଲାପୁର ଜିଲାରେ ଏକ ବସ୍ ନଦୀ ମଧ୍ୟକୁ ଭାସିଯାଇଛି। ତେବେ ବସ୍‌ରେ ଥିବା ସମସ୍ତ ୧୧ ଜଣଙ୍କୁ ଉଦ୍ଧାର କରାଯାଇଛି। ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେଉଥିବାବେଳେ ପୋଲିସର ବାରଣ ସତ୍ତ୍ୱେ ଡ୍ରାଇଭର ବସ୍ ଏହା ଉପରେ ନେଇଯିବାରୁ ତାହା ଚିକୋଡ଼ି ନଦୀ ମଧ୍ୟକୁ ଭାସିଯାଇଥିଲା।

- ଉଦ୍ଧାର କାର୍ଯ୍ୟରେ ସେନା
- ମୃତକଙ୍କ ପରିବାରକୁ ୨ ଲକ୍ଷ ସହାୟତା
- ଉଦ୍ଧବଙ୍କୁ ଫୋନ୍ କଲେ ଶାହା

ମହାରାଷ୍ଟ୍ରର ବିଭିନ୍ନ ଜିଲାରେ ଆଉ କିଛିଦିନ ପ୍ରବଳ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ସହ ସତର୍କ ସୂଚନା ଜାରି କରିଛି। ପ୍ରବଳ ବର୍ଷା ଯୋଗୁ ବନ୍ୟା ଓ ଭୂସ୍ଖଳନରେ କୋଙ୍କଣ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ ମୁଖ୍ୟମନ୍ତ୍ରୀ କିମ୍ବା ସରକାରୀ ଅଧିକାରୀମାନେ ଏପର୍ଯ୍ୟନ୍ତ ସେଠାକୁ ଯାଇ ନ ଥିବା ବିଧାନ ପରିଷଦର ବିରୋଧୀ ଦଳ ନେତା ପ୍ରବୀଣ ଡାରେକର ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହା ରାଜନୀତି କରିବା ସମୟ ନୁହେଁ ବୋଲି ଏମ୍‌ଏନ୍‌ଏସ୍ ମୁଖ୍ୟ ରାଜ୍ ଠାକ୍‌ରେ କହିଛନ୍ତି। ସମସ୍ତେ ଏକାଠି କାମ କରି ଯଥାଶୀଘ୍ର ସମ୍ଭବ ଲୋକଙ୍କୁ ଉଦ୍ଧାର କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

## ଅବ୍ଦୁଲ୍ଲାଙ୍କୁ ଭେଟିଲେ ଏସ୍. ଜୟଶଙ୍କର

**ନୂଆଦିଲ୍ଲୀ, ୨୩।୭**

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଆଫଗାନିସ୍ତାନର ଶୀର୍ଷ ଶାନ୍ତି ମଧ୍ୟସ୍ଥ ଡ. ଅବ୍ଦୁଲ୍ଲା ଅବ୍ଦୁଲ୍ଲାଙ୍କୁ ଭେଟିଛନ୍ତି। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ପରିପ୍ରେକ୍ଷୀରେ ସେଠାରେ ଉପୁଜିଥିବା ହିଂସାତ୍ମକ ସ୍ଥିତି ସମ୍ପର୍କରେ ଉଭୟେ ଆଲୋଚନା କରିଛନ୍ତି। ପ୍ରଭାବଶାଳୀ ହାଇ କାଉନ୍‌ସିଲ୍ ଫର୍ ନ୍ୟାଶନାଲ ରିକନ୍‌ସିଲିଏଶନ୍ ଅଧକ୍ଷ ଆଫଗାନିସ୍ତାନରେ ଶାନ୍ତି ଓ ସ୍ଥିରତା ଫେରାଇଆଣିବା ପାଇଁ ସମସ୍ତ ପକ୍ଷଙ୍କ ସହ ଚାଲିଥିବା ଆଲୋଚନାରେ ମୁଖ୍ୟ ଭୂମିକା ନେଉଛନ୍ତି।

## ଆଫଗାନିସ୍ତାନରେ ଏୟାରଷ୍ଟ୍ରାଇକ୍

**ୱାଶିଂଟନ, ୨୩।୭**

ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କ ଘରବାହୁଡ଼ା ପରେ ଦେଶର ୪୦୦ରୁ ଊର୍ଦ୍ଧ୍ୱ ଜିଲାକୁ ତାଲିବାନ ଦଖଲ କରିସାରିଛି। ଇତିମଧ୍ୟରେ ଆମେରିକା ପକ୍ଷରୁ ଆଫଗାନିସ୍ତାନର କେତେକ ଅଞ୍ଚଳରେ ଆକାଶମାର୍ଗରୁ ରକେଟ ମାଡ଼ କରାଯାଇଛି। ଆଫଗାନ ନ୍ୟାଶନାଲ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଫୋର୍ସେସ୍ ସମର୍ଥନରେ ଏହି ଏୟାରଷ୍ଟ୍ରାଇକ୍ କରାଯାଇଥିବା ପେଣ୍ଟାଗନ ପ୍ରେସ୍ ସେକ୍ରେଟାରି ଜନ୍ କିର୍ବି ସୂଚନା ଦେଇଛନ୍ତି।

# ତିବ୍ବତରେ ଶି ଜିନ୍‌ପିଙ୍ଗ୍

**ବେଜିଂ, ୨୩।୭**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତିବ୍ବତକୁ ଆକସ୍ମିକ ଗସ୍ତ କରିଛନ୍ତି। ରାଷ୍ଟ୍ରପତି ହେବା ପରେ ଏହା ହେଉଛି ତାଙ୍କର ପ୍ରଥମ ତିବ୍ବତ ଯାତ୍ରା। ଏନେଇ ଚାଇନାର ସରକାରୀ ଚ୍ୟାନେଲ ସିସିଟିଭି ପକ୍ଷରୁ ଶୁକ୍ରବାର ଏକ ଭିଡିଓ ଫୁଟେଜ୍ ଜାରି କରାଯାଇଛି। ଜିନ୍‌ପିଙ୍ଗ୍ ସ୍ଥାନୀୟ ସମ୍ପ୍ରଦାୟର ପୋଷାକ ପରିଧାନ କରି ଅଭିବାଦନ ଜଣାଉଥିବା ଏଥିରେ ଦେଖିବାକୁ ମିଳିଛି। ସେ ନିଜ ବିମାନରୁ ରେଡ୍ କାର୍ପେଟକୁ ଓହ୍ଲାଇବା ପରେ କଳାକାରମାନେ ନୃତ୍ୟ କରି ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି।

ଭାରତ-ଚାଇନା ମଧ୍ୟରେ ସୀମା ବିବାଦ ଲାଗିରହିଥିବାବେଳେ ରାଜନୈତିକ ଦୃଷ୍ଟିରୁ ଚାଇନାର ସମ୍ବେଦନଶୀଳ ଅଞ୍ଚଳ ତିବ୍ବତକୁ ଜିନ୍‌ପିଙ୍ଗ୍ ଗସ୍ତ କରିଥିବା ସେଠାକାର ଗଣମାଧ୍ୟମଗୁଡ଼ିକରେ ରିପୋର୍ଟ ପ୍ରକାଶ ପାଇଛି। ସେ ଅରୁଣାଚଳ ପ୍ରଦେଶ ସୀମା ସଂଲଗ୍ନ ଦକ୍ଷିଣ-ପୂର୍ବ ତିବ୍ବତର ନ୍ୟାଙ୍ଗଚି ମେନ୍‌ଲିଙ୍ଗ୍ ବିମାନବନ୍ଦରରେ ବୁଧବାର ପହଞ୍ଚିଥିଲେ। କିନ୍ତୁ ଏନେଇ ଗତ ଦୁଇଦିନ ମଧ୍ୟରେ କୌଣସି ସୂଚନା ଦିଆଯାଇ ନ ଥିଲା। କ୍ୟାଡର ଓ ସାଧାରଣ ଲୋକେ ତାଙ୍କୁ ସେଠାରେ ସ୍ୱାଗତ କରିବା ପରେ ଜିନ୍‌ପିଙ୍ଗ୍ ନ୍ୟାଙ୍ଗ୍ ବ୍ରିଜ୍‌କୁ ଯାଇ ସ୍ଥାନୀୟ ପରିବେଶ ସୁରକ୍ଷା ସମ୍ପର୍କରେ ବୁଝାବୁଝି କରିଥିଲେ। ସେହିପରି ନ୍ୟାଙ୍ଗଚି ସିଟି ପ୍ଲାନିଂ ମ୍ୟୁଜିୟମ୍‌କୁ ମଧ୍ୟ ସେ ପରିଦର୍ଶନ କରିଥିଲେ। ସେଠାରେ ସେ ପାର୍କ ନିର୍ମାଣ ଓ ସହରାଞ୍ଚଳ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଜିନ୍‌ପିଙ୍ଗ୍ ଗୁରୁବାର ନ୍ୟାଙ୍ଗଚି ରେଲୱେ ଷ୍ଟେଶନକୁ ଯାଇ ସିଚୁଆନ୍-ତିବ୍ବତ ରେଲୱେ ଯୋଜନା ସମ୍ପର୍କରେ ବୁଝାଶୁଝା କରିବା ପରେ ଲହସାକୁ ଟ୍ରେନ୍ ଯାତ୍ରା କରିଥିଲେ। ୨୦୦୮ରୁ ତିବ୍ବତରେ ଚାଇନା ପକ୍ଷରୁ ବିପୁଳ ପୁଞ୍ଜିନିବେଶ କରାଯାଉଛି। ବିଶେଷକରି ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଉପରେ ବେଜିଂ ଗୁରୁତ୍ୱ ଦେଉଥିବା କୁହାଯାଉଛି। ପ୍ରକାଶ ଯେ, ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ତିବ୍ବତକୁ ଏହା ଚାଇନାର କୌଣସି ଶୀର୍ଷ ନେତାଙ୍କ ପ୍ରଥମ ଗସ୍ତ। ଏହା ପୂର୍ବରୁ ଜିନ୍‌ପିଙ୍ଗ୍ ୧୯୯୮ରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା(ସିପିସି)ର ଫୁଜିଆନ୍ ପ୍ରଦେଶ ମୁଖ୍ୟ ଭାବେ ଏବଂ ୨୦୧୧ରେ ଉପାଧକ୍ଷ ଥିବାବେଳେ ତିବ୍ବତ ଗସ୍ତ କରିଥିଲେ। ୧୯୯୦ରେ ଜିଆଙ୍ଗ୍ ଜେମିନ୍ ରାଷ୍ଟ୍ରପତି ଥିବାବେଳେ ତିବ୍ବତ ଯାଇଥିଲେ।




**୩ ଦଶନ୍ଧି ପରେ ଚାଇନା ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ**

# ଶିଳ୍ପାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଜେରା

**ମୁମ୍ବାଇ, ୨୩।୭**

ମୁମ୍ବାଇ ପୋଲିସ କ୍ରାଇମ୍ ବ୍ରାଞ୍ଚର ଏକ ଟିମ୍ ଶୁକ୍ରବାର ସନ୍ଧ୍ୟାରେ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ବାସଭବନରେ ପହଞ୍ଚି ସ୍ୱାମୀ ରାଜ କୁନ୍ଦ୍ରାଙ୍କ ଅଶ୍ଳୀଳ ଚଳଚ୍ଚିତ୍ର ସହ ସମ୍ପୃକ୍ତି ନେଇ ତାଙ୍କ ବୟାନ ରେକର୍ଡ କରିଛି। କୁନ୍ଦ୍ରାଙ୍କ ପର୍ନୋଗ୍ରାଫି ଫିଲ୍ମ ବ୍ୟବସାୟ ସମ୍ପର୍କରେ ଶିଳ୍ପା ଜାଣିଥିଲେ କି ନାହିଁ ପୋଲିସ ତାହାର ତଦନ୍ତ କରୁଛି। କୁନ୍ଦ୍ରାଙ୍କ ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟ୍‌ମେଣ୍ଟ ଯାଞ୍ଚ ସହ ତାଙ୍କ କମ୍ପାନୀ ଏବଂ କେନ୍‌ରିନ୍ ମଧ୍ୟରେ ହୋଇଥିବା କାରବାରର ତଦନ୍ତ କରୁଛି। କ୍ରିକେଟ ବେଟିଂ ସଂସ୍ଥା ମର୍କୁରି ଇଣ୍ଟରନ୍ୟାଶନାଲର ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଆଫ୍ରିକା ଆକାଉଣ୍ଟରୁ କୁନ୍ଦ୍ରାଙ୍କ ୟେସ୍ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଥିବା ଯାଞ୍ଚରୁ ଜଣାପଡ଼ିଛି।



**କୁନ୍ଦ୍ରାଙ୍କ ହାଜତ ମିଆଦ ୨୭ ଯାଏ ବଢ଼ିଲା**

ଅଶ୍ଳୀଳ ଚଳଚ୍ଚିତ୍ର ନିର୍ମାଣ କରି ମୋବାଇଲ ଆପ୍‌ରେ ଛାଡ଼ିବା ଅଭିଯୋଗରେ ଗତ ୧୯ ତାରିଖରେ ଗିରଫ ହୋଇଥିବା କୁନ୍ଦ୍ରାଙ୍କ ହାଜତ ମିଆଦକୁ ମୁମ୍ବାଇର ଏକ ଅଦାଲତ ଜୁଲାଇ ୨୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କୁନ୍ଦ୍ରା ଏକ ମୋବାଇଲ ଆପ୍ଲିକେଶନ ଚଳାଉଥିଲେ, ଯେଉଁଥିରେ ଅଶ୍ଳୀଳ ଭିଡିଓ ପ୍ରଦର୍ଶିତ ହେଉଥିଲା। ଏଥିରୁ ସେ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିଲେ। ପୋଲିସ କହିବା ଅନୁଯାୟୀ, ନବାଗତଙ୍କୁ ୱେବ୍ ସିରିଜ୍‌ରେ ସୁଯୋଗ ଦେବାର ପ୍ରଲୋଭନ ଦେଖାଇ ସେମାନଙ୍କ ଇଚ୍ଛା ବିରୋଧରେ ବୋଲ୍ଡ ସିନ୍‌ରୁ ଅର୍ଦ୍ଧନଗ୍ନ ଏବଂ ନଗ୍ନ ସିନ୍ ପାଇଁ କାମ କରିବାକୁ ବାଧ୍ୟ କରାଯାଉଥିଲା। ଏନେଇ ଗତ ଫେବୃୟାରୀରେ ମାମଲା ରୁଜୁ ହୋଇଥିଲା। କୁନ୍ଦ୍ରାଙ୍କ ଭିଆନ୍ ଇଣ୍ଡଷ୍ଟ୍ରିଜ୍‌ର ବ୍ରିଟେନରେ ଥିବା କେନ୍‌ରିନ୍ ପ୍ରା.ଲିଃ ସହ ଯୋଗାଯୋଗ ରହିଥିବାରୁ ଉକ୍ତ କମ୍ପାନୀ ମଧ୍ୟ ପୋଲିସ ସନ୍ଦେହ ଘେରରେ ରହିଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା କୁନ୍ଦ୍ରାଙ୍କ ଭିଣୋଇ ପ୍ରଦୀପ ବକ୍ସି କେନ୍‌ରିନ୍ କମ୍ପାନୀର ମାଲିକଙ୍କ ସମେତ ୯ ଜଣଙ୍କୁ ଗିରଫ କରାଗଲାଣି। ଅନ୍ୟପକ୍ଷରେ ଗିରଫଦାରିକୁ କୁନ୍ଦ୍ରା ବମ୍ବେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

## 'ସ୍ୱରାଷ୍ଟ୍ରମନ୍ତ୍ରୀ ଇସ୍ତଫା ଦିଅନ୍ତୁ'

**ନୂଆଦିଲ୍ଲୀ, ୨୩।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଶ ତଥା ଗଣତନ୍ତ୍ର ବିରୋଧରେ ପେଗାସସ୍ ସ୍ପାଏୱେରକୁ ବ୍ୟବହାର କରିଛନ୍ତି। ଏଭଳି କାର୍ଯ୍ୟକୁ 'ଦେଶଦ୍ରୋହ' ହିଁ କୁହାଯିବ। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ଗୁପ୍ତଚରଗିରିର ତଦନ୍ତ କରାଯାଉ। ଶାହା ଇସ୍ତଫା ଦିଅନ୍ତୁ ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି। ରାହୁଲ କହିଛନ୍ତି, ଇସ୍ରାଏଲର ପେଗାସସ୍ ଅସ୍ତ୍ରକୁ ଆତଙ୍କବାଦୀଙ୍କ ବିରୋଧରେ ବ୍ୟବହାର କରାଯାଏ। କିନ୍ତୁ ମୋଦି ଓ ଶାହା ଆମ ଦେଶ ତଥା ସାମ୍ବିଧାନିକ ସଂସ୍ଥାଗୁଡ଼ିକ ବିରୋଧରେ ଏହାକୁ ବ୍ୟବହାର କରିଛନ୍ତି। ଏପରିକି କର୍ଣ୍ଣାଟକରେ ଏହାକୁ ରାଜନୈତିକ ଅସ୍ତ୍ର ରୂପେ ବ୍ୟବହାର କରାଯାଇଛି। ରାଫାଲ ଯୁଦ୍ଧବିମାନ ତଦନ୍ତ ଅଟକାଇବା ଲାଗି ସୁପ୍ରିମକୋର୍ଟଙ୍କ ବିରୋଧରେ ମଧ୍ୟ ଏହି ଅସ୍ତ୍ରର ଉପଯୋଗ କରାଯାଇଛି।





ପାର୍ଲାମେଣ୍ଟ ପରିସର ଗାନ୍ଧୀମୂର୍ତ୍ତି ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ଦଳ ତଥା ଡିଏମ୍‌କେ ଏମ୍‌ପିମାନଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପେଗାସସ୍, ଚାଷୀ ପ୍ରସଙ୍ଗରେ ସଂସଦ ଅଚଳ

**ନୂଆଦିଲ୍ଲୀ, ୨୩।୭**

ପେଗାସସ୍ ସ୍ପାଏୱେର ଓ ଚାଷୀ ପ୍ରସଙ୍ଗରେ ଶୁକ୍ରବାର ଚତୁର୍ଥ ଦିନ ଧରି ପାର୍ଲାମେଣ୍ଟରେ ଅଚଳାବସ୍ଥା ଦେଖାଦେଇଛି। ଲୋକ ସଭା ଓ ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେଇ ହଟ୍ଟଗୋଳ କରିବାରୁ ଉଭୟ ଗୃହକୁ ସ୍ଥଗିତ ରଖିବାକୁ ପଡ଼ିଛି। ପୂର୍ବାହ୍ନ ୧୧ଟାରେ ଲୋକ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ମଧ୍ୟଭାଗକୁ ଯିବାକୁ ଉଦ୍ୟମ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପ୍ରତିଯୋଗୀଙ୍କ ସମ୍ପର୍କରେ ବାଚସ୍ପତି ଓମ୍ ବିର୍ଲା ବକ୍ତବ୍ୟ ରଖିବାକୁ ଯାଉଥିବାରୁ ସେମାନଙ୍କୁ ନିଜ ନିଜ ଦଳର ନେତାମାନେ ଅଟକାଇଥିଲେ। ବିର୍ଲା ଭାରତୀୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ପରେ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ସରକାର ପେଗାସସ୍ ସ୍ପାଏୱେର ଜରିଆରେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଗୃହକୁ ଜଣାନ୍ତୁ ବୋଲି ଟିଏମ୍‌ସି ପକ୍ଷରୁ ଦାବି କରାଯାଇଥିଲା। କଂଗ୍ରେସ ସଦସ୍ୟମାନେ ପେଗାସସ୍ ଅଭିଯୋଗର ନ୍ୟାୟିକ ତଦନ୍ତ ଦାବି କରିଥିଲେ। ସେମାନେ ବାଚସ୍ପତିଙ୍କୁ ନିଜ ନିଜ ସେଲ୍‌ଫୋନ୍ ଦେଖାଇଥିଲେ। ଏସ୍‌ଏଡିର ହରସିମରତ କୌର ବାଦଲ ଏକ ପ୍ଲାକାର୍ଡ ଧରିଥିଲେ, ଯେଉଁଥିରେ ୩ ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ଦାବି କରାଯାଇଥିଲା। ଅନ୍ୟ ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ 'ଗୁପ୍ତଚରଗିରି ବନ୍ଦ କର'। ବାରମ୍ବାର ଅନୁରୋଧ ସତ୍ତ୍ୱେ ବାଚସ୍ପତିଙ୍କ କଥା କେହି ନ ଶୁଣିବାରୁ ସେ ବାଧହୋଇ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ। ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହୋଇଥିଲା। କିନ୍ତୁ ବିରୋଧୀ ସଦସ୍ୟ ଗୃହକୁ ଚଳାଇ ଦେଇ ନ ଥିଲେ। ଫଳରେ ସୋମବାର ପର୍ଯ୍ୟନ୍ତ ଲୋକ ସଭାକୁ ମୁଲତବୀ କରାଯାଇଛି। ରାଜ୍ୟ ସଭାରେ ମଧ୍ୟ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପେଗାସସ୍ ପ୍ରସଙ୍ଗରେ ବିତର୍କ ହେଉ ବୋଲି ଦାବି କରିଥିଲେ। ତେବେ ଗୃହରେ ଅଧକ୍ଷତା କରୁଥିବା ଭୁବନେଶ୍ୱର କଳିତା ଏନେଇ ସରକାରଙ୍କ ପକ୍ଷରୁ ପୂର୍ବରୁ ବିବୃତି ଦିଆଯାଇଥିବା ଦର୍ଶାଇ ଆଲୋଚନା ଲାଗି ଅନୁମତି ପ୍ରଦାନ କରି ନ ଥିଲେ। ଫଳରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ଗୃହକୁ ବାରମ୍ବାର ସ୍ଥଗିତ ରଖାଯାଇଥିଲା। ଶେଷରେ ସୋମବାର ଯାଏ ଗୃହକୁ ମୁଲତବୀ ରଖାଯାଇଛି।



## ରାଜ୍ୟ ସଭାରୁ ଶାନ୍ତନୁ ନିଲମ୍ବିତ

ପେଗାସସ୍ ସ୍ପାଏୱେର ପ୍ରସଙ୍ଗରେ ରାଜ୍ୟ ସଭାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହାତରୁ ବିବୃତି ରିପୋର୍ଟ ଛଡ଼ାଇଆଣି ଚିରି ଦେଇଥିବା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଡ. ଶାନ୍ତନୁ ସେନଙ୍କୁ ଶୁକ୍ରବାର ଉଚ୍ଚ ସଦନରୁ ନିଲମ୍ବିତ କରାଯାଇଛି। ମୌସୁମୀ ଅଧିବେଶନ ଶେଷ ହେବା ପର୍ଯ୍ୟନ୍ତ ସେ ରାଜ୍ୟ ସଭାକୁ ଯାଇପାରିବେ ନାହିଁ। ସରକାରଙ୍କ ପକ୍ଷରୁ ଏନେଇ ଆଗତ ପ୍ରସ୍ତାବ ଗୃହରେ ଗୃହୀତ ହେବା ପରେ ଶାନ୍ତନୁଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ ଶାନ୍ତନୁଙ୍କୁ ନିଲମ୍ବନ କରିବା ପାଇଁ ପ୍ରସ୍ତାବ ଆଣିଥିଲେ। ଧ୍ୱନିମତରେ ଉକ୍ତ ପ୍ରସ୍ତାବ ଗୃହୀତ ହେବା ପରେ ରାଜ୍ୟ ସଭା ଅଧକ୍ଷ ଏମ୍. ଭେଙ୍କାୟା ନାଇଡୁ ଶାନ୍ତନୁଙ୍କୁ ଗୃହ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଶାନ୍ତନୁଙ୍କ ବିଶୃଙ୍ଖଳିତ ଆଚରଣ ସଂସଦୀୟ ଗଣତନ୍ତ୍ର ପ୍ରତି ଆକ୍ରମଣ ବୋଲି ନାଇଡୁ ନିନ୍ଦା କରିଥିଲେ। ତେବେ ଏହି ପ୍ରସ୍ତାବ ଗୃହ କାର୍ଯ୍ୟରେ ତାଲିକାଭୁକ୍ତ ହୋଇ ନ ଥିବାରୁ ଯେଭଳି ଭାବେ ତାଙ୍କୁ ନିଲମ୍ବନ କରାଗଲା ତାକୁ ନେଇ ଟିଏମ୍‌ସି ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷେ ଶାନ୍ତନୁ ତାଙ୍କୁ ନିଲମ୍ବିତ କରାଯାଇଥିବାରୁ ଭାଜପାକୁ ଧନ୍ୟବାଦ ଦେଇଛନ୍ତି। ଏହାସହ ଆଗକୁ ଏପରି ସ୍ୱର ଉତ୍ତୋଳନ ଜାରି ରଖିବେ ବୋଲି କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୩୬,୬୮,୧୯୬ | ୪୧,୫୫,୬୮୯ | ୧୭,୫୮,୯୫,୯୨୮ |
| ଭାରତ | ୩,୧୨,୯୭,୨୨୨ | ୪,୧୯,୬୧୩ | ୩,୦୪,୬୮,୦୭୯ |
| ଓଡ଼ିଶା | ୯,୬୩,୮୫୧ | ୫୩୭୭(+୫୩) | ୯,୪୧,୨୦୪ |

ଶୁକ୍ରବାର ରାତି ୮ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



# ଦାରୁଦିଅଁଙ୍କ ନୀଳାଦ୍ରି ବିଜେ

ପୁରୀ ଅଫିସ,୨୩।୭

## ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନ ଭଞ୍ଜନ କଲେ ମହାପ୍ରଭୁ

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ନୀତି ସମ୍ପନ୍ନ ସହ ଚଳିତବର୍ଷ ଘୋଷଯାତ୍ରା ଶେଷ ହେଇଛି। ଶୁକ୍ରବାର ତିନିଠାକୁର ଗୋଟି ପହଣ୍ଡିରେ ଶ୍ରୀମନ୍ଦିର ରତ୍ନସିଂହାସନକୁ ବିଜେ କରିଛନ୍ତି। ନୀଳକନ୍ଦରକୁ ବାହୁଡ଼ାବେଳେ ସିଂହଦ୍ୱାର ଓ ଜୟବିଜୟ ଦ୍ୱାର ନିକଟରେ କାଳିଆ ଠାକୁରଙ୍କୁ ଅଭିମାନିନୀ ଲକ୍ଷ୍ମୀ ଠାକୁରାଣୀ ଅଟକାଇ ଥିଲେ। କାଳିଆ ଠାକୁର ରସଗୋଲା ଦେଇ ତାଙ୍କ ମାନ ଭଞ୍ଜନ କରିଥିଲେ। ରଥାରୂଢ଼ ଦିଅଁଙ୍କ ସକାଳ ଧୂପ ନୀତି ପୂର୍ବାହ୍ନ ୧୦ଟା ୧୦ରେ ସମ୍ପାଦିତ ହୋଇଥିଲା। ମଇଲମ ଓ ମହାସ୍ନାନ ୧୦ରୁ ୧୦ଟା ୧୫, ସର୍ବାଙ୍ଗ ବେଶ ୧୦ଟା ୫ରୁ ୧୦ଟା ୪୫, ମଧ୍ୟାହ୍ନ ଧୂପ ୧୧ଟାରୁ ୧୧ଟା ୫୦, ସନ୍ଧ୍ୟା ଆଳତି ୧୧ଟା ୪୦ରୁ ମଧ୍ୟାହ୍ନ ୧୨ଟା ୫, ଅପରାହ୍ନ ୧ଟାରେ ସନ୍ଧ୍ୟାଧୂପ ସରିଥିଲା। ଏହାପରେ ୩ଟା ୫୦ରେ ଚାରବନ୍ଧା କାର୍ଯ୍ୟ ଶେଷ ହୋଇଥିଲା। ଧୂପ ପରେ କାହାଳି ଓ ଘଣ୍ଟନାଦରେ ପହଣ୍ଡି ଆରମ୍ଭ ହୋଇଥିଲା। ମଦନମୋହନ ଓ ସୁଦର୍ଶନଙ୍କ ପରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ପହଣ୍ଡିହୋଇ ବିଜେ କରିଥିଲେ। ଏହି ସମୟରେ ଶୁଆଶାରୀ ଦେଉଳଠାରେ ପତିମହାପାତ୍ର ଘଷାବିଡ଼ିଆ ମଣୋହୀ ଓ ବନ୍ଦାପନା କରିଥିଲେ। ଜଗମୋହନଠାରେ ମଧ ଏଭଳି ନୀତିକାନ୍ତି ହୋଇଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ରଥରୁ ଚାର ଉପରକୁ ଓହ୍ଲାଇଥିଲେ। ଲକ୍ଷ୍ମୀ ଠାକୁରାଣୀ ମହାଜନ ହାତରେ ବିଜେ ହୋଇ ଭେଟ ମଣ୍ଡପଠାରେ ଖଟଶେଯ ମେକାପ ପକାଇଥିବା ତମ୍ବୁକୁ ବିଜେ କରିଥିଲେ। ଏହାପରେ ଭଣ୍ଡାର ଘରକୁ ମା' ଲକ୍ଷ୍ମୀ ବିଜେ କରିଥିଲେ। ତାଙ୍କୁ ଛାଡ଼ି ମହାପ୍ରଭୁ ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇଥିବାରୁ ମା' ଲକ୍ଷ୍ମୀ ଅଭିମାନ କରିଥିଲେ। ଭେଟମଣ୍ଡପରୁ ମହାପ୍ରଭୁ ଶ୍ରୀମନ୍ଦିରକୁ ଆସୁଥିବା ଦେଖି ସେ ସିଂହଦ୍ୱାର ବନ୍ଦ କରିଥିଲେ। ଏହାପରେ ପୁଣି ଜୟବିଜୟ ଦ୍ୱାର ନିକଟରେ ବାଟ ରୋକିଥିଲେ। ସେଠାରେ ମା' ଲକ୍ଷ୍ମୀ ଓ ମହାପ୍ରଭୁଙ୍କ ମଧ୍ୟରେ ବଚନିକା ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ବାଡ଼ଗ୍ରାହୀ ସେବକ ସୂର୍ଯ୍ୟନାରାୟଣ ସ୍ୱାଇଁ ମହାପାତ୍ର ବଚନିକା କରିଥିଲେ। ମହାପ୍ରଭୁ ରସଗୋଲା ଦେଇ ଲକ୍ଷ୍ମୀ ଠାକୁରାଣୀଙ୍କ ମାନ ଭଞ୍ଜନ କରିଥିଲେ। ଏହାପରେ ଲକ୍ଷ୍ମୀ ଠାକୁରାଣୀ ଦ୍ୱାର ଖୋଲିଥିଲେ ଓ ମହାପ୍ରଭୁ ବିଜେ ହୋଇଥିଲେ। ସେଠାରେ ବିବାହ ଗଇଁଠାଳ ଫିଟା ନୀତି ସମ୍ପନ୍ନ ପରେ ବନ୍ଦାପନା, ରସଗୋଲା ଭୋଗ ହୋଇଥିଲା। ଘଷାବିଡ଼ିଆ ମଣୋହୀ ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

# ସମନ୍ୱୟ ଅଭାବରୁ ୨ ଆସନ ହାତରୁ ଖସିଥିଲା

## ପରୋକ୍ଷରେ ସ୍ୱୀକାର କଲେ ଦେବୀପ୍ରସାଦ

ଖୋର୍ଦ୍ଧା ଅଫିସ,୨୩।୭

ସମନ୍ୱୟ ଅଭାବରୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିକୁ ଭୁବନେଶ୍ୱର ଏମ୍‌ପି ଏବଂ ଜଟଣୀ ବିଧାୟକ ଆସନ ହରାଇବାକୁ ପଡ଼ିଥିଲା। ଏଭଳି ଅଭିଯୋଗ ଆଣିଛନ୍ତି ଖୋର୍ଦ୍ଧା ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ। ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ତଥା ଭୁବନେଶ୍ୱର ଏମ୍‌ପି ଆସନରୁ ଲଢ଼ି ପରାଜିତ ହୋଇଥିବା ବିଜେଡି ନେତା ଅରୂପ ପଟ୍ଟନାୟକ ମଧ ଏହି ସମାନ କଥା କହିଛନ୍ତି। ଶୁକ୍ରବାର ଖୋର୍ଦ୍ଧା ଜିଲା ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଦଳୀୟ ସାଙ୍ଗଠନିକ ବୈଠକରେ ଉକ୍ତ ନେତାଦ୍ୱୟ ଏଭଳି ମତ ରଖିଛନ୍ତି। ଏହାକୁ ପରୋକ୍ଷରେ ପୂର୍ବତନ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର ସ୍ୱୀକାର କରିଛନ୍ତି। ଖୋର୍ଦ୍ଧା ଜିଲା ହେଉଛି ବିଜେଡିର ଅଭେଦ୍ୟ ଦୁର୍ଗ। କେବଳ ଭୁବନେଶ୍ୱର ଏମ୍‌ପି ଏବଂ ଜଟଣୀ ବିଧାନସଭା ଆସନକୁ ବାଦ୍ ଦେଲେ ଅନ୍ୟ ବିଧାନସଭା ଆସନରେ ବିପୁଳ ଭୋଟରେ ଦଳ ବିଜୟ ଲାଭ କରିଛି ବୋଲି ମିଶ୍ର ଗଣମାଧ୍ୟମକୁ କହିଛନ୍ତି।

ସାଙ୍ଗଠନିକ ବୈଠକରେ ଜିଲା ସଭାପତି ବିଭୂତି ବଳବନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର ଓ ବିଞ୍ଝାରପୁର ବିଧାୟିକା ତଥା ପର୍ଯ୍ୟବେକ୍ଷିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ଜିଲାପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଲାଇ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବାସନ୍ତି ମହାପାତ୍ର, ଜିଲା ମୋର୍ଚ୍ଚା ସଭାନେତ୍ରୀ ଗୀତା ପାଟ୍ଟଶାଣୀ, ଛାତ୍ର ବିଜେଡି ସଭାପତି ବିଶ୍ୱଦୀପ ପ୍ରଧାନ, ଯୁବ ବିଜେଡି ସଭାପତି ରାଜେଶ ପରିଡାଙ୍କ ସମେତ ସମସ୍ତ ବ୍ଲକ, ସହରାଞ୍ଚଳ ଓ ଜୋନସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଜିଲାର ସାଙ୍ଗଠନିକ ବିକାଶ ଉପରେ ଆଲୋଚନା ହୋଇଥିଲା। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ରହିଛି। ଏହି ଦୁଇ ନିର୍ବାଚନରେ ବିପୁଳ ଭୋଟରେ ବିଜୟଲାଭ ସହ ତୃଣମୂଳ ସ୍ତରରେ ବିଜେଡିକୁ ମଜବୁତ କରିବା ଲାଗି ଉଭୟ ପର୍ଯ୍ୟବେକ୍ଷକ ଆହ୍ୱାନ ଦେଇଥିଲେ। ଚିଲିକା ବିଧାୟକ କହିଥିଲେ, ଗତ ପଞ୍ଚାୟତ ନିର୍ବାଚନରେ ୩୦ଟି ଜିଲାପରିଷଦ ଜୋନ ମଧ୍ୟରୁ ଦଳ ୨୦ଟି ଜିତିଥିଲା। ଚଳିତ ବର୍ଷ ୨୫ଟି ଆସନ ସମେତ ସମସ୍ତ ବ୍ଲକରେ ବିଜୟ ଲାଗି ସେ ଗୁରୁତ୍ୱ ଦେଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ଭୁବନେଶ୍ୱର ଏମ୍‌ପି ଆସନକୁ ବିଶେଷ ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ଏହି ଆସନ ହରାଇବାକୁ ପଡ଼ିଲା। ସେହିପରି ଜଟଣୀ ବିଧାନସଭା ଆସନ ମଧ ହାତରୁ ଖସିଗଲା ବୋଲି ଜଗଦ୍ଦେବ କହିଥିଲେ। ପରୋକ୍ଷରେ ସେ ସାଙ୍ଗଠନିକ ଦକ୍ଷତା ଉପରେ ଅଙ୍ଗୁଳି ଉଠାଇଥିଲେ। ଓଡ଼ିଶା ମୋ ପରିବାର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଗତ ସାଧାରଣ ନିର୍ବାଚନରେ ଏମ୍‌ପି ସିଟ୍‌ରୁ ହାରିବାକୁ ନେଇ ପରୋକ୍ଷରେ ନିର୍ବାଚନ ପରିଚାଳନାଗତ ତ୍ରୁଟି (ଉପରୁ ଛତ୍ରଛାୟା ସେତେ ଭଲ ନ ଥିଲା)କୁ ଦର୍ଶାଇଥିଲେ। ତେବେ ଆଗକୁ ସମସ୍ତଙ୍କ ସହଯୋଗରେ ଏହି ସିଟ୍‌ରେ ପୁଣି ବିଜେଡି ଜିତିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ବିଧାୟକ ମିଶ୍ର କହିଥିଲେ, ପର୍ଯ୍ୟବେକ୍ଷକ ଦାୟିତ୍ୱ ପରେ ଏହା ମୋର ଖୋର୍ଦ୍ଧା ଜିଲାକୁ ପ୍ରଥମ ଗସ୍ତ। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଛି। ତେଣୁ ଏହି ବୈଠକରେ ରଣନୀତି ପ୍ରସ୍ତୁତି, ସାଙ୍ଗଠନିକ ଦକ୍ଷତା, ଦଳକୁ ସୁଦୃଢ଼ କରିବା ନିମନ୍ତେ ଆଲୋଚନା ହୋଇଛି। ଆଗକୁ ବିଭିନ୍ନ ଯୋଜନା ରହିଛି। ଆଗାମୀ ଦିନରେ ସହରାଞ୍ଚଳ, ବ୍ଲକ ଓ ପଞ୍ଚାୟତ ସ୍ତରରେ ବିଭିନ୍ନ କମିଟି ଗଠନ କରାଯିବ। ଦଳକୁ ତୃଣମୂଳ ସ୍ତରରେ ମଜଭୁତ କରିବା ଲାଗି ରୂପରେଖ ପ୍ରସ୍ତୁତ ହେବ।



ଖୋର୍ଦ୍ଧା ଜିଲା ବିଜେଡିର ସାଙ୍ଗଠନିକ ବୈଠକରେ ପର୍ଯ୍ୟବେକ୍ଷକ ଦେବୀ ପ୍ରସାଦ ମିଶ୍ର, ବିଧାୟିକା ପ୍ରମିଳା ମଲ୍ଲିକ ଏବଂ ଅନ୍ୟ ନେତୃବୃନ୍ଦ।

### ଖୋର୍ଦ୍ଧା ଜିଲା ବିଜେଡିର ସାଙ୍ଗଠନିକ ବୈଠକ

- ପଞ୍ଚାୟତ ନିର୍ବାଚନ ରଣନୀତି ନେଇ ଆଲୋଚନା
- ୨୫ ଜିଲା ପରିଷଦ, ୧୦ ବ୍ଲକ ଉପରେ ନଜର

### ପୋଷ୍ଟର ମରାକୁ ନେଇ କନ୍ଦଳ

ବୈଠକ ବେଳେ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ପୋଷ୍ଟର ମରାକୁ କେନ୍ଦ୍ରକରି ବିଜେଡିରେ ଫାଟ ସୃଷ୍ଟି ହୋଇଛି। ପୋଷ୍ଟରରେ ଦୁଇ ପର୍ଯ୍ୟବେକ୍ଷକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଖୋର୍ଦ୍ଧା ବିଧାୟକ, ବିଜେଡି ଜିଲା ସଭାପତିଙ୍କ ଫଟୋ ରହିଥିଲା। ମାତ୍ର ଚିଲିକା ଓ ବେଗୁନିଆ ବିଧାୟକଙ୍କ ଫଟୋ ନ ଥିଲା। ଏହାକୁ ନେଇ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିରୋଧ କରିଥିଲେ। ପୋଷ୍ଟର ସୌଜନ୍ୟ ବିଜୁ ଜନତା ଦଳ, ଖୋର୍ଦ୍ଧା ଲେଖାଥିବାବେଳେ କାହିଁକି ଆମ ଫଟୋ ସ୍ଥାନ ଦିଆଯାଇନାହିଁ ବୋଲି ପଚାରି ସେ କର୍ମୀଙ୍କ ଉପରେ ବର୍ଷିଥିଲେ। ଅନ୍ୟପକ୍ଷରେ ଏକଥା ଜାଣି ନ ଥିବା କହି ଏହି ପ୍ରସଙ୍ଗକୁ ପର୍ଯ୍ୟବେକ୍ଷକ ବିଧାୟକ ମିଶ୍ର ଏଡ଼ାଇ ଯାଇଛନ୍ତି।

### ବେଗୁନିଆ ବିଧାୟକଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ବୈଠକରେ ବେଗୁନିଆ ଓ ବୋଲଗଡ ବ୍ଲକର କର୍ମକର୍ତ୍ତା ଉପସ୍ଥିତ ଥିବାବେଳେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଅନୁପସ୍ଥିତ ଥିଲେ। ଏହାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ଚାଲିଥିଲା। ଏପରି କି, ବିଜେଡିରେ ଫାଟ ସୃଷ୍ଟି ହୋଇଥିବା ଶୁଣିବାକୁ ମିଳିଥିଲା। ଅନ୍ୟପକ୍ଷରେ ବେଗୁନିଆ ବିଧାୟକ ନିଜ ନିର୍ବାଚନ ମଣ୍ଡଳୀରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବା କହି ପର୍ଯ୍ୟବେକ୍ଷକ ମିଶ୍ର ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

### ଅଧାରୁ ଉଠିଗଲେ ଅରବିନ୍ଦ ଓ ପ୍ରଶାନ୍ତ

ଜରୁରୀ କାମ ଥିବା କହି ପ୍ରଥମେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ପରେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ଫଳରେ ବୈଠକକୁ ଗୁରୁତ୍ୱ ଦିଆଯାଇ ନ ଥିବା ଏକପ୍ରକାର ସ୍ପଷ୍ଟ ହୋଇଥିଲା। ଏହି ଘଟଣା ବିଜେଡିରେ କିପରି ସମନ୍ୱୟ ରହିଛି ତାହାକୁ ପଦାରେ ପକାଇଥିଲା।

### ବିଧାୟକଙ୍କ ମଧ୍ୟରେ ସମନ୍ୱୟ ଅଭାବ

ଦୀର୍ଘଦିନ ଧରି ଖୋର୍ଦ୍ଧା ଜିଲା ବିଜେଡିରେ କନ୍ଦଳ ଲାଗି ରହିଛି। ଜିଲାରେ ୩ ଦଳୀୟ ବିଧାୟକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଏ ନେଇ ଜିଲା ସଭାପତି ବଳବନ୍ତରାୟଙ୍କୁ ପଚାରିବାରେ କହିଛନ୍ତି, ଦଳରେ କୌଣସି କନ୍ଦଳ ନାହିଁ। ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରହିଛି।

ବଢୁଛି ସ୍ୱାମୀ-ସ୍ତ୍ରୀ ଜନିତ ସମସ୍ୟା ଓ ଅପରାଧ




# 'ଆତ୍ମସନ୍ତୋଷ ନୁହେଁ, ସତର୍କତା ଜରୁରୀ'

ଭୁବନେଶ୍ୱର,୨୩।୭(ବ୍ୟୁରୋ)

## କୋଭିଡ୍-୧୯ ସମୀକ୍ଷା

- ତୃଣମୂଳ ସ୍ତରର ଅଧିକାରୀଙ୍କୁ ନିର୍ଦ୍ଦେଶ
- ସ୍ୱାସ୍ଥ୍ୟ ସେବାକୁ ମୂଳ ଦାୟିତ୍ୱ ଭାବେ ତୁଲାଅ
- ଗରିବ ଲୋକଙ୍କୁ ୨୦୦୪ କୋଟିର କୋଭିଡ୍ ସହାୟତା

ଗତ କିଛି ସପ୍ତାହ ହେଲା ରାଜ୍ୟରେ ପଜିଟିଭ ହାର କମିଛି। ତେବେ କେତେକ ଜିଲାରେ ସଂକ୍ରମଣ ସ୍ଥିତିରେ ଆହୁରି ଉନ୍ନତି ଆସିବାକୁ ବାକି ଅଛି। ଯଦିଓ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ତଥାପି ତାହା ଆତ୍ମସନ୍ତୋଷ ନୁହେଁ। ଅଧିକ ସତର୍କତା ହିଁ ଆମକୁ ସୁରକ୍ଷିତ ରଖିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକମାନେ ଯେପରି ଅଯଥାରେ ଗହଳି ନ କରିବେ, ତାକୁ ଦୃଷ୍ଟିରେ ରଖି କୋଭିଡ୍ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଶୁକ୍ରବାର ଡିଜିଟାଲ ମୋଡ୍‌ରେ ରାଜ୍ୟରେ କୋଭିଡ୍ ସ୍ଥିତି ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଦି ଅଗଷ୍ଟ ଶେଷ ବେଳକୁ ତୃତୀୟ ଲହର ଆସେ ସେଥିଲାଗି ଆମକୁ ପୂର୍ଣ୍ଣ ପ୍ରସ୍ତୁତିର ସହ ମୁକାବିଲା କରିବାକୁ ହେବ। ସ୍ୱାସ୍ଥ୍ୟସେବା ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ସୁଦୃଢ଼ୀକରଣ ସହିତ ମାନବ ସମ୍ବଳ ବିନିଯୋଗ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଲୋକମାନେ ଯେପରି ବିନା କୌଣସି ଅସୁବିଧାରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେ ଦିଗରେ ଜିଲା ପ୍ରଶାସନର ଗୁରୁଦାୟିତ୍ୱ ରହିଛି। ପ୍ରତ୍ୟେକ ଜୀବନ ମୂଲ୍ୟବାନ। ଏହା ହେଉଛି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ନୀତିର ଆଧାର। ତେଣୁ ଜିଲା ହସ୍ପିଟାଲଠାରୁ ଆରମ୍ଭକରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ଯେଭଳି ସ୍ୱାସ୍ଥ୍ୟସେବାରେ କୌଣସି ଅସୁବିଧା ନ ହୁଏ ସେନେଇ ଆଇଆଇସିଙ୍କଠାରୁ ଆରମ୍ଭକରି ବିଡିଓ, ଏସ୍‌ଡିପିଓ, ସବ୍‌କଲେକ୍ଟର, ଏସ୍‌ପି ଏବଂ ଜିଲାପାଳ ସମସ୍ତେ ଏହାକୁ ସେମାନଙ୍କ ମୂଳ ଦାୟିତ୍ୱର ଅଂଶଭାବେ ଗ୍ରହଣ କରି ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍‌ର ଦ୍ୱିତୀୟ ଲହର ସମୟରେ ଗରିବ ଲୋକଙ୍କ ପାଇଁ ବିଶେଷତଃ ଛୋଟ ଚାଷୀ, ନିର୍ମାଣ ଶ୍ରମିକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକ, ଆଦିମ ଜନଜାତି ପରିବାର, ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ର ଓ ମିଶନ ଶକ୍ତିଠାରୁ ଆରମ୍ଭକରି ରାସ୍ତାପାର୍ଶ୍ୱ ଦୋକାନୀ ଭଳି ବିଭିନ୍ନ ବର୍ଗର ଲୋକଙ୍କ ପାଇଁ କୋଭିଡ୍ ସହାୟତା ଘୋଷଣା କରାଯାଇଛି। ରାଜ୍ୟ ସରକାରଙ୍କ ୧୦ଟି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଏହି ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ଏ ପର୍ଯ୍ୟନ୍ତ ଉପରୋକ୍ତ ବର୍ଗର ଲୋକମାନଙ୍କୁ ୨୦୦୪ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଶିକ୍ଷକ ତଥା ସ୍କୁଲ କର୍ମଚାରୀମାନଙ୍କ ଟିକାକରଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ତୃତୀୟ ଲହର ମୁକାବିଲା ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବୈଠକରେ ପୋଲିସ ମହାନିର୍ଦ୍ଦେଶକ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, ଜିଲାପାଳ ଏବଂ ଏସ୍‌ପିମାନେ ଉପସ୍ଥିତ ଥିଲେ।


## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା

www.pmfby.gov.in

UIN - IRDAN126P0001201617

**ଭାରତ ସରକାର, ଓଡ଼ିଶା ସରକାର ଓ ଏଗ୍ରୀକଲଚର ଇନ୍ସ୍ୟୁରାନ୍ସ କମ୍ପାନୀର ମିଳିତ ସହଯୋଗରେ କାର୍ଯ୍ୟକାରୀ**

ଭାରତ ସରକାରଙ୍କ ଏହି ଯୋଜନାକୁ ଓଡ଼ିଶା ସରକାର ଖରିଫ ୨୦୨୧ ଋତୁ ପାଇଁ ଗଞ୍ଜାମ, କଳାହାଣ୍ଡି, ସୁବର୍ଣ୍ଣପୁର, ପୁରୀ, ବଲାଙ୍ଗୀର, ବାଲେଶ୍ୱର, ମାଲକାନଗିରି, ନୟାଗଡ଼ ଏବଂ ଢେଙ୍କାନାଳ ଜିଲ୍ଲାରେ କାର୍ଯ୍ୟକାରୀ କରିବା ନିମନ୍ତେ ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀ ଅଫ ଇଣ୍ଡିଆ ଲିମିଟେଡ୍‌କୁ ଅଧିକୃତ କରିଛନ୍ତି।

**ବୀମାଯୋଗ୍ୟ କୃଷକ :** ସମସ୍ତ ଭୂସ୍ୱାମୀ କୃଷକ ଯେଉଁମାନେ ବିଜ୍ଞପିତ ଅଞ୍ଚଳରେ ବିଜ୍ଞପିତ ଫସଲ ଚାଷ କରିଛନ୍ତି ବା କରିବାର ସଂକଳ୍ପ ନେଇଛନ୍ତି ସେମାନେ ବୀମା କରିପାରିବେ। ଋଣୀ ଓ ଅଣଋଣୀ କୃଷକଙ୍କୁ ସମାନ ବୀମା ସୁବିଧା ଓ ଲାଭ।

**ବାଧ୍ୟତାମୂଳକ ବୀମା :** ଯଦି କୃଷକଙ୍କର ବ୍ୟାଙ୍କରେ ଅଧିସୂଚିତ ଫସଲ ଋଣ ସ୍ୱୀକୃତ / ନବୀକରଣ ହୋଇଛି, କିନ୍ତୁ ବୀମା ସେବାରୁ ନିବୃତ ହେବା ପାଇଁ ସେମାନେ ଆବେଦନ (OPT OUT application) ବୀମା ଅବଧୀ ଶେଷ ହେବାର ୭ଦିନ (୨୪.୦୭.୨୦୨୧) ପୂର୍ବରୁ ବ୍ୟାଙ୍କରେ ଦାଖଲ କରିନାହାନ୍ତି, ତେବେ ସେମାନଙ୍କ ବୀମା କରିବା ବ୍ୟାଙ୍କ ମାନଙ୍କ ପାଇଁ ବାଧ୍ୟତାମୂଳକ।

**ଇଚ୍ଛାଧିନ ବୀମା :** ଋଣୀ ଓ ଅଣଋଣୀଙ୍କ ପାଇଁ ବୀମା ଇଚ୍ଛାଧୀନ।

**ଅଣଋଣୀ କୃଷକ ମାନେ ନିମ୍ନଲିଖିତ ସର୍ତ୍ତ ପୂରଣ କରିବା ଆବଶ୍ୟକ :** ୧-ବ୍ୟାଙ୍କରେ ଖାତା ଥିବା ଆବଶ୍ୟକ। ପାସ ବହି କିମ୍ବା ଚେକର ନକଲ ସଂଲଗ୍ନ କରିବାକୁ ହେବ। ୨-ଭୂମି ପ୍ରମାଣପତ୍ରର ନକଲ। ଯଦି ଉତ୍ତରାଧିକାରୀ ସୂତ୍ରରେ ଚାଷ କରୁଥାନ୍ତି, ତାହେଲେ ନିର୍ଦ୍ଧାରିତ ଫର୍ମରେ ସ୍ୱିକାରୋକ୍ତି (self-declaration) ପ୍ରଦାନ। ୩- ବୀମା ପ୍ରସ୍ତାବପତ୍ର ପୂରଣ। ୪- ଆଧାରକାର୍ଡର ନକଲ ବାଧ୍ୟତାମୂଳକ।

**ବିଜ୍ଞପିତ ବୀମା ଏକକ :** ଧାନ ଫସଲ ପାଇଁ ନିର୍ଦ୍ଦିଷ୍ଟ ଗ୍ରାମପଞ୍ଚାୟତ, ଏନ୍.ଏ.ସି. ଏବଂ ମ୍ୟୁନିସିପାଲ୍‌ଟି। ଅନ୍ୟ ଫସଲ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ।

**ବିଜ୍ଞପିତ ଫସଲ :** ଧାନ, ଚିନାବାଦାମ, ମକା, ହରଡ଼, ମାଣ୍ଡିଆ, କପା, ହଳଦୀ ଓ ଅଦା।

**ବୀମିତ ରାଶି ଓ କୃଷକଙ୍କ ପ୍ରିମିୟମ ଦର**

| ଜିଲ୍ଲା | ଫସଲ | କୃଷକଙ୍କ ପ୍ରିମିୟମ ଦର | ବୀମିତ ରାଶି ହେକ୍ଟର ପ୍ରତି (ଟଙ୍କାରେ) | କୃଷକଙ୍କ ପ୍ରିମିୟମ ହେକ୍ଟର ପ୍ରତି (ଟଙ୍କାରେ) |
|---|---|---|---|---|
| ଗଞ୍ଜାମ | ଧାନ | ୨.୦୦% | ୬୫୭୫୦ | ୧୩୧୫ |
| | ଚିନାବାଦାମ | ୨.୦୦% | ୬୩୨୫୦ | ୧୨୬୫ |
| | ମକା | ୨.୦୦% | ୬୯୭୫୦ | ୧୩୯୫ |
| | ହରଡ଼ | ୨.୦୦% | ୩୪୫୦୦ | ୬୯୦ |
| | ମାଣ୍ଡିଆ | ୨.୦୦% | ୨୯୨୫୦ | ୫୮୫ |
| | କପା | ୫.୦୦% | ୭୨୫୦୦ | ୩୬୨୫ |
| କଳାହାଣ୍ଡି | ଧାନ | ୨.୦୦% | ୬୭୦୦୦ | ୧୩୪୦ |
| | ଚିନାବାଦାମ | ୨.୦୦% | ୫୬୦୦୦ | ୧୧୨୦ |
| | ମକା | ୨.୦୦% | ୬୧୫୦୦ | ୧୨୩୦ |
| | ହରଡ | ୨.୦୦% | ୩୫୨୫୦ | ୭୦୫ |
| | ମାଣ୍ଡିଆ | ୨.୦୦% | ୨୨୨୫୦ | ୪୪୫ |
| | କପା | ୫.୦୦% | ୫୯୨୫୦ | ୨୯୬୨.୫୦ |
| ପୁରୀ | ଧାନ | ୨.୦୦% | ୭୦୭୫୦ | ୧୪୧୫ |
| ସୁବର୍ଣ୍ଣପୁର | ଧାନ | ୨.୦୦% | ୬୩୨୫୦ | ୧୨୬୫ |
| | କପା | ୫.୦୦% | ୭୦୫୦୦ | ୩୫୨୫ |
| ବାଲେଶ୍ୱର | ଧାନ | ୨.୦୦% | ୭୦୭୫୦ | ୧୪୧୫ |
| | ଅଦା | ୨.୫୦% | ୧୮୫୦୦୦ | ୪୬୨୫ |
| ବଲାଙ୍ଗୀର | ଧାନ | ୨.୦୦% | ୬୭୦୦୦ | ୧୩୪୦ |
| | ଚିନାବାଦାମ | ୨.୦୦% | ୫୨୦୦୦ | ୧୦୪୦ |
| | ମକା | ୨.୦୦% | ୫୧୨୫୦ | ୧୦୨୫ |
| | ହରଡ଼ | ୨.୦୦% | ୩୬୭୫୦ | ୭୩୫ |
| | କପା | ୫.୦୦% | ୭୦୫୦୦ | ୩୫୨୫ |
| ଢେଙ୍କାନାଳ | ଧାନ | ୨.୦୦% | ୬୩୭୫୦ | ୧୨୭୫ |
| | ଚିନାବାଦାମ | ୨.୦୦% | ୬୯୭୫୦ | ୧୩୯୫ |
| | ହଳଦୀ | ୨.୫୦% | ୧୩୦୦୦୦ | ୩୨୫୦ |
| ମାଲକାନଗିରି | ଧାନ | ୨.୦୦% | ୬୩୨୫୦ | ୧୨୬୫ |
| | ଚିନାବାଦାମ | ୨.୦୦% | ୭୩୭୫୦ | ୧୪୭୫ |
| | ମକା | ୨.୦୦% | ୫୯୫୦୦ | ୧୧୯୦ |
| | ହରଡ଼ | ୨.୦୦% | ୪୨୫୦୦ | ୮୫୦ |
| ନୟାଗଡ଼ | ଧାନ | ୨.୦୦% | ୬୩୨୫୦ | ୧୨୬୫ |
| | ମକା | ୨.୦୦% | ୫୧୦୦୦ | ୧୦୨୦ |

**ବୀମା ସୁରକ୍ଷା**

ବ୍ୟକ୍ତିଗତ ଆଧାରିତ :
୧. ସ୍ଥାନୀୟ ଆପଦା ଯଥା ଭୂସ୍ଖଳନ, କରକାପାତ, ବାଦଲ ଫଟା ବର୍ଷା, ବଜ୍ରପାତ ଜନିତ ଅଗ୍ନିକାଣ୍ଡ ଓ ଜଳପ୍ଲାବନ କାରଣରୁ ଫସଲ କ୍ଷତି ହେଲେ
୨. ଧାନକଟାର ୧୪ ଦିନ ଭିତରେ ବାତ୍ୟା, କରକାପାତ କିମ୍ବା ଅଦିନିଆ ବର୍ଷା କାରଣରୁ ବିଲରେ ଶୁଖିବା ପାଇଁ ବିଛାଡ଼ି ହୋଇପଡ଼ିଥିବା କଟା ଧାନର କ୍ଷତି ହେଲେ।
(ଉପରୋକ୍ତ କାରଣରୁ କ୍ଷତି ହେଲେ ୭୨ ଘଣ୍ଟା ମଧ୍ୟରେ ସୂଚନା ବୀମା କମ୍ପାନୀକୁ ଦେବା ଆବଶ୍ୟକ।

ବିଜ୍ଞପିତ ଅଞ୍ଚଳ ଆଧାରିତ :
୧. ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଧାନ ବୁଣା କିମ୍ବା ରୁଆରେ ବିଫଳତା ହେଲେ ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତି ପୂରଣ।
୨. ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ କ୍ଷତି ହେଲେ ସମ୍ଭାବ୍ୟ କ୍ଷତିପୂର୍ତ୍ତି ରାଶିର ୨୫% ପର୍ଯ୍ୟନ୍ତ ଅଗ୍ରିମ କ୍ଷତିପୂରଣ।
୩. ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବୀମିତ ଫସଲର ବାସ୍ତବିକ ଉତ୍ପାଦନ (AY) ସେହି ଅଧିସୂଚିତ ବୀମା ଏକକ (ଗ୍ରାମପଞ୍ଚାୟତ / ବ୍ଲକ) ନିମନ୍ତେ ପୂର୍ବ ନିର୍ଦ୍ଧାରିତ ନିଶ୍ଚିତ ଉତ୍ପାଦନ (TY) ଠାରୁ କମ୍ ହେଲେ ବୀମାଭୁକ୍ତ ଚାଷୀଙ୍କୁ ସ୍ୱତଃପ୍ରବୃତ୍ତ ବୀମା କ୍ଷତିପୂରଣ ପ୍ରଦାନ।

**ମହତ୍ୱପୂର୍ଣ୍ଣ ବୈଧାନିକ ସୂଚନା :** ଉପରୋକ୍ତ ବୀମା କ୍ଷତିପୂରଣ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ମାର୍ଗଦର୍ଶିକାରେ ବର୍ଣ୍ଣିତ ସର୍ତ୍ତ ଓ ନିୟମାବଳୀ ସାପେକ୍ଷ। ରାଜସ୍ୱ ନିରୀକ୍ଷକ, ତହସିଲଦାର ବା ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ଫସଲ କ୍ଷତି ଘୋଷଣା ଏହି ବୀମା କ୍ଷତିପୂରଣ ପାଇଁ ପ୍ରଯୁଜ୍ୟ ନୁହେଁ। ବୀମା କରିବା ପୂର୍ବରୁ ବୀମା ପ୍ରପତ୍ର ସମ୍ବନ୍ଧରେ ବୁଝି ନିଅନ୍ତୁ।

ବୀମାଭୁକ୍ତ ହେବା ପାଇଁ ଜିଲ୍ଲା କୃଷି ଅଧିକାରୀ, ବ୍ୟାଙ୍କ ଶାଖା, ସମବାୟ ସମିତି, ଜନସେବା କେନ୍ଦ୍ର (CSC), ଅଧିକୃତ ବୀମା ଦଲାଲ (Broker), ଭାରତ ସରକାରଙ୍କ ପି.ଏମ୍.ଏଫ୍.ବି.ୱାଇ ପୋର୍ଟାଲ (www.pmfby.gov.in) କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

**ଖରିଫ ଫସଲ ପାଇଁ ବୀମା କରିବାର ଶେଷ ତାରିଖ ୩୧.୦୭.୨୦୨୧**

ଅଧିକ ଜାଣିବା ପାଇଁ ଯୋଜନା ପ୍ରପତ୍ର, ରାଜ୍ୟ ସରକାରଙ୍କ ଅଧିସୂଚନାର ସନ୍ଦର୍ଭ ନିଅନ୍ତୁ କିମ୍ବା ବୀମା ପ୍ରତିନିଧି, ବୀମା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବିଜ୍ଞାପନ ପାଇଁ ଉଦ୍ଦିଷ୍ଟ ନିୟମ ଓ ସର୍ତ୍ତାବଳୀ ଲାଗୁ।

HO/21-22/1A/12A

**ଏଗ୍ରୀକଲଚର ଇନ୍ସ୍ୟୁରାନସ୍ କମ୍ପାନୀ ଅଫ ଇଣ୍ଡିଆ ଲିମିଟେଡ୍**
**एग्रीकल्चर इंश्योरेंस कम्पनी ऑफ इंडिया लिमिटेड**

କ୍ଷେତ୍ରୀୟ କାର୍ଯ୍ୟାଳୟ : "ଦି ମଦର" (ପ୍ରଥମ ମହଲା) ପ୍ଲଟ୍ ନଂ-୮୭, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଫୋନ୍ ନଂ: ୦୬୭୪-୨୫୭୦୦୨୩, ଫ୍ୟାକ୍ସ ନଂ : ୦୬୭୪-୨୫୭୨୪୦୯, ଇ-ମେଲ : ro.bhubaneswar@aicofindia.com

ମୁଖ୍ୟ କାର୍ଯ୍ୟାଳୟ : ପ୍ଲେଟ-ବି ଓ ସି ପଞ୍ଚମ ମହଲା, ବ୍ଲକ-୧। ପୂର୍ବ କିଦୱାଇ ନଗର, ନୂଆଦିଲ୍ଲୀ-୧୧୦୦୨୩ ଫୋନ୍-୯୧-୦୧୧-୨୪୬୦୪୪୪୪, ଇମେଲ୍ : aicho@aicofindia.com

कृषक यत्न रक्षणम्
www.aicofindia.com

ନିଃଶୁଳ୍କ ଫୋନ ନମ୍ବର ୧୮୦୦-୮୯୦-୪୧୮୧

IRDAI Registration No. 126
aicofindialtd aicofindia aicofindia
CIN-U74999DL2002PLC118123

**ସମ୍ପନ୍ନ ଭାରତର ପରିଚୟ, ବୀମିତ ଫସଲ ଖୁସି କୃଷକ**

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୭ରେ ଇସ୍ରାଏଲ ଗସ୍ତ କରିଥିଲେ। ପେଗାସସ୍ ସ୍ପାଏୱେର ସହ ତାଙ୍କ ଗସ୍ତର କି ସମ୍ପର୍କ ରହିଛି ? ଏହି ଗୁପ୍ତଚରଗିରିର ଜେପିସି ତଦନ୍ତ ଜରୁରୀ।
–ସୀତାରାମ ୟେଚୁରୀ, ସିପିଆଇଏମ୍ ସାଧାରଣ ସମ୍ପାଦକ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଲିପି
ପରିବାରବର୍ଗ



ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଲଘୁଚାପ: ଉପକୂଳ, ଆଭ୍ୟନ୍ତରରେ ବର୍ଷା

**ଭୁବନେଶ୍ୱର,୨୩।୭(ବ୍ୟୁରୋ)**

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ଗୁରୁବାର ରାତିରୁ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ଜିଲାରେ ଦୁହାକୁ ଦୁହା ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ସୋନପୁର ଜିଲାର ବୀରମହାରାଜପୁରରେ ସର୍ବାଧିକ ୨୦୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ଜିଲାର ବୌଦ୍ଧଗଡ଼ରେ ୧୭୭ ଓ କନ୍ଧମାଳରେ ୧୫୯.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଭଦ୍ରକ ଜିଲାର ଚାନ୍ଦବାଲିରେ ୧୫୬.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପୁରୀ ଜିଲାର ସତ୍ୟବାଦୀରେ ୧୪୫, ଜଗତ୍‌ସିଂହପୁର ଜିଲାର ଆଲିପିଙ୍ଗଳଠାରେ ୧୩୭.୮ ଓ ବାଲିକୁଦାଠାରେ ୧୩୨, କେନ୍ଦ୍ରାପଡ଼ା ଜିଲାର ଗରଦପୁରଠାରେ ୧୩୬, ପୁରୀ ଜିଲାର ପୁରୀରେ ୧୩୦.୩, ସୋନପୁରରେ ୧୩୦ ଏବଂ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇଠାରେ ୧୨୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ କିମ୍ବା ଅତି ପ୍ରବଳ ବର୍ଷା ହୋଇପାରେ। ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର ଏବଂ ନୂଆପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ମାଲକାନଗିରି, କୋରାପୁଟ, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା ଏବଂ ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ଲଘୁଚାପ ହୋଇଥିଲେ ମଧ୍ୟ ଏହା ରାଜ୍ୟର ସବୁ ଅଞ୍ଚଳକୁ ଛୁଇଁପାରି ନାହିଁ। ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଏହାର ପ୍ରଭାବ ସେତେଟା ପଡ଼ିନାହିଁ। ଏବେ ବି ୧୭ ଜିଲାରେ ଗଜାମରୁଡ଼ି ଅବସ୍ଥା ଦେଖାଦେଇଛି। ସେହି ଜିଲାଗୁଡ଼ିକ ହେଲା ଅନୁଗୋଳ, ବଲାଙ୍ଗୀର, ଭଦ୍ରକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼।

## ପ୍ରଥମ ପୃଷ୍ଠାରୁ...

### ଆଜି ସିଆଇଏସ୍‌ସିଇ ...

ରେଜିଷ୍ଟର ଉପଲବ୍ଧ ହେବ। ସ୍କୁଲଗୁଡ଼ିକ ଉକ୍ତ ପୋର୍ଟାଲରେ ପ୍ରିନ୍ସିପାଲ୍ସ ଲଗ୍ ଇନ୍ ଆଇଡି ଓ ପାସ୍‌ୱାର୍ଡ ମାରି ପରୀକ୍ଷା ଫଳ ପାଇପାରିବେ।

ସୂଚନାଯୋଗ୍ୟ, ଚଳିତବର୍ଷ କରୋନା ଯୋଗୁ ଆଇସିଏସ୍‌ଇ ଦଶମ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ବାତିଲ କରିବାକୁ କାଉନ୍‌ସିଲ ନିଷ୍ପତ୍ତି ନେଇଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇଥିବାବେଳେ ପରୀକ୍ଷାଫଳ କ'ଣ ରହିବ ତାକୁ ନେଇ ଏବେ ଛାତ୍ରୀଛାତ୍ର ଓ ଅଭିଭାବକ ଆଶା ଓ ଆଶଙ୍କାରେ ରହିଛନ୍ତି। କାରଣ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ମଧ୍ୟ ଏଥର ନ ହୋଇ ଫଳ ବାହାରିଥିଲା। କିନ୍ତୁ ମୂଲ୍ୟାୟନରେ ଅନିୟମିତତା ହୋଇଥିବା ବହୁ ଛାତ୍ରୀଛାତ୍ର ଓ ଅଭିଭାବକ ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ଅଫଲାଇନ ପରୀକ୍ଷାର ବ୍ୟବସ୍ଥା ହୋଇଛି। ସେହିଭଳି ସିଆଇଏସ୍‌ସିଇ ମଧ୍ୟ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷାର ବ୍ୟବସ୍ଥା କରିଛି। ଯେଉଁମାନେ ଫଳାଫଳରେ ଖୁସି ନ ହେବେ ସେମାନଙ୍କୁ ପରୀକ୍ଷା ଦେବାର ସୁଯୋଗ ଦିଆଯିବ ବୋଲି ପୂର୍ବରୁ କାଉନସିଲ ପକ୍ଷରୁ କୁହାଯାଇଛି।

### ଡିଏଫ୍‌ଓଙ୍କୁ ଏସ୍‌ପିଙ୍କ ...

ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଗୁରାଣ୍ଡି ଥାନା ଓଆଇସି ମମତା ପଣ୍ଡା ହେଉଛନ୍ତି ବିଦ୍ୟାଭରତୀଙ୍କ ଦୂର ସମ୍ପର୍କୀୟା। ବିଦ୍ୟାଭାରତୀଙ୍କ ପରିବାର ଲୋକଙ୍କଠାରୁ ଖବରପାଇ ମାନବିକତା ଦୃଷ୍ଟିରୁ ସେ ସେଠାକୁ ଯାଇଥିଲେ। ସୌମ୍ୟଙ୍କ ମୃତ୍ୟୁ କିପରି ହେଲା ସେ ନେଇ ଅଧିକ ତଦନ୍ତ ଆବଶ୍ୟକ ବୋଲି ଏସ୍‌ପି ସୂଚନା କହିଛନ୍ତି।

ସୌମ୍ୟଙ୍କ ମୃତ୍ୟୁ ଘଟଣାରେ ଶୁକ୍ରବାର ଡିଏଫଓ, ଗୁରାଣ୍ଡି ଓଆଇସି, ବଲାଙ୍ଗୀର ଯାଇଥିବା କାର୍ ଡ୍ରାଇଭର, ଆମ୍ବୁଲାନ୍ସ କୋ ଅର୍ଡିନେଟର, ଫରେଷ୍ଟ ଗାର୍ଡ ଶିବରାମ ସାବତଙ୍କୁ ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପଚରାଉଚରା କରିଥିଲା। ପୂର୍ବାହ୍ନ ୧୧ଟାରେ ଡିଏଫଓଙ୍କୁ କଡ଼ା ସୁରକ୍ଷା ମଧ୍ୟରେ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପାରଳାଖେମୁଣ୍ଡି ପୋଲିସ ଓ କ୍ରାଇମ୍‌ବ୍ରାଞ୍ଚର ୩ ଜଣିଆ ଟିମ୍ ପ୍ରାୟ ୩ ଘଣ୍ଟା ଧରି ତାଙ୍କୁ ପଚରାଉଚରା କରିଥିଲେ। ବିଦ୍ୟାଭାରତୀଙ୍କ ସହ ତାଙ୍କର କୌଣସି ସମ୍ପର୍କ ନ ଥିବା ଡିଏଫ୍‌ଓ କହିଥିଲେ। ମାମଲାର ତଦନ୍ତକାରୀ ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍‌ଡିପିଓ ରାମକୃଷ୍ଣ ପତି, କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ ଡିଏଫ୍‌ଓଙ୍କୁ ପଚରାଉଚରା କରିଥିଲେ। ସେହିପରି ଭୋଜି ପାଇଁ ବିଦ୍ୟାଭାରତୀ ଓ ସୌମ୍ୟଙ୍କୁ ବଲାଙ୍ଗୀର ନେଇ ଯାଇଥିବା କାର୍ ଚାଳକ ପ୍ରମୋଦ କୁମାର ପାତ୍ରଙ୍କୁ ପାରଳାଖେମୁଣ୍ଡି ଥାନାକୁ ଆଣି ଜେରା କରାଯାଇଥିଲା। ପରେ ଗୁରାଣ୍ଡି ଥାନା ଓଆଇସି ମଧ୍ୟ ପାରଳାଖେମୁଣ୍ଡି ଥାନାରେ ପହଞ୍ଚିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ପୋଲିସ ପାରଳାଖେମୁଣ୍ଡି ଆଦର୍ଶ ଥାନାକୁ ଆଣି ପଚରାଉଚରା କରିଥିଲା। ବିଦ୍ୟାଭାରତୀ ମେଡିକାଲ ଯିବା ସମୟରେ କିଛି ଟଙ୍କା ନେଇ ନ ଥିଲେ। ଗୁରାଣ୍ଡି ଥାନା ଓଆଇସି ବିଦ୍ୟାଭାରତୀଙ୍କୁ ସହଯୋଗ କରିବାକୁ ଆସିଥିଲେ। ସେଥିପାଇଁ ୧୫ ମିନିଟ ପାଇଁ ଡ୍ରାଇଭର ଆମ୍ବୁଲାନ୍ସ ଅଟକାଇଥିଲେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୨ ତାରିଖ ରାତିରେ ସରକାରୀ କ୍ୱାର୍ଟର୍ସରେ ସ୍ତ୍ରୀ ବିଦ୍ୟାଭାରତୀଙ୍କ ସହ ଥିବା ସୌମ୍ୟ ପୋଡ଼ି ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାରଳାଖେମୁଣ୍ଡି ଡାକ୍ତରଖାନା, ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ସେଠାରେ ମୃତ୍ୟୁ ଘଟିଥିଲା। ସୌମ୍ୟଙ୍କୁ ତାଙ୍କ ସ୍ତ୍ରୀ ବିଦ୍ୟାଭାରତୀ, ରୋଷେୟା ଓ ଡିଏଫ୍‌ଓ ମିଶି ପୋଡ଼ି ମାରି ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ତେଣୁ ଏହି ୩ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି।

## 'ତମ ପାଦତଳେ ମୋତେ ଜାଗା ଦିଅ'

**ସୌମ୍ୟଙ୍କ ଡାଏରୀ ଦେଖାଇଲେ ଓକିଲ**

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ୧୧ ଦିନ ବିତିବାକୁ ବସିଥିବା ବେଳେ ଗୋଟିଏ ପରେ ଗୋଟିଏ ତଥ୍ୟ ସାମ୍ନାକୁ ଆସୁଛି। ପୂର୍ବରୁ ବିଦ୍ୟାଭାରତୀଙ୍କ ହାତଲେଖା ଚିଠି ମିଳିଥିବା ବେଳେ ଏବେ ସୌମ୍ୟଙ୍କ ଡାଏରୀରୁ ଆଉ କିଛି ତଥ୍ୟ ମିଳିଛି। ସୌମ୍ୟଙ୍କ ପରିବାରର ଓକିଲ ଗଣମାଧ୍ୟମ ସମ୍ମୁଖକୁ ଏହି ଡାଏରୀ ଆଣିଛନ୍ତି। ଯେଉଁଥିରେ ସୌମ୍ୟ ଲେଖିଛନ୍ତି, ' ମୁଁ ଚାକିରିରୁ ଇସ୍ତଫା ଦେଇ ଦେବି। ତୁମର ଚାକର ହୋଇ ରହିବି ପଛେ, ମୋତେ ତୁମ ପାଦ ତଳେ ଟିକେ ଜାଗା ଦିଅ। ଡାଏରୀର ଆଉ ଏକ ପୃଷ୍ଠାରେ ଲେଖା ଅଛି, 'ମୁଁ ତୁମର ଯୋଗ୍ୟତା ଚାହେଁ ନାହିଁ। ଏ ନେଇ କେବେ ତୁମକୁ କିଛି କହିବି ନାହିଁ, ମୁଁ କେବଳ ଚାହେଁ ତୁମେ ମୋର ସ୍ତ୍ରୀ ଓ ଜଣେ ଭଲ ବନ୍ଧୁ ହୋଇ ରୁହ।' ଡାଏରୀରେ ଏପରି ଆହୁରି ଅନେକ କିଛି ଲେଖା ହୋଇଛି, ଯାହା ଏବେ ଭାଇରାଲ ହେଉଛି। ୨୦୨୧ ଫେବୃୟାରୀ ୨୨ ଓ ୨୩ ତାରିଖରେ ସୌମ୍ୟ ତାଙ୍କ ଡାଏରୀରେ ଏସବୁ କଥା ଲେଖିଛନ୍ତି। ଏଥିରୁ ସୌମ୍ୟଙ୍କ ବୈବାହିକ ଜୀବନରେ ଅଶାନ୍ତି ଥିଲା ବୋଲି ସ୍ପଷ୍ଟ ଜଣାପଡୁଛି। ଗୋଟିଏ ପଟେ ବିଦ୍ୟାଭାରତୀଙ୍କ ଚିଠି ତାଙ୍କ ମନରେ ସୌମ୍ୟଙ୍କ ପ୍ରତି ଥିବା ଘୃଣାଭାବକୁ ସୂଚାଇ ଥିବା ବେଳେ ଉଭୟଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିବା ସ୍ପଷ୍ଟ ଜଣାପଡୁଛି।

## ପ୍ରଥମ ପୃଷ୍ଠାରୁ...




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡିଓ କନ୍‌ଫରେନ୍ସ ଯୋଗେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଛନ୍ତି।

### ୧୫୩୭ କୋଟିର ...

ଓଡ଼ିଶା ଆଗୁଆ ପଦକ୍ଷେପ ନେଇଛି। ରାଜ୍ୟର ବହୁ ଶିଳ୍ପ ମେଡିକାଲ ଅକ୍ସିଜେନ, ଟ୍ୟାଙ୍କର, ଜେନେରେଟର, ସିଲିଣ୍ଡର ଯୋଗାଇବାରେ ସହଯୋଗ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ଧନ୍ୟବାଦ ଦେଇଛନ୍ତି। ଏହି ଅବସରରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ଓଡ଼ିଶା ହେଉଛି ପୁଞ୍ଜିନିବେଶ ପାଇଁ ଏକ ପସନ୍ଦ ସ୍ଥାନ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ହୋଇ ଚାଲିଛି। ଏହି କାର୍ଯ୍ୟକ୍ରମରେ ବ୍ରିଟାନିଆ ଶିଳ୍ପର ଏମ୍‌ଡି ବରୁଣ ବେରି, ବେଦାନ୍ତର ଉପାଧ୍ୟକ୍ଷ ନବୀନ ଅଗ୍ରୱାଲ, ୱାଇଲ୍ଡ ଲୋଟସ୍ ଟେକ୍ସଟାଇଲର ନିର୍ଦ୍ଦେଶକ ପି.ଏଲ. ମହାନ୍ତି, ଆଦିତ୍ୟ ବିର୍ଲା ରିନ୍ୟୁଏବଲ୍‌ସର ସଭାପତି ଅମିତାଭ ବର୍ମା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ଶିଳ୍ପ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବଲାଙ୍ଗୀରରେ ଆଦିତ୍ୟ ବିର୍ଲା ପକ୍ଷରୁ ସୌର ଶକ୍ତି ପ୍ରକଳ୍ପ ସ୍ଥାପନ ହେବ। ଏହି ପ୍ରକଳ୍ପରେ ଆଦିତ୍ୟ ବିର୍ଲା ପକ୍ଷରୁ ୩୫୨.୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି। ଝାରସୁଗୁଡ଼ାରେ ୬୪.୪୩ କୋଟି ପୁଞ୍ଜିନିବେଶରେ ଆଲୁମିନା ରିଫାଇନେରି ପ୍ରକଳ୍ପ ହୋଇଛି। ଖୋର୍ଦ୍ଧା ଛତାବରଠାରେ ୨୦ କୋଟି ବ୍ୟୟରେ ନିର୍ମିତ ଗାର୍ମେଣ୍ଟ ୟୁନିଟ୍ ଉଦ୍‌ଘାଟିତ ହୋଇଛି। ପାରାଦୀପରେ ଇଫ୍‌କୋ ସଲ୍‌ଫରିକ ଏସିଡ୍ ସମ୍ପ୍ରସାରଣ ପ୍ରକଳ୍ପ କରିବ। ଏଥିରେ ୪୦୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ସେହିପରି ସୁନ୍ଦରଗଡ଼ ଲହୁଣୀପଡ଼ାରେ ବାର୍ଷିକ ୧.୫୦ ନିୟୁତ ଟନ୍‌ର ଲୁହାପଥର ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ ହେବ। ଏଥିରେ ୨୬୫.୭୨ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। କଟକ ଖୁଣ୍ଟୁଣୀରେ ପିଭିସି ପାଇପ ଉତ୍ପାଦନ ଶିଳ୍ପ ସ୍ଥାପନ ହେବ। ଏଥିରେ ୧୫୧.୩୦ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ। ଖୋର୍ଦ୍ଧାରେ ବ୍ରିଟାନିଆ ପକ୍ଷରୁ ବିସ୍କୁଟ ଫ୍ୟାକ୍ଟ୍ରି କରାଯିବ। ସେହିପରି ଖୋର୍ଦ୍ଧା ଚମ୍ପାଝରରେ ଏନ.କେ. ଆନନ୍ଦ ପକ୍ଷରୁ ଜୋତା କାରଖାନା ସ୍ଥାପନ ହେବ। କଟକ ରାମଦାସପୁରରେ ଥର୍ମୋ ପ୍ଲାଷ୍ଟିକ ପାଇପ କାରଖାନା, ଭାରତ ମସଲା ପକ୍ଷରୁ ରାମଦାସପୁରରେ ହେବ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ଚୌଦ୍ୱାରରେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ, ଅର୍ଗାନିକ ଫର୍ଟିଲାଇଜର ଉତ୍ପାଦନ ୟୁନିଟ୍ ଓ ନୁଡୁଲସ ଉତ୍ପାଦନ କାରଖାନା ହେବ। ୨୦୧୭ ନଭେମ୍ବରରୁ ୧୯୫ଟି ପ୍ରକଳ୍ପ ରାଜ୍ୟରେ ବାସ୍ତବ ରୂପ ନେଇଛି। ୯୨ହଜାର ୪୬୦ କୋଟି ୮୪ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ହୋଇଛି। ୧ଲକ୍ଷ ୧୮ ହଜାର ୨୧୧ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିଛି।

### ବିନା ଦର୍ଶକରେ ...

କିନ୍ତୁ ଏଥର କରୋନା କାରଣରୁ କେବଳ ୧୦୦୦ ଜଣ ଖେଳାଳି ଓ ଅଧିକାରୀ ଏହି ଉତ୍ସବରେ ଉପସ୍ଥିତ ଥିଲେ। ବିଶ୍ୱବ୍ୟାପୀ ୩୫୦ କୋଟି ଲୋକ ଟିଭି, ସ୍ମାର୍ଟ ଫୋନ୍, ଲାପ୍‌ଟପ ଭଳି ଇଲେକ୍‌ଟ୍ରୋନିକ୍ସ ଡିଭାଇସ୍‌ରେ ଏହି ଉତ୍ସବ ଦେଖିଛନ୍ତି ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅନୁମାନ କରିଛି। ୧୮୯୬ରେ ଅନୁଷ୍ଠିତ ପ୍ରଥମ ଅଲିମ୍ପିକ୍ସରେ ଖେଳାଳିମାନଙ୍କ ମାର୍ଚ୍ଚପାଷ୍ଟ ଦେଖିବାକୁ ମିଳିଥିଲା। ଏଥର ମାର୍ଚ୍ଚପାଷ୍ଟରେ ୨୧ ନମ୍ବରରେ ଭାରତୀୟ ଦଳ ଷ୍ଟାଡିୟମ ଭିତରକୁ ପ୍ରବେଶ କରିଥିଲା। ଖେଳାଳି ଓ ଅଧିକାରୀଙ୍କୁ ମିଶାଇ ୨୫ ଜଣିଆ ଭାରତୀୟ ମାର୍ଚ୍ଚପାଷ୍ଟରେ ଅଂଶଗ୍ରହଣ କରିଥିଲେ। ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ ସିଂ ଓ ମହିଳା ବକ୍ସିଂ ଲିଜେଣ୍ଡ ମେରିକମ୍ ଭାରତୀୟ ପରେଡର ନେତୃତ୍ୱ ନେଇଥିଲେ। ଏହି ଦୁଇ ଖେଳାଳି ତ୍ରିରଙ୍ଗା ହାତରେ ଧରି ଆଗକୁ ବଢିଥିଲେ। ପରେଡରେ ଶୁଟିଂ, ବ୍ୟାଡ୍‌ମିଣ୍ଟନ, ଆର୍ଚେରୀ ଓ ହକି ଖେଳାଳିମାନେ ଭାଗ ନେଇ ନ ଥିଲେ। ଏକମାତ୍ର ହକି ଖେଳାଳିଭାବେ ମନପ୍ରୀତ ଏଥିରେ ଭାଗ ନେଇଥିଲେ। ଅନ୍ୟପଟେ ମେରିକମ୍‌ଙ୍କ ସହିତ ଅନ୍ୟ ବକ୍ସରମାନେ ମାର୍ଚ୍ଚପାଷ୍ଟରେ ଭାଗ ନେଇଥିଲେ। କାଉଣ୍ଟ ଡାଉନ୍ ଜିରୋରେ ପହଞ୍ଚିବା ପରେ ଆତସବାଜିରେ ଷ୍ଟାଡିୟମ ଝଲସି ଉଠିଥିଲା। ରଙ୍ଗାରଙ୍ଗ ଆଲୋକ ଓ ଆତସବାଜିରେ ଟୋକିଓ ନ୍ୟାଶନାଲ ଷ୍ଟାଡିୟମରେ ବେଶ୍ ରୋମାଞ୍ଚ ଦେଖିବାକୁ ମିଳିଥିଲା। ଜାପାନ ସଙ୍ଗୀତ ଓ ଭିଡିଓ ଗେମ୍‌ର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ଦର୍ଶକଙ୍କ ଅନୁପସ୍ଥିତି ଏକ ଅଜବ ପ୍ରକାର ନୀରବତା ସୃଷ୍ଟି କରିଥିଲା ଓ ଏହା ସହଜରେ ବାରିହୋଇ ପଡ଼ିଥିଲା। ମାର୍ଚ୍ଚପାଷ୍ଟରେ ପୁରାତନ ଅଲିମ୍ପିକ୍ସର ଘର କୁହାଯାଉଥିବା ଗ୍ରୀସ୍ ଦଳ ପ୍ରଥମେ ଷ୍ଟାଡିୟମରେ ପ୍ରବେଶ କରିଥିଲା ଓ ଶେଷରେ ଜାପାନ ଦଳ ଏଣ୍ଟ୍ରି କରିଥିଲା। ଜାପାନର ପ୍ରସିଦ୍ଧ ଗାୟକ ମିସିଆ ଜାତୀୟ ସଙ୍ଗୀତ ଗାନ କରିଥିଲେ।

ଜେମୋଟ୍ରିକ୍ ଶେପ୍ ଅଙ୍କାଯିବାର ଏକ ଭିଡିଓରୁ ଶୋ' ଆରମ୍ଭ ହୋଇଥିଲା। ପଡିଆର କେନ୍ଦ୍ରରେ ଜଣେ ମହିଳା ଆଥ୍‌ଲେଟ ରହିଥିଲେ ଓ ତାଙ୍କ ହାତ ମାଟିରେ ରହିଥିଲା। ତେବେ ଯେତେବେଳେ ସେ ଉଠିଥିଲେ ତାଙ୍କ ଛାଇ ଷ୍ଟାଡିୟମ ସାରା ପାଖୁଡା ପରି ମେଲି ହୋଇଯାଇଥିଲା। ୮ଜଣ ପିଲା ଜାପାନ ପତାକା ଧରି ଷ୍ଟାଡିୟମ ଭିତରେ ପ୍ରବେଶ କରିଥିଲେ।

ଏଥର ଅଲିମ୍ପିକ୍ସରେ ଶରଣାର୍ଥୀ ଦଳ ସମେତ ୨୦୫ଟି ଦେଶର ମୋଟ୍ ୧୧, ୨୮୩ ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ୩୩ଟି କ୍ରୀଡ଼ାରେ ମୋଟ ୩୩୯ ସ୍ୱର୍ଣ୍ଣ ପଦକ ପାଇଁ ଆଥ୍‌ଲେଟମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ଉତ୍ସବ ଚାଲିଥିବା ବେଳେ ଷ୍ଟାଡିୟମ ବାହାରେ ଅଲିମ୍ପିକ୍ସ ଆୟୋଜନକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କରୋନା ସଂକ୍ରମଣରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ପ୍ରଥମେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏଥର ଅଲିମ୍ପିକ୍ସରେ ଭାରତର ୧୨୪ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ଏଥିରେ ୬୯ ପୁରୁଷ ଓ ୫୫ ମହିଳା ସାମିଲ ରହିଛନ୍ତି। ୮୫ଟି ପଦକ ପାଇଁ ଭାରତୀୟ ଖେଳାଳିମାନେ ମୁକାବିଲାରେ ଅବତୀର୍ଣ୍ଣ ହେବେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦିନଟି ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ପାଇଁ ଅନୁକୂଳ ହେବ ନାହିଁ। ଆର୍ଥିକ ଅଭିବୃଦ୍ଧି ସଙ୍ଗକୁ ଧର୍ମୀୟ ଭାବନା, ବନ୍ଧୁ ମିଳନ ଓ ପ୍ରତ୍ୟୁଷ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ଅନ୍ତରଙ୍ଗ ବନ୍ଧୁଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ**
ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇବ। ପାରିବାରିକ ସମସ୍ୟା ଲାଗି ରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ ସଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ**
ଆଜି ରାଶ୍ୟାଧିପ ସ୍ୱଗୃହୀ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଚେରି ମାମଲା କିମ୍ବା ପାରିବାରିକ ସମସ୍ୟା ବୃଦ୍ଧି ହେତୁ ବ୍ୟସ୍ତତା ବଢ଼ିଯାଇପାରେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ରାଜନୀତି କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ।

**କର୍କଟ**
କର୍ମକ୍ଷେତ୍ରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ପୁନର୍ବସୁ ନକ୍ଷତ୍ରର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ଖୁସୀ ରହିବେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ସିଂହ**
ବିଭିନ୍ନ ସମସ୍ୟାରେ ଛନ୍ଦିହୋଇ ମାନସିକ ସନ୍ତୁଳନ ହରାଇବେ। ପାରିବାରିକ ଅଶାନ୍ତି କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ଆଜିର ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ,ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭାସମିତି, ମନୋରଞ୍ଜନରେ ସଫଳତା ଅର୍ଜନ କରିବେ।

**କନ୍ୟା**
ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଭାରସାମ୍ୟ ହରାଇବେ। କର୍ମକ୍ଷେତ୍ରରେ କାମଗୁଡ଼ିକ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିବେ। ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରୁ ସୁଫଳ ପାଇବେ। ଅଟକି ରହି ଯାଇଥିବା ଅର୍ଥ ଲାଭରୁ ଖୁସି ରହିବେ।

**ତୁଳା**
କଥା ଦେଇ କଥା ରଖୁ ନ ଥିବା କାରଣରୁ ନିଜ ଲୋକଙ୍କ ଉପରେ ଭରସା କରି ପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ସ୍ୱାତୀ ନକ୍ଷତ୍ରର ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ କିନ୍ତୁ ପ୍ରତିବନ୍ଧକ ଲାଗି ରହିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ।

**ବିଛା**
ଆଜି ଦିନଟିରେ ସାବଧାନତା ସହକାରେ କାମ କରିବା ଭଲ ହେବ। ଅଫିସ୍ କାମରେ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବେ। ବନ୍ଧୁମାନଙ୍କ ଗହଣରେ କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅନୁରାଧା ନକ୍ଷତ୍ର ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ଧନୁ**
ବିଭିନ୍ନ ବିଷୟରେ ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ଆଲୋଚନା ପରିସରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ ଓ ପାରିବେ ମଧ୍ୟ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହା କି ଅଶାନ୍ତିକୁ ନିମନ୍ତ୍ରଣ କରିପାରେ।

**ମକର**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଚେଷ୍ଟା କରୁଥିବା କାମରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ପୂର୍ବରାଗକୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦ କରି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ।

**କୁମ୍ଭ**
ଆକସ୍ମିକଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଆକସ୍ମିକ ଯାତ୍ରା କରିବାକୁ ପଡ଼ିପାରେ। ସ୍ଥିତି ବିଶେଷ ଭଲ ନ ଥିଲେ ମଧ୍ୟ ପରିବାର ଭିତରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍‌ଧ ହୋଇପାରନ୍ତି।

**ମୀନ**
ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରର ସମସ୍ୟା ସମାଧାନ ହେବା ସଙ୍ଗକୁ ଟେନସନ୍ କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

ଆଜି ଆଷାଢ଼ ମାସର ଗୁରୁ / ବ୍ୟାସ ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା ଶନିବାର, ପୁରୀ ଶ୍ରୀଶ୍ରୀ ଗୋବର୍ଦ୍ଧନ ପୀଠରେ ପ୍ରଭୃତି ସର୍ବତ୍ର ଗୁରୁପୂଜା, ଜୁଲାଇ ୨୪ ତାରିଖ, ଆୟକର ଦିବସ, ଶରଣଂ, ଦିବା ଘ.୧୨.୪୦ମି. ପର୍ଯ୍ୟନ୍ତ ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୦୯.୪୩ମି. ଗତେ ଘ.୦୧.୧୧ମି. ମଧ୍ୟେ ଅମୃତବେଳା। ଦିବା ଘ.୦୮.୩୮ମି. ଗତେ ଘ.୧୦.୧୫ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120

**AIIMS Hospital frontgateରୁ 300mtr 2395sqft. ଘରବାରି plot yellowzone sqft.-2500/-, Contact: 9938447042.** D-70863

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**Cuttack Highcourt ଠାରୁ 7.K.M. ଘରବାରି ପାଚେରି ପ୍ଲଟ୍ sqft.-750/-ରେ ବିକ୍ରିହେବ। 9438299931.** D-70870

ତ୍ରିଶୂଳିଆ ବାଙ୍କୀରାସ୍ତାର ପାଥପୁର ମୌଜାରେ ସ୍ଥିତିବାନ ପ୍ଲଟ୍ ୩.୫ ଗୁଣ୍ଠ ସହ ୩ ବଖରା ଛାତଘର ବିକ୍ରୟ ହେବ। 8884977685, 9853086644. D-59996

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-20958

ଘରବାରି ବାଉଣ୍ଡାରୀ ପ୍ଲଟ୍ ହଂସପାଳ ଛକଠାରୁ 4 k.m. ଦୂରରେ ୧୩୦୦/- sqft. ରେ ମିଳୁଛି। 893465134, 9668194157. D-70933

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-21043

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

Conversion plot sale 5k.m. from ନଖରା East College ପରେ 1500 sqft. 12,00,000/-, 9437306208. D-70871




Accommodation for Single Rooms attached at Sisupalgad near College Bhubaneswar. 2500/3500. Contact: 9437764734. D-70721

**AFFIDAVIT**

ସରୋଜ କୁମାର ପାଇକରାୟ (୨୪), ପି- ଶଙ୍କର ପାଇକରାୟ, ଗ୍ରା/ପୋ- ଓଳସିଂହ, ଥା- ଜଙ୍କିଆ, ଜି- ଖୋର୍ଦ୍ଧା, ଆଧାର, ପ୍ୟାନ, ଭୋଟର ପରିଚୟପତ୍ର, ବ୍ୟାଙ୍କ ଆକାଉଣ୍ଟରେ ଓ ସବୁ ସାର୍ଟିଫିକେଟ୍‌ରେ ଉପରୋକ୍ତ ନାମ ଥିବା ବେଳେ ଏଲ୍‌ଆଇସି ବଣ୍ଡ ଓ ବାର୍ଥ ସାର୍ଟିଫିକେଟ୍‌ରେ ପୁପୁନ ପାଇକରାୟ ରହିଅଛି। ମୋର ପୁପୁନ ପାଇକରାୟ ନାମକୁ ବଦଳାଇ ସରୋଜ କୁମାର ପାଇକରାୟ କରୁଅଛି। ଏହା ପ୍ରତ୍ୟେକ କାର୍ଯ୍ୟରେ ଆସିବ। ଧ-୨୧୧୫୧

By virtue of an affidavit sworn before the Notary Public, Barpali, Dist- Bargarh, my name and surname is Subarnalata Behera and Subarna Sa is one and same person as address W/o- Bhismadev Behera, At/Po- Kumbhari, P.S/ Tah- Barpali, Dist- Bargarh. D-21152

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

# ଆକାଶ ଏନ୍‌ଜିର ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୩।୭**

ବାଲେଶ୍ୱର ଜିଲା ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ୩ନଂ. ଲଞ୍ଚପ୍ୟାଡ୍‌ରୁ ଶୁକ୍ରବାର ପୂର୍ବାହ୍ନ ୧୧ଟା ୫୬ ମିନିଟ୍‌ରେ ଆକାଶ କ୍ଷେପଣାସ୍ତ୍ର ନ୍ୟୁ ଜେନେରେଶନ୍(ଏନ୍‌ଜି)ର ଉତ୍କ୍ଷେପଣ କରାଯାଇଛି। ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରାଯାଇଥିବା ଏହି ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୭୦ କିଲୋମିଟର। ପରୀକ୍ଷା ସମୟରେ ରାଡାର ମାଧ୍ୟମରେ ସଂଗୃହୀତ ତଥ୍ୟକୁ ପ୍ରତିରକ୍ଷା ବିଭାଗର ବୈଜ୍ଞାନିକମାନେ ସମୀକ୍ଷା କରୁଛନ୍ତି। ସ୍ୱଦେଶୀ



ଜ୍ଞାନକୌଶଳରେ ଡିଆର୍‌ଡିଓ ଦ୍ୱାରା ପ୍ରସ୍ତୁତ ଏହି କ୍ଷେପଣାସ୍ତ୍ରରେ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇପାରିବ।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
A SUPERVISOR FOR RE-ROLLING MILL AT JAGATPUR, CUTTACK
CONTACT:
9937399588

**WANTED**
MATHS, SCIENCE and ENGLISH TEACHER for 8th to 10th Odia Medium Students of our Educational Institute. Location Bhubaneswar.
Contact:-
sukantakmohanty@gmail.com
Mob.-8178616361

**WANTED**
LADY OFFICE ASSISTANT, CUTTACK
Free Accommodation.
10,000/-
8249851363
7809525452

**AIRPORT ODISHA**
Required male / female (8th to graduate) for Air hostess Ground Staff, I.T.I Diploma Eng, Ex-man, Computer Operator, Data Entry, Air Ticketing & Driver.
Salary-28K to 85K. Send C.V: interglobe62@gmail.com, Ph-9711809424, 7052138505

**REQUIRED**
TATA KALINGA AUTO SYNDICATE TATA
Invites aspiring candidates for Residential Sales Executives with Minimum +2 Pass and having motor cycle for the following Districts:-
HR Manager - 01 No.
Koraput: Semiliguda, Nandapur, Kotpad, Lamtaput, Jeypore, Borigumma, Narayanpatna
Malkangiri: Malkangiri, Khairaput, Kalimela, Mathili, MV 79
Nabarangpur: Nabarangpur, Umerkote, Raighar, Jharigaon, Dabugaon
Kalahandi: Bhawanipatna, Dharamgarh, Junagarh, Lanjigarh
Rayagada: Rayagada, Muniguda, Gunupur, Tikiri, Gudari
Send your Resumes to kalingahr1@gmail.com, Contact: 7328841400
KALINGA AUTO SYNDICATE
Authorized dealer for TATA MOTORS COMMERCIAL VEHICLES
NH 26, Teliguda, Jeypore, Dist: Koraput

NABARD
**NATIONAL BANK FOR AGRICULTURE AND RURAL DEVELOPMENT**
Direct Recruitment of Officers in Grade 'A' / 'B' – 2021
NABARD, an all India Apex Organization, wholly owned by Government of India, invites ONLY online applications from Indian citizens having necessary qualification for appointment in NABARD for the following posts:

| Sr. No. | Post | Vacancies | Online Application Registration |
|---|---|---|---|
| 1 | Assistant Manager in Grade 'A' (Rural Development Banking Service) | 148 | 17-07-2021 to 07-08-2021 |
| 2 | Assistant Manager in Grade 'A' (Rajbhasha Service) | 05 | |
| 3 | Assistant Manager in Grade 'A' (Protocol & Security Service) | 02 | |
| 4 | Manager in Grade 'B' (Rural Development Banking Service) | 07 | |

For all details related to vacancies, educational qualification, age, application fee, selection procedure, etc., please visit https://www.nabard.org
Chief General Manager
HRMD
15-07-2021
गाँव बढ़े >> तो देश बढ़े | www.nabard.org | /nabardonline | Taking Rural India >> Forward

**RITA AUTOTECH PVT. LTD.** TVS
(Authorised Main Dealer TVS Motor Company)
SITUATION VACANT

| SL. NO. | DESIGNATION | GENDER | QUALIFICATION | EXPERIENCE | POST |
|---|---|---|---|---|---|
| | SALES | | | | |
| 01 | SHOWROOM MANAGER | M | Graduation | 5 - 6 years | 01 |
| 02 | NETWORK MANAGER | M | Graduation | 4 - 5 years | 01 |
| 03 | SALES EXECUTIVE | F / M | Graduation | 1 year | 04 |
| 04 | DMS EXECUTIVE | F / M | Graduation | 2 - 3 years | 01 |
| 05 | FRONT OFFICE | F | Graduation | 1 year | 01 |
| 06 | ACCOUNTS EXECUTIVE | M | B.Com/M.Com | 1 Year | 01 |
| 07 | RTO/INSURANCE | M | Graduation | 2 - 3 years | 01 |
| 08 | PEON | M | 10th Pass | 1 year | 01 |
| | SERVICE | | | | |
| 01 | WORKS MANAGER | M | ITI/Diploma/B.Tech | 3 - 4 years | 01 |
| 02 | FLOOR SUPERVISOR | M | Graduation | 2 - 3 years | 01 |
| 03 | TECHNICIAN | M | Graduation | 3 - 4 years | 06 |
| 04 | CUSTOMER CARE EXECUTIVE | F | Graduation | 2 - 3 years | 01 |
| 05 | BILLING EXECUTIVE | M | Graduation | 2 - 3 years | 01 |
| 06 | WASHING BOY | M | | 1 year | 02 |
| 07 | HELPER | M | | 1 year | 01 |
| | SPARE | | | | |
| 01 | SPARE PARTS MANAGER | M | B.Com/M.Com | 2 - 3 years | 01 |
| 02 | SPARE ASST. EXECUTIVE | M | Graduation | 1 year | 01 |

Candidates having experience in Automobile Dealership with Own Two Wheeler & Driving Licence will be preferred.
Walk-in-Interview
Interview Date: 26.07.2021 to 27.07.2021, Time: 10.00 A.M.
Plot No. 491, NH - 16, Khandagiri, Bhubaneswar - 30 (Near Cosmopolic Square)
Contact: 9776036999 | 7008505283
Interested Candidates please send Resume at ritaautotech99@gmail.com

**ODISHA PUBLIC SERVICE COMMISSION**
ADVERTISEMENT No.08 OF 2021-22
**Recruitment to the post of Assistant Public Prosecutor, Group-B in Odisha State Prosecution Service under Home Department.**
WEBSITE - http://opsc.gov.in
No. D-64:- Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in) for recruitment to 46 (Forty Six) post of Assistant Public Prosecutor (Group-B) in the Odisha State Prosecution Service (OSPS cadre) under Home Department in the Scale of Pay of Rs.44,900/- of Level-10, Cell- 01 of Pay Matrix under ORSP Rules, 2017 (Rs.9,300/-34,800/- with Grade Pay of Rs.4,600/- pre revised) with usual Dearness and other Allowances as may be sanctioned by the Government of Odisha from time to time. The posts are temporary and likely to be made permanent.
2. VACANCY POSITION: As per requisition filed by the Home Department, Government of Odisha, out of total 46 (18-w) posts, 41 (14-w) posts are for UR category, 04 (04-w) are for SC category, & 01 post is for ST category. Also, 04 posts are reserved for Ex-servicemen, 04 posts for Persons with Disabilities and 01 post for Sportspersons.
3. AGE: A candidate must not be below the age of 21 years and above 35 years of age as on 1st day of January, 2021 i.e. he/she must have born not earlier than 2nd January, 1986 and not later than 1st January, 2000.
4. EDUCATIONAL QUALIFICATION:
(a) A candidate must possess a Bachelor's Degree in Law from recognized University.
(b) He/She should have at least 2 (two) years of experience as practicing Advocate.
5. EXAMINATION FEE: A candidate is required to pay a non-refundable and non-adjustable fee of Rs.500/- (Rupees five hundred) only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.
The link for registration/ re-registration and payment of examination fee shall be available from 10.08.2021 to 09.09.2021 (Note: 17.09.2021 is the last date for submission of Registered Online Application).
The candidates are advised to visit the Website of the Commission at http://opsc.gov.in for detailed information for applying to the above post.
Sd./- SECRETARY
ODISHA PUBLIC SERVICE COMMISSION
CUTTACK
CUTTACK
DATE- 22.07.2021
OIPR-12002/11/0041/2122

# ଅଭିନୟ ଛଡ଼ା ଫ୍ଲପ୍

**'ମୁଁ ଏସିପି ରାଣା...ମଣିଷ କମ୍, ଶାଗୁଣା ବେଶି'। 'ସିନ୍ଦୁର ବିନ୍ଦୁ' ଧାରାବାହିକର ଏହି ଲୋକପ୍ରିୟ ଡାଏଲଗ୍ ଦ୍ୱାରା ଦର୍ଶକଙ୍କ ମନରେ ବସା ବାନ୍ଧିଥିବା ସେହି ଅଭିନେତା ହେଉଛନ୍ତି ଚିନ୍ମୟ ମିଶ୍ର। ଛୋଟ ହେଉ ଅବା ବଡ଼ ପରଦା, ସବୁଠି ନିଜର ଅଭିନୟ ଯାଦୁରେ ଦର୍ଶକଙ୍କୁ ଭିନ୍ନ ଭାବରେ ବାନ୍ଧି ରଖିବାରେ ସଫଳ ହୋଇଛନ୍ତି। କେତେବେଳେ ସେ ଏସିପି ରାଣା ସାଜିଛନ୍ତି ତ କେତେବେଳେ ମଶାଣି ଚଣ୍ଡୀ, ପୁଣି ଆଦର୍ଶର ବିନ୍ଦୁ ପାଲଟିଛନ୍ତି। ଉଭୟ ନେଗେଟିଭ୍ ଓ ପଜିଟିଭ୍ ଚରିତ୍ରରେ ନିଜ ଦକ୍ଷତାକୁ ପ୍ରମାଣିତ କରିସାରିଛନ୍ତି। ୫ରୁ ଊର୍ଦ୍ଧ୍ୱ ନାଟକ ସହିତ ପ୍ରିୟା ମୋର, ବଡ଼ଘର ବଡ଼ ଗୁମର କଥା, ସାହାନାଇ, ବଧୂ, ସିନ୍ଦୁର ବିନ୍ଦୁ, ରାଜକନ୍ୟା, ତୋ ଅଗଣାର ତୁଳସୀ ମୁଁ, ତୋ ପାଇଁ ମୁଁ, ସ୍ୱାଭିମାନ ଭଳି ୧୫ରୁ ଊର୍ଦ୍ଧ୍ୱ ଧାରାବାହିକ, ମନ ମୋର ପ୍ରଜାପତି, ପାଟଣାଗଡ଼ ଆଦି ୭ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର, ହିନ୍ଦୀ ଚଳଚ୍ଚିତ୍ର 'ଟୁ ଡିଜାୟାର୍ସ ଆଣ୍ଡ୍ ଏ ଡ୍ରିମ୍', ଶର୍ଟଫିଲ୍ମ 'ଅଧା ଲେଖା ଚିଠି'ରେ ଅଭିନୟ କରିବା ସହ ଏକାଧିକ ଚଳଚ୍ଚିତ୍ର ଓ ମ୍ୟୁଜିକ୍ ଭିଡ଼ିଓରେ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଏହି ନିଆରା କଳାକାରଙ୍କ ଘର ବୌଦ୍ଧ ଜିଲାର ଜହ୍ନାପଙ୍କ ଗାଁରେ। ସେ ଭୁବନେଶ୍ୱରରେ ରହୁଥିବାବେଳେ ତାଙ୍କ ସହ ଧରିତ୍ରୀର ଆଳାପ।**



ଚିନ୍ମୟ ମିଶ୍ର

**ଧରିତ୍ରୀ ଆଳାପ**

**ଅଭିନୟ ଜଗତକୁ କେମିତି ଆସିଲେ?**

ମୁଁ ଭୁବନେଶ୍ୱରକୁ ପଢ଼ିବା ପାଇଁ ଆସିଥିଲି। ମୋର ଜଣେ ସାଙ୍ଗ ଏକ ଚ୍ୟାନେଲରେ ଅଡିଶନ ଦେବାକୁ ଆସିଥିଲା। ତାଙ୍କୁ ନେଇ ମୁଁ ସେହି ଚ୍ୟାନେଲ୍‌କୁ ଯାଇଥିବାବେଳେ ସେଠାରେ ଜଣେ ନିର୍ଦ୍ଦେଶକ ମୋତେ ଦେଖି ଅଭିନୟ କରିବାକୁ ପରାମର୍ଶ ଦେଇଥିଲେ। ସେ ପ୍ରଥମେ ମୋତେ 'ପ୍ରିୟା ମୋର' ଧାରାବାହିକରେ ଏକ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ। ଏହାପରେ ମୁଁ ୨୦୧୦ରେ ଶତାବ୍ଦୀର କଳାକାର ପ୍ରତିଷ୍ଠାନରେ ଅଭିନୟ ତାଲିମ୍ ନେଇଥିଲି। ୨୦୧୧ରେ ଧାରାବାହିକ 'ଗାୟତ୍ରୀ'ରେ ଏସିପି ନିକି ମାନ୍‌ସିଂହର ଚରିତ୍ର ମିଳିଥିଲା। ସେହିଠାରୁ ଲୋକେ ଚିନ୍ମୟଙ୍କୁ ଚିହ୍ନିବା ଆରମ୍ଭ କରିଥିଲେ।

**ଅଭିନୀତ, ନିର୍ଦ୍ଦେଶିତ ଚଳଚ୍ଚିତ୍ର ସମ୍ପର୍କରେ କିଛି ?**

ଏବେ ମୁଁ ଟେଲିଭିଜନ ଧାରାବାହିକରୁ ଟିକେ ବ୍ରେକ୍ ନେଇଛି। ଚଳଚ୍ଚିତ୍ର ନିର୍ଦ୍ଦେଶନା ଉପରେ ଧ୍ୟାନ ଦେଉଛି। ପ୍ରଥମ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପିହୁ' ଦର୍ଶକଙ୍କ ଦ୍ୱାରା ଖୁବ୍ ପ୍ରଶଂସିତ ହୋଇଥିଲା। ଆଗାମୀ ୨ଟି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛି। ଚଳିତ ବର୍ଷ ମୋ ଅଭିନୀତ ବଲାଙ୍ଗୀରର ପାର୍ସଲ ବୋମା ଉପରେ ଆଧାରିତ ଚଳଚ୍ଚିତ୍ର 'ପାଟଣାଗଡ଼' ସହିତ 'ନିଷ୍ପତ୍ତି', 'ପ୍ରତ୍ୟାଘାତ' ଓ 'ଅତିଥି' ରିଲିଜ୍ ହେବାର ଅଛି। 'ପାଟଣାଗଡ' ତେଲୁଗୁ ଭାଷାରେ ମଧ୍ୟ ରିଲିଜ ଅପେକ୍ଷାରେ। ସେହିପରି ତେଲୁଗୁରେ ମୋର ଆଉଏକ ବିଗ୍ ବଜେଟ୍ ଚଳଚ୍ଚିତ୍ର ଆସିବାର ଅଛି।

**ଜଣେ ଅଭିନେତା ହେବା ପାଇଁ ବିଧିବଦ୍ଧ ତାଲିମ୍ ଆବଶ୍ୟକ କି?**

ମୋ ମତରେ ବିଧିବଦ୍ଧ ତାଲିମ୍‌ର ନିହାତି ଆବଶ୍ୟକତା ନାହିଁ। ସମାଜରୁ ଓ ଆମ ଆଖପାଖରୁ ଅନେକ କିଛି ଶିଖିବାକୁ ମିଳିଥାଏ। ଯାହା ଭିତରେ ଅଭିନୟର ଦକ୍ଷତା ଅଛି, ତାକୁ ଆଉଟିକେ ମାଜିବା ପାଇଁ ତାଲିମ୍‌ର ଆବଶ୍ୟକତା ପଡିଥାଏ। କିଛି ପ୍ରତିଭା ବିନା ତାଲିମ୍‌ରେ ବି ଭଲ ଅଭିନୟ କରୁଛନ୍ତି। ତାହା ନିଜ ଉପରେ ନିର୍ଭର କରିଥାଏ। କିନ୍ତୁ ସୁଯୋଗ ମିଳିଲେ ତାଲିମ ନେବା ଦରକାର।

**ନିର୍ଦ୍ଦେଶନା ଓ ଅଭିନୟ ଭିତରୁ କେଉଁ ପ୍ଲାଟ୍‌ଫର୍ମ ଭଲ?**

ଅଭିନୟ ଓ ନିର୍ଦ୍ଦେଶନା ଦୁଇଟାର ମଜା ଅଲଗା ଅଲଗା। ତେବେ ନିର୍ଦ୍ଦେଶନାକୁ ମୁଁ ପ୍ରାଥମିକତା ଦେବି। କାରଣ ଗୋଟିଏ ଚଳଚ୍ଚିତ୍ର ଭଲ ହେବ ନ ହେବ ତାହା ନିର୍ଦ୍ଦେଶକଙ୍କ ହାତରେ ଥାଏ। ଏଥିରେ ଅନେକ ସୁଯୋଗ ରହିଛି, ଯାହା ଅଭିନୟରେ ନାହିଁ।

**ଲୋକେ କେଉଁ ଚରିତ୍ରରେ ଦେଖିବାକୁ ଚାହାନ୍ତି?**

ମୋ ପାଇଁ ନେଭେଟିଭ, ପଜିଟିଭ୍ ସବୁ ସମାନ। ଯେଉଁ ଚରିତ୍ର ମିଳେ ସେଇଟା କେମିତି ଭଲରେ କରିବି ତା ଉପରେ ଗୁରୁତ୍ୱ ଦିଏ। କିନ୍ତୁ ମୁଁ ନେଗେଟିଭ୍ ଚରିତ୍ରରେ ବେଶି ଲୋକପ୍ରିୟ। 'ତୋ ଅଗଣାର ତୁଳସୀ ମୁଁ' ଧାରାବାହିକର ମଶାଣୀ ଚଣ୍ଡୀ ଚରିତ୍ରକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଥିଲେ। ଏହାପରଠୁ ମୋତେ ବେଶି ନେଗେଟିଭ୍ ଚରିତ୍ର ହିଁ ମିଳିଥିଲା।

**ଅଭିନୀତ କେଉଁ ଚରିତ୍ର ଆପଣଙ୍କୁ ଭଲ ଲାଗି ନ ଥିଲା?**

'ତୋ ଅଗଣାର ତୁଳସୀ ମୁଁ' ଧାରାବାହିକର ମଶାଣୀ ଚଣ୍ଡୀ ଚରିତ୍ର ମତେ ଭଲ ଲାଗି ନ ଥିଲା। ଏଥିରେ ତନ୍ତ୍ର, ମନ୍ତ୍ର ଭଳି ଅନ୍ଧବିଶ୍ୱାସ ରହିଥିଲା। ଧାରାବାହିକରେ ଆଗକୁ କ'ଣ ହେବ ସେ କଥା ଆମେ ଜାଣି ନ ଥାଉ। ମୋ ପାଖକୁ ଅଫର ଆସିବା ପରେ ମୁଁ ହଁ କରିଥିଲି। ଯେହେତୁ ଚୁକ୍ତି କରିଥିଲି ତେଣୁ ବାଧ୍ୟ ହୋଇ କରିବାକୁ ପଡିଥିଲା।

**ଜଣେ କଳାକାର ଭାବେ କୋଭିଡ୍‌ର ଅନୁଭୂତି କିପରି ଥିଲା?**

ଶୁଟିଂ ସେଟ୍‌ରେ ମୋ ସହ ଅଧିକାଂଶ ଟେକ୍ନିସିଆନ ଓ କଳାକାର କରୋନାରେ ସଂକ୍ରମିତ ହୋଇଥିଲେ। ଜୀବନ ଅନିଶ୍ଚିତ ବୋଲି ମୁଁ ସେତେବେଳେ ଅନୁଭବ କରିଥିଲି। ନିୟମ ମାନି ଏକୁଟିଆ ରହୁଥିଲି। ସେହି ସମୟରେ ହିଁ ପ୍ରକୃତରେ ନିଜ ଲୋକଙ୍କୁ ଚିହ୍ନିବାର ସୁଯୋଗ ମିଳିଥିଲା।

**କେଉଁଭଳି ଜୀବନସାଥୀଟିଏ ଖୋଜୁଛନ୍ତି?**

ବିବାହ କଥା ଏ ପର୍ଯ୍ୟନ୍ତ ଭାବିନି। ଆମ ପାଇଁ ମୋ ମା'ଙ୍କର ଅଧିକାଂଶ ସମୟ ରୋଷେଇ ଘରେ ବିତେ। ତେଣୁ ମୁଁ ଚାହିଁବିନି କି ମୋ ଜୀବନସାଥୀ ବି ସେପରି ରୋଷେଇ ଘରେ ବ୍ୟସ୍ତ ରହୁ। ତେବେ ସେ ଜଣେ କ୍ରିଏଟିଭ୍ ଫିଲ୍ଡରେ ଥିବା ଆବଶ୍ୟକ। ଯଦି ସେ ବହି ପଢାପଢି କରୁଥିବ ତେବେ ଆହୁରି ଭଲ।

**ଅବସର ସମୟରେ କ'ଣ କରିବାକୁ ଭଲ ଲାଗେ?**

ଫାଙ୍କା ସମୟ ବହୁତ କମ୍ ମିଳେ। ତେବେ ବହି ପଢିବା ସହ ସାଙ୍ଗମାନଙ୍କ ସହ ବୁଲାବୁଲି କରିବାକୁ ଭଲ ଲାଗେ। ଫ୍ରି ଥିଲେ ସୂର୍ଯ୍ୟାସ୍ତ ଦେଖିବାକୁ କେବେ ଭୁଲେ ନାହିଁ। ଶୁଟିଂରୁ ବ୍ରେକ୍ ମିଳିବାମାତ୍ରେ ସୂର୍ଯ୍ୟାସ୍ତ ଦେଖିବାକୁ ମିସ୍ କରେନି।

**ଅଭିନେତା ହୋଇ ନ ଥିଲେ...?**

ଅଭିନୟ ଛଡ଼ା ଆଉ କିଛି ବି କରିଥିଲେ ମୁଁ ଫ୍ଲପ୍ ହୋଇଥା'ନ୍ତି। ଅଭିନୟକୁ ଛାଡ଼ି ମୁଁ ଯାହା ବି ବ୍ୟବସାୟ କରୁଛି ବା କରିବି ସେଥିରୁ ମିଳିବା ଟଙ୍କା କେବଳ ଚଳଚ୍ଚିତ୍ର ତିଆରି ପାଇଁ ଲଗାଇବି। କିନ୍ତୁ ଚଳଚ୍ଚିତ୍ରରୁ ପଇସା କମାଇବା କଥା କେବେ ଭାବିନି। ଆଗାମୀ ଦିନରେ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବା ମୋର ଲକ୍ଷ୍ୟ।

**– ବନ୍ଦନା ସେଠୀ, ଭୁବନେଶ୍ୱର**

# ଯୁକ୍ତ୩ ପାଠ୍ୟକ୍ରମରେ 'ବିପର୍ଯ୍ୟୟ ପରିଚାଳନା'

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଏଣିକି ଯୁକ୍ତ୩ ପାଠ୍ୟକ୍ରମରେ ସାମିଲ ହେବ 'ବିପର୍ଯ୍ୟୟ ପରିଚାଳନା'। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପ୍ରଚଳିତ ପାଠ୍ୟସୂଚୀରେ ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା ବିଷୟକୁ ସାମିଲ କରିବା ପାଇଁ ଓଡ଼ିଶା ସରକାରଙ୍କ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ସ୍ନାତକ ସ୍ତରରେ 'ପରିବେଶ ଶିକ୍ଷା ଓ ବିପର୍ଯ୍ୟୟ ପରିଚାଳନା' ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାକୁ ଶୁକ୍ରବାର ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଚତୁର୍ଥ ବୈଠକରେ ଆନୁଷ୍ଠାନିକ ଭାବେ ସ୍ନାତକ ସ୍ତରରେ ପ୍ରଚଳନ କରାଯାଇଛି। ଲୋକସେବା ଭବନରେ ଆୟୋଜିତ ବୈଠକରେ ଅଧ୍ୟକ୍ଷତା କରି ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଲେ, ଏହି ପରିବର୍ତ୍ତିତ ପାଠ୍ୟକ୍ରମ ବାଧ୍ୟତାମୂଳକ ରହିବ। ଏହା କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଯୁକ୍ତ ୩ର ପ୍ରଥମ ବର୍ଷ ପ୍ରଥମ ସେମିଷ୍ଟରରେ ପଢ଼ାଯିବ। ଏହି ପାଠ୍ୟକ୍ରମ ଦ୍ୱାରା ରାଜ୍ୟର ବିପର୍ଯ୍ୟୟ ଓ ମହାମାରୀ ପରିଚାଳନା କ୍ଷେତ୍ର ଅଧିକ ମଜ୍‌ଭୁତ୍ ହେବ ଏବଂ ଏ କ୍ଷେତ୍ରରେ ଅଧିକ ଜ୍ଞାନ ଅର୍ଜନ କରି ଦକ୍ଷତାର ସହିତ ମୁକାବିଲା କରିବାରେ ସହାୟକ ହେବ। ପରିଷଦ ବିଭିନ୍ନ ସଂସ୍କାର ଓ ଗଠନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରି ଉଚ୍ଚଶିକ୍ଷାର ବିକାଶ ଦିଗରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ କରିଛି ବୋଲି ମନ୍ତ୍ରୀ କହିଛନ୍ତି। ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ, ପରିଷଦ ସଦସ୍ୟ ସଚିବ ସିଦ୍ଧାର୍ଥ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କାମାକ୍ଷାନଗର, ୨୩।୭(ଡି.ଏନ.ଏ)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କନ୍ଧରା ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସନ୍ଦେହଜନକ ଅବସ୍ଥାରେ ଜବତ କରାଯାଇଛି। ମୃତକ ହେଲେ ଗୋବିନ୍ଦ ଦଣ୍ଡପାଟ। ଏକ ଓଢ଼ଣିରେ ଗୋବିନ୍ଦ ଝୁଲି ରହିଥିବାବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡକ୍ତରଖାନାକୁ ଆଣିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କଙ୍କଡ଼ାହାଡ଼ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ଥାନାଧିକାରୀ ନିର୍ମଳା ଗୋଛାୟତ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ।




# ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ପୁରାତନ ଛାତ୍ର

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଆସନ୍ତା ବର୍ଷ ୭୫ତମ ପୂର୍ତ୍ତି ଉତ୍ସବ ପାଳନ କରିବ। ଏଥିପାଇଁ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ତେବେ ୭୫ବର୍ଷ ପୂର୍ତ୍ତି ଉତ୍ସବ ପୂର୍ବରୁ ଏହି ମହାବିଦ୍ୟାଳୟକୁ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଘୋଷଣା କରିବାକୁ ଦାବି କରାଯାଇଛି। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଭେଟି ଦାବି ଉପସ୍ଥାପନ କରିଛନ୍ତି। ଏଥିସହ ହେବାକୁ ଥିବା ଡାଇମଣ୍ଡ ଜୁବିଲି (୭୫ତମ ପୂର୍ତ୍ତି ଉତ୍ସବ)ରେ ରାଜ୍ୟ ସରକାରଙ୍କ ପକ୍ଷରୁ କିପରି ସହଯୋଗ ରହିବ ସେ ନେଇ ମଧ୍ୟ ସେମାନେ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ପୁରାତନ ଛାତ୍ରମାନଙ୍କ ତରଫରୁ ଆସନ୍ତା ବର୍ଷ କଲେଜ ପରିସରରେ ୫ ଦିନିଆ ଡାଇମଣ୍ଡ ଜୁବିଲି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବେଳେ ଏଥିରେ ରାଷ୍ଟ୍ରପତିଙ୍କ ସମେତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଏବଂ ରାଜ୍ୟର ବରିଷ୍ଠ ମନ୍ତ୍ରୀମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯିବାର ଯୋଜନା ରହିଛି। ପୁରାତନ ଛାତ୍ର ଜ୍ୟୋତିପ୍ରକାଶ ମହାନ୍ତି, ଜ୍ଞାନ ରଞ୍ଜନ ମହାନ୍ତି, ଅକ୍ଷୟ କୁମାର ଦାସ, ଦୀପକ, ବେହେରା, ମାନସ ସାହୁ, ରଞ୍ଜନ ପ୍ରଧାନ ଏବଂ ବିକ୍ରମ ମଲ୍ଲିକ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେବା ସହ ସହଯୋଗ କାମନା କରିଛନ୍ତି। ମନ୍ତ୍ରୀ ମଧ୍ୟ ଆଗାମୀ ଦିନରେ ପୁରାତନ ଛାତ୍ରମାନଙ୍କୁ କଲେଜର ବହୁବିଧ ଉନ୍ନତି ଏବଂ ଡାଇମଣ୍ଡ ଜୁବିଲି କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

> ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚୁ ନାହଁ। -ଶ୍ରୀମା



# ଏଥର କଠିନ ପରିଶ୍ରମ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରରେ ପ୍ରଥମ ଥର ମନ୍ତ୍ରୀ ହୋଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ସମ୍ଭାଳୁଥିବା ଅଶ୍ୱିନୀ ବୈଷ୍ଣବଙ୍କୁ କ୍ୟାବିନେଟ୍‌ର ସବୁଠୁ ବ୍ୟସ୍ତ ବ୍ୟକ୍ତି ବୋଲି କୁହାଯିବ। ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ଏବେ ଅଧିକାରୀମାନଙ୍କୁ ସଂଗଠିତ କରି ତାଙ୍କ ଅନୁସାରେ କାର୍ଯ୍ୟ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେ ମନ୍ତ୍ରଣାଳୟରେ ଦୁଇଟି ଶିଫ୍ଟରେ ୧୮ ଘଣ୍ଟାର କାର୍ଯ୍ୟନିର୍ଘଣ୍ଟ ଆରମ୍ଭ କରିଛନ୍ତି। ଓଡ଼ିଶା କ୍ୟାଡର୍‌ର ଆଇଏଏସ୍ ଅଧିକାରୀ ଅଶ୍ୱିନୀ ଚାକିରି ଛାଡିବା ପରେ କର୍ପୋରେଟ ସେକ୍ଟରରେ ଦୁଇବର୍ଷର ସ୍ୱଳ୍ପ କାର୍ଯ୍ୟକାଳ କଟାଇଥିଲେ। ଏବେ ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଛନ୍ତି। ମନ୍ତ୍ରଣାଳୟର ପ୍ରଥମ ଶିଫ୍ଟ ସକାଳ ୭ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ ଓ ଦ୍ୱିତୀୟ ଶିଫ୍ଟ ଅପରାହ୍ନ ୩ଟାରେ ଆରମ୍ଭ ହୋଇ ମଧ୍ୟରାତ୍ର ପର୍ଯ୍ୟନ୍ତ ଚାଲିବ। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଦୈନିକ ୧୮ ଘଣ୍ଟା କାମ କରନ୍ତି ବୋଲି ଲୋକମାନଙ୍କୁ ବାରମ୍ବାର କହିଆସୁଛନ୍ତି। ଏଣୁ ଅଶ୍ୱିନୀଙ୍କ ଏହି ପଦକ୍ଷେପ ମୋଦିଙ୍କୁ ଖୁସି କରିବା ଲାଗି ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଦିଲ୍ଲୀକା ବାବୁଙ୍କୁ ଏକ ସୂତ୍ରରୁ କୁହାଯାଇଛି ଯେ, ଏହି ନିର୍ଦ୍ଦେଶ ରେଳ ମନ୍ତ୍ରଣାଳୟର ଯୁଗ୍ମ ମହା ନିର୍ଦ୍ଦେଶକ ପିଆର୍ ଡି.ଜେ.ନରେନଙ୍କ ଦ୍ୱାରା ଜାରି କରାଯାଇଛି। ଏହି ନିର୍ଦ୍ଦେଶ କେବଳ ମନ୍ତ୍ରଣାଳୟ ସେଲ୍‌ର ଅଧିକାରୀ ଏବଂ କର୍ମଚାରୀ କିମ୍ବା ମନ୍ତ୍ରଣାଳୟର ଅଫିସ ଲାଗି ଉଦ୍ଦିଷ୍ଟ। କିନ୍ତୁ ଏହା ଖୁବ୍ ଶୀଘ୍ର ମନ୍ତ୍ରଣାଳୟର ଅନ୍ୟ ବିଭାଗଗୁଡ଼ିକୁ ସମ୍ପ୍ରସାରିତ ହୋଇପାରେ ବୋଲି ରେଳ ବାବୁମାନଙ୍କର ଚିନ୍ତା ବଢ଼ିଯାଇଛି। ମୋଦି ସରକାରର ସବୁ ଆଡ଼େ ବୈଷ୍ଣବଙ୍କ ଏହି ଅଭିଯାନ ହଇଚଇ ସୃଷ୍ଟି କରିଛି। ତାଙ୍କ ନୂଆ ଶାସନ ସଂସ୍କୃତି ଅନ୍ୟ ମନ୍ତ୍ରଣାଳୟଗୁଡ଼ିକ ଗ୍ରହଣ କରିପାରନ୍ତି ବୋଲି ମନେ କରାଯାଉଛି। ବୈଷ୍ଣବ ଇଲେକଟ୍ରୋନିକ ଓ ସୂଚନାପ୍ରଯୁକ୍ତି ମନ୍ତ୍ରଣାଳୟର ନେତୃତ୍ୱ ନେଉଥିବାରୁ ସେଠାରେ ମଧ୍ୟ ଏମିତି କିଛି ଘଟିବାର ସମ୍ଭାବନା ଦେଖାଦେଇଛି। ଏଭଳି କାର୍ଯ୍ୟଧାରା ସଂସ୍କୃତିକୁ ଆପଣାଇବା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ବୈଷ୍ଣବ ତାଙ୍କ ଉପସ୍ଥିତିକୁ ଜଣାଇବା ଲାଗି ଏହା ଏକ ପ୍ରୟାସ ନା ଏହାକୁ ନୂଆ କାର୍ଯ୍ୟ ସଂସ୍କୃତି ଭାବେ ଆରମ୍ଭ କରିବାକୁ ଯାଉଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠୁଛି। ତେବେ ସବୁ ମନ୍ତ୍ରଣାଳୟ ବାବୁମାନେ କିଛି ଘଟିବ ବୋଲି ଆଶା କରୁଛନ୍ତି।

### ନାଁରେ କ'ଣ ଅଛି

କେନ୍ଦ୍ର ସରକାର ନୂଆ କରି ସହଯୋଗ ମନ୍ତ୍ରଣାଳୟ ପ୍ରତିଷ୍ଠା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ ଏହା କାର୍ଯ୍ୟ କରିବ ବୋଲି ଘୋଷଣା କରାଯାଇଛି। ଏହାକୁ ନେଇ ଗୋଟିଏ ଗୋଷ୍ଠୀର ବାବୁ କ୍ୟାବିନେଟରେ ସବୁଠୁ କ୍ଷମତାଶାଳୀ ମନ୍ତ୍ରଣାଳୟରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ଭାରି ଖୁସି ଥିବା ଜଣାପଡୁଛନ୍ତି। ଏବେ କୃଷି ମନ୍ତ୍ରଣାଳୟରୁ ଅନୌପଚାରିକ ଭାବେ ଜଣେ ସଚିବଙ୍କୁ ଅଣାଯିବ ଯାହା ସଚିବଙ୍କ ପଦାନୁକ୍ରମ ପ୍ରୋଟୋକଲ ସୂଚୀ ବାହାରର ବିଷୟ । କୃଷି ସଚିବ ସଞ୍ଜୟ ଅଗ୍ରୱାଲା ମଧ୍ୟବର୍ତ୍ତିକାଳୀନ ସଚିବ ଭାବେ କାର୍ଯ୍ୟ କରିବାର ସମ୍ଭାବନା ରହିଛି। କିନ୍ତୁ ଶେଷରେ ଯାହା ହେଲେ ବି ଶାହା ମନ୍ତ୍ରଣାଳୟ ଚଳାଇବାକୁ ଆଉ ଜଣେ ସୁପର ବାବୁଙ୍କୁ ଆଣିବେ। ଶାହାଙ୍କୁ ଉଚ୍ଚକୋଟୀର ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିବାରୁ ନୂଆ ସହଯୋଗ ମନ୍ତ୍ରଣାଳୟର ବୈଠକଗୁଡ଼ିକ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ହେବାର ବହୁ ସମ୍ଭାବନା ରହିଛି। କେନ୍ଦ୍ର କହିଛି , ଦେଶରେ କୋଅପରେଟିଭ ଅଭିଯାନକୁ ମଜଭୁତ କରିବା ପାଇଁ ଏହି ନୂଆ ମନ୍ତ୍ରଣାଳୟ ଏକ ଭିନ୍ନ ପ୍ରଶାସନିକ, ନ୍ୟାୟିକ ଓ ନୀତଗତ ଢାଞ୍ଚା ଯୋଗାଇଦେବ। ଏଥିପାଇଁ ଅଧିକ ଲୋକବଳ ଦରକାର ଏବଂ ଏକ ନୂଆ ମନ୍ତ୍ରଣାଳୟ ଭାବେ ଏହା ଅଧିକ ଅମଲାତନ୍ତ୍ରୀ ଆବଶ୍ୟକ କରିବ। ଅର୍ଥାତ୍ ବାବୁମାନଙ୍କ ପାଇଁ ଚାକିରି ବା ନିଯୁକ୍ତିର ପଥ ଖୋଲିଯିବ। ସରକାରଙ୍କ ଦୋଷତ୍ରୁଟିକୁ ସମାଲୋଚନା କରୁଥିବା ବ୍ୟକ୍ତିମାନେ ମନ୍ତ୍ରଣାଳୟର ନାଁ ଉପରେ ଏବେ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି, ଲୋକଙ୍କୁ ଭୁଆଁ ବୁଲାଇବା ଲାଗି ଏହା କରାଯାଇଛି ଓ ଦାବି କରିଛନ୍ତି,ଏହାର ନାଁ ମିନଷ୍ଟ୍ରି ଅଫ୍ କୋଅପରେଟିଭସ୍ ହେବା ଉଚିତ । ଏଭଳି ଦାବି ମନ୍ତ୍ରଣାଳୟର ଭବିଷ୍ୟତ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବାରେ ଶାହାଙ୍କ ବୃହତ୍ ଭୂମିକାକୁ ଅଟକାଇ ପାରିବ ନାହିଁ।

### ପଦବୀ ପାଇଁ ଚୟନ

୨୦୧୨-୧୫ ମଧ୍ୟରେ ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ)ର ମୁଖ୍ୟ ଭାବେ ଆର୍.ପି. ସିଂ ସମ୍ପୂର୍ଣ୍ଣ ୩ ବର୍ଷ କାମ କରିଥିଲେ। ଏହି ସମୟକୁ ବାଦ୍ ଦେଲେ ୨୦୦୬ରୁ ଏନ୍‌ଏଚ୍‌ଏଆଇର ଶୀର୍ଷ ପଦରେ ଲଗାତର ବଡ଼ ସମସ୍ୟା ରହିଆସିଛି। କୌତୂହଳର କଥା ହେଉଛି, ସିଂଙ୍କୁ ଉପଯୁକ୍ତ ପ୍ରକ୍ରିୟା ମାଧ୍ୟମରେ ଏହାର ଶେଷ ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଉତ୍ତରାଖଣ୍ଡରେ ପୁଷ୍କର ସିଂ ଧାମି ନୂଆ ମୁଖ୍ୟମନ୍ତ୍ରୀ ହେବା ପରେ କେନ୍ଦ୍ର ବରିଷ୍ଠ ଆଇଏଏସ୍ ଅଧିକାରୀ ଏସ୍.ଏସ୍. ସାନ୍ଧୁଙ୍କୁ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ଦେଲା। କିନ୍ତୁ ଉତ୍ତରାଖଣ୍ଡର ଏହି ଲାଭ ଏନ୍‌ଏଚ୍‌ଆଇଏ ପାଇଁ କ୍ଷତି ହେଲା। କେନ୍ଦ୍ର ପ୍ରତିନିଯୁକ୍ତିରେ ଏନ୍‌ଏଚ୍‌ଆଇଏର ଅଧ୍ୟକ୍ଷ ଭାବେ ସାନ୍ଧୁ ରହିଥିଲେ ଏବଂ ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମିକୁ ମଜଭୁତ କରି ଆଗକୁ ବଢାଇବାରେ ପୂରା ଦମ୍‌ରେ ଲାଗିପଡ଼ିଥିଲେ। ଗଡକରୀଙ୍କୁ ଏବେ ଆଉ ଜଣେ ନୂଆ ଅଧ୍ୟକ୍ଷ ଓ ଏହା ସହ ଅନେକ ମାସ ହେବ ଖାଲିଥିବା ମେମ୍ବର ଫାଇନାନ୍ସ ଏବଂ ମେମ୍ବର ପିପିପିର ଗୁରୁତ୍ୱପୂର୍ଣ୍ଣ ପଦବୀ ଲାଗି ଦୁଇଜଣ ବାବୁଙ୍କୁ ଖୋଜିବାକୁ ପଡିବ। ଉତ୍ତରାଖଣ୍ଡ ପାଞ୍ଚବର୍ଷରେ ୩ ମୁଖ୍ୟମନ୍ତ୍ରୀଙ୍କୁ ଦେଖି ସାରିଛି, ହେଲେ ନୂଆ ମୁଖ୍ୟମନ୍ତ୍ରୀ ଧାମିଙ୍କୁ ତାଙ୍କ ପସନ୍ଦର ମୁଖ୍ୟ ଶାସନ ସଚିବ ବାଛିବାକୁ ଅନୁମତି ଦେବାର ଥିଲା। କିନ୍ତୁ ତାହା ହେଲା ନାହିଁ। ଉତ୍ତରାଖଣ୍ଡ କ୍ୟାଡର୍‌ର ଜଣେ ଦକ୍ଷ ବାବୁ ହେଲେ ଏମିତି ସବୁ ସବୁ ସମସ୍ୟା ସାମ୍ନା କରିବାକୁ ପଡିବ।

Email: dilipcherian@gmail.com

# ତୃତୀୟ ଲହର କ'ଣ ଶେଷ



ସହଦେବ ସାହୁ

କରୋନା ଭାଇରସ୍ ଅକାଳ ମୃତ୍ୟୁର ଭୟ ବଢ଼ାଇଲା ବେଳେ ବିଶାରଦମାନେ କହିହେଲେ ଯେ, ହର୍ଡ ଇମ୍ୟୁନିଟି ଆସିଗଲେ ଆମକୁ ଏଥିରୁ ଉଦ୍ଧାର ମିଳିଯିବ। ହର୍ଡ ବା ଗୋଠ ଆଞ୍ଚଳିକ ନା ପୃଥିବୀ ବ୍ୟାପୀ ? ଏ ପ୍ରଶ୍ନର ସମାଧାନ ହୋଇନାହିଁ। ତେବେ ଏହା ଏକ ସଂଖ୍ୟା- ପ୍ରଥମେ ପ୍ରଥମେ କୁହାଗଲା, ମୋଟ ଲୋକସଂଖ୍ୟାର ଶତକଡ଼ା ୬୦ରୁ ୭୦ ଭିତରେ ରୋଗପ୍ରତିରୋଧକ ଶକ୍ତି ତିଆରି ହୋଇଗଲେ ଭାଇରସ୍ ଆଉ ବ୍ୟାପିବାକୁ ସକ୍ଷମ ହେବ ନାହିଁ। ହର୍ଡ ଇମ୍ୟୁନିଟି ଥ୍ରେସ୍‌ହୋଲ୍ଡ, ଗୋଠର ରୋଗ ପ୍ରତିରୋଧକାରୀ ଦ୍ୱାରବନ୍ଦ, କଳନା କଲା ବେଳେ ବି.୧.୧.୭ ଭାରିଆଣ୍ଟ ବାହାରି ନ ଥିଲା। ଆହୁରି ନୂଆ ନୂଆ ଭାରିଆଣ୍ଟ ବାହାରି ପାରନ୍ତି, ତେଣୁ ଏବେ କଳନା ହେଉଛି ୮୦%ରୁ ୯୦% ଲୋକ ଟିକାନେଇସାରିଥିବେ ତ ସଂକ୍ରମଣ ଥମିଯିବ। ଯେଉଁ ଅଞ୍ଚଳ ବା ଜନଗୋଷ୍ଠୀ (କମ୍ୟୁନିଟି) ହର୍ଡ ଇମ୍ୟୁନିଟିର ଯେତେ ପାଖାପାଖି ହୁଏ ସେଠାରେ ଲୋକଙ୍କ ଭିତରେ ସଂକ୍ରମଣ ସେତେ ଧୀର ହୋଇଯାଏ ଏବଂ ତେଣୁ ପ୍ରତି ଲୋକ ଉପକାର ପାଏ। ରୋଗରୁ ଭଲ ହୋଇଥିବେ ଅଥବା ସମ୍ପୂର୍ଣ୍ଣ ଟିକା ନେଇଥିବେ, ସେ ସମସ୍ତଙ୍କୁ ମିଶାଇ ଏହି ସଂଖ୍ୟା। ସେ ପ୍ରକାରର ଆଶ୍ୱାସନା କେବେ ମିଳିବ କେହି କହିପାରୁନାହାନ୍ତି। ଆମେରିକା ସବୁଠାରୁ ଉନ୍ନତ ଦେଶ, ସେଠିକାର ୩୦ କୋଟି ଲୋକ ଭିତରୁ ୪୮% ଏଯାବତ୍ ଟିକା ନେଇଛନ୍ତି। ପିୟୁ ରିସର୍ଚ୍ଚରୁ ଜଣାପଡ଼େ ୨କୋଟି ୮୦ ଲକ୍ଷ ଆମେରିକାନ୍ ପୂରାପୂରି ମନା କରୁଛନ୍ତି, ୩ କୋଟି ଚାହୁଁଛନ୍ତି କିନ୍ତୁ ନେଇନାହାନ୍ତି। ଶ୍ରମିକ ଶ୍ରେଣୀର ଲୋକେ ସମୟ ପାଉନାହାନ୍ତି, ସେମାନେ ଚାହାନ୍ତି ପାଖରେ କେଉଁଠି ଟିକାଦାନକେନ୍ଦ୍ର କର, କାମ ନ ଥିଲା ବେଳେ ଟିକାଦେବା ସମୟ ଠିକ୍ କର, ଯାତାୟାତ ସୁବିଧା କର, କାର୍‌ରେ ଯାଉଥିବା ବେଳେ (ୱାକ୍ ଇନ୍) ଟିକା ନେବାର ସୁବିଧା ଦିଅ, ଶପିଂ ସେଣ୍ଟରରେ ଟିକା ଦେବା ବନ୍ଦୋବସ୍ତ କର - ଏମିତି ବହୁତ ସୁବିଧା।

ପୃଥିବୀରେ ଏମିତି ଅସଂଖ୍ୟ ଲୋକ ଅଛନ୍ତି, ଅଣଟିକାଦିଆ ଅଞ୍ଚଳରେ ବେନିୟନ୍ତ୍ରିତ ଭାବେ ଭାଇରସ୍ ବ୍ୟାପିଲେ ଭୂତାଣୁ ଏମିତି ଭାରିଆଣ୍ଟ ଜନ୍ମ କରିବାର ସୁଯୋଗ ପାଇଥାଏ। ସେ ଆମେରିକା ଯାଇପାରିବ, ଭାରତ ଆସିପାରିବ। ଏବେ ତ ଗରିବ ଦେଶଗୁଡ଼ିକରେ ମୋଟ ଟିକାଦାନ ପରିମାଣ ଜନସଂଖ୍ୟାର ମାତ୍ର ୦.୩%। ଟିକା ନେବାକୁ ଅନେକ ଲୋକ ଚାହୁଁନାହାନ୍ତି। ଗାଲପ୍ ପୋଲ୍ (ଜନମତ ସଂଗ୍ରହ)ରୁ ଜଣାଯାଇଛି, ପୃଥିବୀସାରା ପ୍ରାୟ ୩୨% ବା ୧୩୦ କୋଟି ଲୋକ ଟିକାନେବାକୁ ଅମଙ୍ଗ। ତା'ମାନେ, ପୃଥିବୀପୃଷ୍ଠରୁ କରୋନାଭାଇରସ ମୂଳପୋଛ କରିବା ଅସମ୍ଭବ। ଶତାଧିକ ଭୂତାଣୁ ବିଶେଷଜ୍ଞ କହୁଛନ୍ତି, କରୋନା ଭାଇରସ୍ ସବୁଦିନିଆ (ଏଣ୍ଡେମିକ୍ ବା ମାଟିର ଗୁଣ) ହୋଇଯିବ, ଅର୍ଥାତ୍ ଆସନ୍ତା ବହୁ ବର୍ଷ ଧରି ପୃଥିବୀସାରା ଏହା ଘୂରିବୁଲୁଥିବ। ତା' ହେଲେ କ'ଣ 'ହର୍ଡ ଇମ୍ୟୁନିଟି ହିଁ ସ୍ୱାଭାବିକତାକୁ ଫେରାଇ ଆଣିବ' ବୋଲି କହିହେଉଥିବା ଏକ୍ସପର୍ଟମାନେ ଆମକୁ ବୋକା ବନଉଛନ୍ତି ? ପୂର୍ବର ମହାମାରୀଗୁଡ଼ିକର ଇତିହାସ ଦେଖନ୍ତୁ, ୧୯୧୮ର ଫ୍ଲୁ ମହାମାରୀ କାଳରେ ହର୍ଡ ଇମ୍ୟୁନିଟି କଥା କେହି ଉଠାଉ ନ ଥିଲେ। ୧୯୫୭ରେ ୟୁଏସ୍‌ରେ ଓ ୧୯୫୮ରେ ଭାରତରେ ଫ୍ଲୁ ପୁଣି ଥରେ ବି ମହାମାରୀ ରୂପ ନେଇଥିଲା (ଏହି ଲେଖକ ସେତେବେଳେ ରେଭେନ୍ସା କଲେଜର ପ୍ରଥମ ବର୍ଷ ଆଇଏସ୍‌ସି ଛାତ୍ର ଥାଇ ଫ୍ଲୁ-ଗ୍ରସ୍ତ ହୋଇ ଏସ୍‌ସିବିରେ ମାସାଧିକ କାଳ ଶଯ୍ୟାଶାୟୀ ହୋଇଥିଲା)। ଫ୍ଲୁ ଭାଇରସ୍ ଏବେ ବି ଉଡୁଛି ; କେତେକଙ୍କୁ ଏବେ ବି ଫ୍ଲୁ ହେଉଛି। ୟେଲ୍‌ର ପବ୍ଲିକ୍ ହେଲ୍‌ଥ ପ୍ରଫେସର୍ ହୋୱାର୍ଡ ଫର୍ମାନ୍ କହନ୍ତି, କେବେ ହର୍ଡ ଇମ୍ୟୁନିଟି ହାସଲ ହୋଇନାହିଁ। ବେଶିରୁ ବେଶି ଲୋକ ଇମ୍ୟୁନିଟି ହାସଲ କଲେ ଭାଇରସ୍ ବିବର୍ତ୍ତିତ ହେଲେ ଆପେ ଆପେ ନରମ ହୋଇଯାଏ, ମଣିଷଗୋଷ୍ଠୀ ତା' ସହିତ ବଞ୍ଚି ରହିବା ଶିଖିଯାଏ। ୧୯୧୯ରେ ଫ୍ଲୁ ଟିକା ନ ଥିଲା। ସେତେବେଳେ ଲୋକେ ଜାଣି ନ ଥିଲେ ଯେ ଏଚ୍୧ଏନ୍୧ ଭୂତାଣୁ ହିଁ ଇନଫ୍ଲୁଏଞ୍ଜା କରିଥାଏ। ୧୯୫୭ରେ ଆମେରିକାରେ, ୧୯୫୮ରେ ଭାରତରେ ଏଚ୍୨ଏନ୍୨ ମହାମାରୀ ଆସିଗଲା। ୧୯୬୮ରେ ଆମେରିକାରେ ଏଚ୍୩ଏନ୍୨ ଭାରିଆଣ୍ଟ ନରମ ହୋଇଆସିଲା ବେଳକୁ ସେ ଦେଶ ୨କୋଟି ୨୦ ଲକ୍ଷ ଟିକା ଉତ୍ପାଦନ କରିଥିଲା, ଚାହିଦା ନ ଥିବାରୁ ସେଗୁଡ଼ିକ ନଷ୍ଟ ହୋଇଗଲା। ସେମିତି ୨୦୦୯ରେ ଏଚ୍୧ଏନ୍୧ ଟିକା ସମ୍ଭବ ହେଲା ବେଳକୁ ଚାହିଦା ଜମା ନ ଥିଲା, କୌଣସି ଦେଶ ତାହା କିଣିଲେ ନାହିଁ, ସବୁ ନଷ୍ଟ ହେଲା। ପ୍ରକୃତ କଥା ହେଉଛି ମହାମାରୀମାନେ ଦିନେ ନା ଦିନେ ସମାପ୍ତ ହୁଅନ୍ତି। ହର୍ଡ ଇମ୍ୟୁନିଟି ଏକ ମଧ୍ୟବର୍ତ୍ତିକାଳୀନ ସିଦ୍ଧାନ୍ତ। ସମ୍ପୂର୍ଣ୍ଣ ଟିକା ନେଇଥିବା ଲୋକ ଭାଇରସ୍‌କୁ ସମ୍ଭାଳି ହେଲା ଭଳି ପରିସ୍ଥିତି ପାଇଯାଏ, ଯେମିତି ମିଳିମିଳା ସହନୀୟ ହୋଇଯାଇଛି। ଟିକାକରଣ ଯୋଗୁ ଯେଉଁ କେତେକ ଅଞ୍ଚଳ ଅନ୍ୟ ଅଞ୍ଚଳଠାରୁ ବେଶି ଭଲ ଅଛନ୍ତି, ତାହାର ଅନ୍ୟ ନାମ ଆଞ୍ଚଳିକ ହର୍ଡ ଇମ୍ୟୁନିଟି। ପୃଥିବୀର ଜନସଂଖ୍ୟା ୮୦୦ କୋଟି ହେଲେ ଅନ୍ତତଃ ୭୦୦ କୋଟି ଲୋକଙ୍କୁ ଟିକା (୧୬୦୦ କୋଟି ପାନ) ଦେବାକୁ ପଡ଼ିବ, କିଛି ନଷ୍ଟ ହେବାର ସମ୍ଭାବନାକୁ ହିସାବକୁ ନେଲେ ପ୍ରାୟ ଟିକା ଉତ୍ପାଦନ ୧୭୦୦ କୋଟି ପାନ ହେବା ଦରକାର ଏବଂ ସେତିକି ଉତ୍ପାଦନ କଲା ବେଳକୁ ଦୁଇ ତିନି ବର୍ଷ ଲାଗିପାରେ। ସେତେବେଳକୁ ପ୍ରଥମେ ପ୍ରଥମେ ନିଆହୋଇଥିବା ଟିକାର ଗୁଣ ଉଭେଇଯାଇଥିବ, ତା' ମାନେ ବୁଷ୍ଟର୍ ଡୋଜ୍ ଦରକାର ହେବ। ଆଉ ଗୋଟିଏ କଥା - ହର୍ଡ ଇମ୍ୟୁନିଟି ପରିମାଣ ବି ସ୍ୱଚ୍ଛଳତା ଉପରେ ନିର୍ଭର କରେ। ସ୍ୱଚ୍ଛଳ ବସ୍ତିରେ ଯେତେ ପରିମାଣରେ ସଂକ୍ରମଣ ହୁଏ ଗରିବ ଘଞ୍ଚ ବସ୍ତିରେ ତାହାର ୧୦ଗୁଣ ପରିମାଣର ସଂକ୍ରମଣ ହୁଏ। କେଇ ବର୍ଷ ଭିତରେ କରୋନାଭାଇରସ୍ ବିବର୍ତ୍ତିତ ହୋଇ ସାଧାରଣ ସର୍ଦ୍ଦି ସୃଷ୍ଟି କରୁଥିବା ଚାରି ପାଞ୍ଚ ଭାଇରସ୍ ଭଳି ହୋଇଯାଇପାରେ, ଗୁରୁତର ପ୍ରଭାବ ଦେଖାଇ ନ ପାରେ, ପିଲାଙ୍କୁ ସଂକ୍ରମଣ କରି ପିଲାଙ୍କ ଦେହରେ ବୟୋବୃଦ୍ଧି ସାଙ୍ଗେ ଇମ୍ୟୁନିଟି ଆଣିପାରେ, ମହାମାରୀ ନରମ ହୋଇପଡ଼ିପାରେ। ଆମେ ଚାହୁଁଛୁ କିପରି ଅଳ୍ପଦିନ ଭିତରେ ମହାମାରୀର ଏ ପ୍ରକାରର ନରମତା ହାସଲ କରିବା ? ସେଥିପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟିକାକରଣ ସରିଯିବା ଉଚିତ। ବର୍ଷକରୁ ବେଶି ହେଲେ ଆଗରୁ ଟିକା ନେଇଥିବା ଲୋକଙ୍କଠାରେ ଟିକାର ପ୍ରଭାବ ନ ଥିବ, ସେମାନଙ୍କୁ ବୁଷ୍ଟର୍ ଡୋଜ୍ ଦେବା ଦରକାର ପଡ଼ିବ। ନ ହେଲେ ହର୍ଡ ଇମ୍ୟୁନିଟି ଏକ ମରୀଚିକା ହୋଇରହିଯିବ: ଏଥିଲାଗି ଦରକାର (୧) ନିଷ୍ଠାର ସହିତ ବିଭିନ୍ନ ରାଷ୍ଟ୍ର ସହଯୋଗ କରିବା ଦରକାର, (୨) ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡ଼ିକ ଲାଭ-ଲୋଭ ଛାଡ଼ିବା ଦରକାର, ୩) ପାଟେଣ୍ଟ ସମସ୍ୟା ଦୂର ହେବା ଦରକାର, (୪) ଯେଉଁମାନେ ଟିକା ନେବାକୁ ଲୁଚୁଛନ୍ତି ସେମାନଙ୍କୁ ବୁଝାଇସୁଝାଇ ଟିକାନେବାକୁ ପ୍ରବୃଦ୍ଧ କରିବାକୁ ହେବ, (୫) ବର୍ଷକ ଭିତରେ ସବୁ ସୁସ୍ଥଙ୍କୁ ଟିକା ଦେବାକୁ ପଡ଼ିବ ବୋଲି ପୃଥିବୀର ସବୁ ସମ୍ଭାବ୍ୟ ଦେଶରେ ଟିକା-ଉତ୍ପାଦନ ବ୍ୟବସ୍ଥା କରିବାଲାଗି ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ରାଇଟ୍ ରଖିଥିବା ଦେଶଗୁଡ଼ିକ ଅନ୍ୟ ଦେଶଗୁଡ଼ିକୁ ଟିକା ଉତ୍ପାଦନ କ୍ଷମତା ଦେବେ ; ଯେପରି ବର୍ଷକ ଭିତରେ ପ୍ରାୟ ୧୫ ଶହ କୋଟି ପାନ (ଡୋଜ୍) ଟିକା ମିଳିଯିବ ଏବଂ (୬) ବର୍ଷେ କାଳ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ହେବ। ପିଲାଙ୍କ ପାଇଁ ନିର୍ଦ୍ଦିଷ୍ଟ ଟିକା କାଢ଼ିବାକୁ ପଡ଼ିବ, ଏ ପର୍ଯ୍ୟନ୍ତ ତ ପରୀକ୍ଷା ନିରୀକ୍ଷା ସରିନାହିଁ। ବହୁ ବୈଜ୍ଞାନିକ ଏବେ ଗବେଷଣାରେ ଲାଗିଛନ୍ତି ଗୋଟିଏ ସର୍ବଭୂତାଣୁ ଟିକା (ୟୁନିଭର୍ସାଲ୍ ଭାକ୍ସିନ୍) ତିଆରି କରିବାରେ। ଏବେ ଆମେ ଯେଉଁ ଟିକାକରଣ ଚଳାଇଛୁ ତାହା ଏମର୍ଜେନ୍ସି ୟୁଜ୍ ଅଥରାଇଜେସନ୍ (ଋଟଇ, ଇୟୁଏ) ଯୋଗୁ ଚାଲିଛି, ଅର୍ଥାତ୍ ଆମେରିକାର ଫେଡେରାଲ୍ ଲ' ଭଳି ସବୁ ଦେଶର ଔଷଧ ନିୟନ୍ତ୍ରଣକାରୀ ଆଇନ ଅଧୀନରେ ସାଧାରଣ ବ୍ୟବହାର ପାଇଁ ଟିକା କମ୍ପାନୀଗୁଡ଼ିକ ଲାଇସେନ୍ସ ପାଇନାହାନ୍ତି ; ସଫଳ ଚିକିତ୍ସାର ଦୃଢ଼ ପ୍ରମାଣ ନ ମିଳିଲା ଯାଏ ଏମିତି ଏମର୍ଜେନ୍ସି ବା ଟେମ୍ପୋରାରୀ ଅନୁମତି ବଳରେ ଟିକାଦାନ ଚାଲିଥିବ, କିନ୍ତୁ ଡାକ୍ତରମାନେ ଏ ଟିକାକୁ ପ୍ରେସ୍କ୍ରାଇବ୍ କରିପାରିବେ ନାହିଁ। ଅନୁମୋଦିତ ଟିକା ବାହାରିଲେ ଇୟୁଏ ପାଇଥିବା ଟିକାସବୁ ବାତିଲ୍ ହୋଇଯିବ। ତେଣୁ ଆମେରିକାରେ ଏହି ସର୍ତ୍ତରେ ଟିକା ଦିଆହେଉଥିବାରୁ ଟିକା ସମ୍ମତିପତ୍ରରେ ଲେଖାଯାଉଛି ଯେ ଏଫ୍‌ଡିଏ ଆପ୍ରୁଭ୍ କରିନାହିଁ, କେବଳ ଜରୁରୀ ବ୍ୟବହାର ପାଇଁ ଅନୁମତି ଦେଇଛି। ଡାକ୍ତରମାନେ ଏଭଳି ଟିକାକୁ ପ୍ରେସ୍କ୍ରିପସନ୍‌ରେ ଲେଖିପାରିବେ ନାହିଁ ଏବଂ କୌଣସି ଲୋକ ଏ ଟିକା ନେବାକୁ ମନା କରିପାରେ। ତେଣୁ ସ୍କୁଲ କଲେଜ ବା କମ୍ପାନୀଗୁଡ଼ିକ ଟିକା ନେବାକୁ ଜବରଦସ୍ତ କରିପାରିବେ ନାହିଁ କି ଚାକିରି ସର୍ତ୍ତାବଳୀରେ ଟିକାନେବା ଆବଶ୍ୟକ ବୋଲି ଲେଖିପାରିବେ ନାହିଁ। ଅନ୍ୟ ଦେଶଗୁଡ଼ିକ ସେହି ପ୍ରକାରର ବ୍ୟବସ୍ଥା କରିଛନ୍ତି, ସବୁଠି ଏମର୍‌ଜେନ୍ସି ୟୁଜ୍ ଅଥରାଇଜେସନ୍‌ରେ ଟିକାକରଣ ଚାଲିଛି। ଆମେ ଟିକା ନେବାବେଳେ ଯେଉଁ ଦସ୍ତଖତ କରିଦେଉଛୁ ତାହା ଏକଥା ମାନିବା ସାଙ୍ଗରେ ସମାନ। କେହି ଏ କଥା ବା ସର୍ତ୍ତ ଲୋକଙ୍କୁ ବୁଝାଏ ନାହିଁ, ଟିକା ନେବାରେ ଲୋକର ପସନ୍ଦ (ଇନ୍‌ଫର୍ମଡ୍ ଚଏସ୍) ନାହିଁ, ଯାହା କି ଗଣତନ୍ତ୍ରର ମୂଳ। ଟିକା-ଇଚ୍ଛୁକ ଲୋକ ଏତେ ତରତରରେ ଥାଏ ଯେ ସେ ତାହା ଜାଣିବାକୁ ବେଳ ପାଏ ନାହିଁ, ଟିକା ନେଇଯାଏ। ତେଣୁ ଟିକାଦିଆ ଚାଲିଛି ଓ ଆମେ ଆଶା କରୁଛୁ ସମୟର ପ୍ରବାହରେ ଦିନେ, ଏ ମହାମାରୀ ନରମ ହୋଇଯିବ ଏବଂ ଆମେ ମାସ୍କର ଆବଶ୍ୟକତା, ତେଣୁ ସଙ୍ଗରୋଧ କଟକଣା ହଟିଯିବ।

ଯେତେବେଳେ ଆମେ ଶୁଣୁଛୁ ଯେ ଆମେରିକାର ଲୁଇଜିଆନା, ଆରକାନ୍ସାସ୍ ଓ ମିସୌରୀ ଅଞ୍ଚଳରେ କରୋନାଭୂତାଣୁର ୪ର୍ଥ ଲହର ଆସିଗଲାଣି, ୩ୟ ଲହର ଡରରେ ଥିବା ଆମ ପାଇଁ ସଙ୍ଗରୋଧ ଓ ମାସ୍କପିନ୍ଧା ଛାଡ଼ିବା ଆଉ ବର୍ଷେ ଦୁଇ ବର୍ଷ ଯାଏ (୧୩୫ କୋଟି ଲୋକରୁ ୧୨୨ କୋଟି ଦୁଇ ପାନେ ଲେଖାଏ ଟିକା ନେଲାଯାଏ) ଏକ ସ୍ୱପ୍ନ ହୋଇ ରହିଯିବ ନାହିଁ ତ!

ଇମେଲ୍:sahadevas@yahoo.com

# ଦୁଷ୍ଟପ୍ରୀତି କାଲି ଓ ଆଜି



ଅଲେଖ ଚନ୍ଦ୍ର ମିଶ୍ର

ଜଙ୍ଗଲରେ ଓଟଟିଏ ଅକସ୍ମାତ୍ ଗୋଷ୍ଠରୁ ଅଲଗା ହୋଇଯାଇ ବାଟବଣା ହୋଇଗଲା ଓ ଏକ ସିଂହ ହାବୁଡ଼ରେ ପଡ଼ିଗଲା। ସିଂହକୁ ଦେଖି ସେ ଏତେ ଭୀତତ୍ରସ୍ତ ହୋଇପଡ଼ିଲା ଯେ ତା'ର ଗର୍ଭରେ ଥିବା ଶାବକଟିଏ ଜନ୍ମ ହୋଇ ପଡ଼ିଲା। ସିଂହ ତ ତାକୁ ମାରି ତା'ର କ୍ଷୁଧା ଉପଶମ କଲା କିନ୍ତୁ ଶାବକଟି ପ୍ରତି ତା'ର ଦୟା ହେଲା ଏବଂ ତାକୁ ନେଇଯାଇ ପାଳନ କଲା। କିଛିଦିନ ସେ ହୃଷ୍ଟପୁଷ୍ଟ ହୋଇଗଲା। ଓଟ ଶାବକକୁ ଦେଖି ସିଂହର ଚାରିପାଖରେ ଥିବା ଚିତାବାଘ, ହେଟା, ଶୃଗାଳ, ଭଲ୍ଲୁକ କେମିତି ତାକୁ ମାରି ଖାଇବେ ଯୋଜନାରେ ଲାଗି ପଡ଼ିଲେ। କିଛିଦିନ ପରେ ସୁଯୋଗଟିଏ ଆସିଲା। କୌଣସି କାରଣରୁ ସିଂହଟି ଅସୁସ୍ଥ ହୋଇପଡ଼ିଲା ଏବଂ ଶିକାର କରିବାକୁ ଅକ୍ଷମ ହୋଇଗଲା ; ଫଳରେ ତାକୁ ଅନାହାରରେ ରହିବାକୁ ପଡ଼ିଲା। ତା'ର ଆଶ୍ରିତମାନେ ବି କଷ୍ଟ ଭୋଗିଲେ। ଶେଷକୁ ସେମାନେ ଏକ ଉପାୟ ପାଞ୍ଚିଲେ ଏବଂ ଓଟଟି ସହିତ ପରାମର୍ଶ କରି ପଶୁରାଜଙ୍କର ଦୁର୍ଦ୍ଦିନରେ ଆବଶ୍ୟକ ପଡ଼ିଲେ ଆତ୍ମୋତ୍ସର୍ଗ କରିବାକୁ ସ୍ଥିର କଲେ। ଏହି ନିଷ୍ପତ୍ତିକୁ ସେମାନେ ସିଂହ ନିକଟରେ ଗୁପତରେ ଉପସ୍ଥାପିତ କରି ପ୍ରସ୍ତାବଟିକୁ ପରୋକ୍ଷରେ କହିଲେ ; ମଣିମା, ଏମିତି ଅନାହାରରେ ଆଉ କେତେ ଦିନ ରହିବେ ? ଆମେ କ'ଣ କହୁଥିଲୁ କି ଏଇ ଓଟଟିକୁ ମାରି ତା'ର ମାଂସ ... ସେମାନଙ୍କର କଥା ସରିନି ସିଂହ ଗର୍ଜି ଉଠିଲା, ଆଶ୍ରିତକୁ ରକ୍ଷାକରିବା ରାଜାର କର୍ତ୍ତବ୍ୟ। ଏପରି କଥା କହିବ ତ ତୁମ ସମସ୍ତଙ୍କୁ ମାରିଦେବି। ହେଲେ ତା'ର ଧମକ ଶୁଣି ଡରି ନ ଯାଇ ଚାରିଜଣ ଯାକ ଏକାବେଳେ କହି ଉଠିଲେ, ସେ କଥା କ'ଣ ଆମ୍ଭେମାନେ ଜାଣିନୁ ମଣିମା। କଥା କ'ଣ କି ଯଦି ଓଟଟି ନିଜ ଇଚ୍ଛାରେ ମରିବାକୁ ଚାହେଁ ? ତେବେ ମୁଁ ନିରୁପାୟ, ସିଂହ ଉତ୍ତର ଦେଲା। ତା'ପରଦିନ ଓଟଟି ସହିତ ସମସ୍ତେ ସିଂହକୁ ଦେଖାକଲେ ଏବଂ ତା'ର ପଥ୍ୟ ପାଇଁ ପ୍ରତ୍ୟେକେ ନିଜ ନିଜର ପ୍ରାଣକୁ ବଳି ଦେବାପାଇଁ ଆଗଭର ହେଲେ । ହେଲେ ସେମାନେ ତାଙ୍କର ଉକ୍ତିକୁ ଏପରି ଢଙ୍ଗରେ ଉପସ୍ଥାପିତ କଲେ ଯେ ଜଣଙ୍କର କଥା ନ ସରୁଣୁ ଅନ୍ୟ ଜଣେ ଆଗେଇ ଆସି ନିଜକୁ ସମର୍ପିତ କରି ଦେଉଥିଲା। ଶେଷରେ ଓଟଟିର ପାଳି ପଡ଼ିଲା। ସେ ବି ସେମାନଙ୍କ ଭଳି କହିଲା ପ୍ରଭୁ ଏ ଜୀବନଟା ତ ଆପଣଙ୍କ ଦାନ। ଯଦି ଆପଣଙ୍କ କାମରେ ଚାଲିଯାଏ ସେଇଟା ମୋର ଭାଗ୍ୟ। ତା'ର କଥା ନ ସରୁଣୁ ଚିତାବାଘ ତା' ଉପରକୁ ଝାମ୍ପି ପଡ଼ି ତାକୁ ମାରିଦେଲା ଓ ସିଂହ ସମ୍ମୁଖରେ ରଖିଦେଲା।

ସ୍ୱନାମଧନ୍ୟ ପଣ୍ଡିତ ବିଷ୍ଣୁଶର୍ମାକୃତ ପ୍ରଖ୍ୟାତ ସଂସ୍କୃତ ଗ୍ରନ୍ଥ 'ପଞ୍ଚତନ୍ତ୍ର'ର ମିତ୍ରଭେଦ ନାମକ ତନ୍ତ୍ରରେ ସ୍ଥାନୀତ ଏଇ କ୍ଷୁଦ୍ର ଆଖ୍ୟାୟିକାରେ ଅନ୍ତର୍ନିହିତ ସନ୍ଦେଶ ହେଲା ଦୁଷ୍ଟ ସହ ବନ୍ଧୁତା ଅକାଳ ମୃତ୍ୟୁର କାରଣ ହୁଏ। ଏହାର ଅନେକ ଦୃଷ୍ଟାନ୍ତ ରହିଆସିଛି ଏବଂ ରହିଥିବ। ରାବଣ ସହିତ ସମ୍ପର୍କ ହେତୁ ବିଚରା ନିର୍ଦ୍ଦୋଷ କୁମ୍ଭକର୍ଣ୍ଣ ଅକାଳ ମମୃତ୍ୟୁବରଣ କରିଥିଲା। ଦୁର୍ଯ୍ୟୋଧନ ପାଇଁ ଦୁଃଶାସନ, ଭୀଷ୍ମାଦିଙ୍କୁ ସେଇଦଶା ଭୋଗିବାକୁ ପଡ଼ିଥିଲା। କୁମ୍ଭୀର ସହିତ ବନ୍ଧୁତା କରି ବିଚରା ନିରୀହ ମାଙ୍କଡ଼ଟି ମୃତ୍ୟୁ ମୁଖକୁ ଟାଣିହୋଇ ଯାଉଥିଲା । ବ୍ରଜନାଥ ବଡଜେନାଙ୍କର କ୍ଷେତ୍ରପାଳ ଭୂମିଜଠାରୁ ଆରମ୍ଭ କରି ବ୍ୟାସକବିଙ୍କର ହରକଳା(ଚମ୍ପା), ଉସମାନତାରା ଯାଏ ସମସ୍ତେ ଗୋଟିଏ ଗୋଟିଏ ଖଳ ଚରିତ୍ରର ତଥା ଦୁଷ୍ଟପ୍ରୀତିର ପରିଚାୟକ।

ସାମ୍ପ୍ରତିକ ସମାଜରେ ଏହାର ସଂଖ୍ୟାତୀତ ଦୃଷ୍ଟାନ୍ତ ଖବରକାଗଜର ପୃଷ୍ଠା ମଣ୍ଡନ କରୁଅଛି। ଅନେକ ଘଟଣା ଅଜଣା ଅଶୁଣା ବି ରହିଯାଉଅଛି। ଗାଁ ସ୍କୁଲରୁ କୃତିତ୍ୱର ସହିତ ହାଇସ୍କୁଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଆଖିରେ ଆଖିଏ ସ୍ୱପ୍ନ ଓ ମୁଣ୍ଡରେ ମାତାପିତାଙ୍କର ଅନେକ ଭରସା ନେଇ ସହରରେ ପାଦ ଥାପିଥିବା ମେଧାବୀ ଛାତ୍ରଟିଏ ସହରୀ ଅବହାୱାର ଚକ୍ରବ୍ୟୂହରେ ପଡ଼ି ଖୁବ୍‌ଶୀଘ୍ର ଲକ୍ଷ୍ୟଚ୍ୟୁତ ହୋଇଯାଏ। ବାଟହୁଡ଼ି ବ୍ୟାଙ୍କ ଡକାୟତି, ଏଟିଏମ୍ ଲୁଟ, ମାଫିଆମାନଙ୍କର ଗ୍ୟାଙ୍ଗୱାର, ଗଣବଳାତ୍କାର, ସାଇବର୍ କ୍ରାଇମ ଇତ୍ୟାଦି ଅସାମାଜିକ କୁକର୍ମରେ ସଂଶ୍ଳିଷ୍ଟ ହୋଇପଡ଼େ। ଝିଅଟିଏ ବ୍ଲାକମେଲିଂ, ବିଭିନ୍ନ ସୋସିଆଲ ନେଟୱର୍କ ସାଇଟର ପ୍ରଲୋଭନ ଇତ୍ୟାଦିର ଶିକାର ହୋଇ ଆତ୍ମହତ୍ୟାକୁ ଆପଣେଇଥାଏ। କର୍ମଜୀବୀ ମହିଳାମାନେ ନିଜର ଇଚ୍ଛା ବିରୋଧରେ ଅନେକ ଅବାଞ୍ଛନୀୟ ଅଘଟଣର ଶରବ୍ୟ ହୋଇଥାନ୍ତି। ଏ ସବୁର ମୂଳରେ ଥାଏ କୁସଙ୍ଗର ପ୍ରଭାବ। ଇଣ୍ଟରନେଟ, ଇମେଲ, ମିସକଲ, ରଙ୍ଗ୍ ନମ୍ବର ଅଥବା ମୋବାଇଲ ମେସେଜର ପ୍ରଲୋଭନକୁ ଏଡ଼େଇ ନ ପାରି ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। କେହି କେହି ଶଠତା ଓ ଭଣ୍ଡାମିକୁ ବୁଝି ନ ପାରି ଜୀବନ ବରବାଦ କରନ୍ତି ତ ଅନ୍ୟକେହି କେଉଁ ଅଜଣା ବାଇ ହାବୁଡ଼ରେ ପଡ଼ି ଅନ୍ଧାର କୋଠରି ଭିତରକୁ ଠେଲି ହୋଇଯାନ୍ତି। ଏ କ୍ଷେତ୍ରରେ ଚଳଚ୍ଚିତ୍ର, ଦୂରଦର୍ଶନ, ଆଲବମ ଚାକିରି ଇତ୍ୟାଦିର ମୋହ ଅନେକଙ୍କୁ ଦଲାଲଙ୍କର କବଳକୁ ଟାଣି ନେଇଥାଏ। ଏହାଛଡ଼ା ଅଗ୍ନିକୁ ବାୟୁ ସହାୟତା କରିଲା ଭଳି ଆଜିକାଲି ଠକ ବାବା ବା ଗୁରୁଙ୍କର ପ୍ରଭାବ କିଛି କମ୍ ନୁହେଁ। ସେମାନଙ୍କର ଚଞ୍ଚକତା ଅଥବା ଚମତ୍କାରିତାରେ ପ୍ରଭାବିତ ହୋଇ କେତେ ଯେ ପରିବାର ବରବାଦ ହୋଇଛି ତାହାର ହିସାବ ନାହିଁ। ନିଜକୁ ସୁହାଇଲା ଭଳି କଥାଟିଏ ଶୁଣିଲେ ଯେ କୌଣସି ଲୋକ ସ୍ୱଭାବତଃ ଆକୃଷ୍ଟ ହୋଇଥାଏ। ଏହାର ଫାଇଦା ଉଠାନ୍ତି ଧୂର୍ତ୍ତମାନେ।

ଦିନଥିଲା ଯେତେବେଳେ ଦୁଷ୍ଟ ଚରିତ୍ରଟିଏ ଖୋଜି ବାହାର କରିବାକୁ ପଡୁଥିଲା। ଏବେ କିନ୍ତୁ ସତ୍ ଚରିତ୍ରଟିଏ ଖୋଜିବାକୁ ପଡୁଛି। ଏଭଳି ବିଷମ ପରିସ୍ଥିତିରେ ଜୀବନଯାତ୍ରା ଖଣ୍ଡାଧାରରେ ଚାଲିବା ସଦୃଶ ହୋଇପଡ଼ିଛି। ତେଣୁ ଯାହାକିଛି କଲେ ବି ଅନେକ ଥର ଭାବିଚିନ୍ତି ନିଜର ପିତାମାତା ତଥା ଗୁରୁଜନମାନଙ୍କର ଜ୍ଞାତସାରରେ ଏବଂ ଆବଶ୍ୟକ ସ୍ଥଳରେ ସେମାନଙ୍କର ଉପସ୍ଥିତିରେ କରିବା ଉଚିତ। ସବୁ କଥାର ଗୋଟିଏ ସକାରାତ୍ମକ ସ୍ଥିତି ଥାଏ। ଏହାର ଫାଇଦା ଉଠେଇବା ଦରକାର।

ଦୈନନ୍ଦିନ ଜୀବନରେ କିଛିମାତ୍ରାରେ ସତର୍କତା ଅବଲମ୍ବନ କଲେ ଅନେକ ଘଟଣାକୁ ଏଡ଼େଇ ଦେଇ ହେବ। ଏଇ ଯେମିତି ଅପରିଚିତ ଲୋକଠାରୁ କୌଣସି ଉପହାର ବିଶେଷକରି ଖାଦ୍ୟପେୟ ଗ୍ରହଣ ନ କରିବା, ବୃଥା ପ୍ରଶଂସା ବା ବିନା ଜିଜ୍ଞାସାରେ ଅନେକ କଥା କହୁଥିବା ଲୋକଠାରୁ ଦୂରତା ରକ୍ଷା କରିବା, ଅପ୍ରତ୍ୟାଶିତ ଧନପ୍ରାପ୍ତି ପଛରେ ନ ଧାଇଁବା, ଅନେକ ପଦସ୍ଥ ଅଧିକାରୀଙ୍କର ପରିଚୟ ଦେଉଥିବା ଲୋକକୁ ଏଡ଼େଇଯିବା, ବ୍ୟବସାୟିକ ବା ଟଙ୍କାପଇସା ଦେଣନେଣରେ ଲୋକଙ୍କର ପଛଭୂମିକୁ ଜାଣିବା, ଏପରି କି ସାମାନ୍ୟ ଲିଫ୍ଟ ଦେଲାବେଳେ ବି ସତର୍କ ହେବା ଇତ୍ୟାଦି। ସବୁଠାରୁ ବଡ଼କଥା ହେଲା ସଂଶୟାଚ୍ଛନ୍ନ ବିଷୟରେ ତାତ୍କାଳିକ ନିଷ୍ପତ୍ତି ନ ନେଇ କିଛି ସମୟ ଗଡ଼େଇ ଦେବା, ଯାହା ଭିତରେ ପରିସ୍ଥିତି ହୁଏତ ବଦଳିଯାଇପାରେ।

**ଶାସ୍ତ୍ରୀନଗର, ୟୁନିଟ-୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ମାତ୍ର ୧୦ ବର୍ଷ ବୟସରେ ବେଙ୍ଗାଲୁରୁର ମାନ୍ୟ ହର୍ଷ ସଭିଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେ ବିଭିନ୍ନ ପରିବା ଚୋପାରୁ ପରିବେଶ ଉପଯୋଗୀ କାଗଜ ପ୍ରସ୍ତୁତ କରୁଛନ୍ତି। ସେ ନିର୍ଦ୍ଦିଷ୍ଟ ପ୍ରକାର ପରିବା ଚୋପା ଉପଯୋଗ କରି ରଙ୍ଗିନ କାଗଜ ପ୍ରସ୍ତୁତ କରୁଛନ୍ତି। ଯଥା- ପିଆଜ ଚୋପାରୁ ନାରଙ୍ଗି ରଙ୍ଗ ଓ ମକା ଚୋପାରୁ ହଳଦିଆ ରଙ୍ଗର କାଗଜ ମିଳୁଛି। ସେ ଜ୍ଞାନକୌଶଳ ଉପଯୋଗ କରି ୫ଟି ପର୍ଯ୍ୟାୟରେ ଏହି କାଗଜ ତିଆରି କରୁଛନ୍ତି। ଏଥିରେ ଲିକ୍ୟୁଡାଇଜର ଓ ଗ୍ରାଇଣ୍ଡର ବ୍ୟବହାର କରୁଛନ୍ତି। ଏହା ବାଦ୍ ପରିବେଶ ରକ୍ଷା କରିବାରେ ତାଙ୍କର କାର୍ଯ୍ୟଧାରା ଏବେ ସମସ୍ତଙ୍କୁ ପ୍ରଭାବିତ କରିଛି। ସେ ବେଙ୍ଗାଲୁରୁର ଭିବ୍‌ଗିୟୋର ହାଇ ବିଟିଏମ୍‌ରେ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ସେ ପରିବେଶ ସୁରକ୍ଷା ଲାଗି ପିଲାମାନଙ୍କୁ ନେଇ ୱାକାଥନ୍ ଆୟୋଜନ କରି ଲୋକମାନଙ୍କୁ ପରିବେଶ ସମ୍ପର୍କରେ ସଚେତନ କରୁଛନ୍ତି। ସେ ମଧ୍ୟ ପରିବେଶ ଉପରେ ଏବେ ସୁଦ୍ଧା ୫ଟି ଛୋଟ ବହି ଲେଖିସାରିଲେଣି। ମାନ୍ୟ ବେଳାଭୂମି ଓ ଅନ୍ୟାନ୍ୟ ସ୍ଥାନରେ ବର୍ଜ୍ୟ ସଫା କରିବାରେ ସମୟ ଦେଉଛନ୍ତି। ୨୦୨୦ରେ ସେ ପ୍ରସ୍ତୁତ କରିଥିବା ପରିବେଶ ସଚେତନଭିତ୍ତିକ ଶର୍ଟଫିଲ୍ମକୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ପ୍ରଶଂସା କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁଲାଇ ୧୯୯୬

- ବାଂଲାଦେଶର ଦ୍ୱାଦଶତମ ରାଷ୍ଟ୍ରପତି ଭାବେ ଶାହାବୁଦ୍ଦିନ ଅହମଦ୍‌ଙ୍କ ଦାୟିତ୍ୱ ଗ୍ରହଣ।
- ପ୍ରଧାନମନ୍ତ୍ରୀ ଏ.ଡି. ଦେବେଗୌଡ଼ା ଉପଦ୍ରୁତ ରାଜ୍ୟ ଜମ୍ମୁ-କାଶ୍ମୀର ପାଇଁ ଅର୍ଥନୈତିକ ପ୍ୟାକେଜ ଘୋଷଣା କରିଛନ୍ତି।
- ପ୍ରବାସୀ ଭାରତୀୟ ବ୍ୟବସାୟୀ ଲାଖୁଭାଇ ପାଠକଙ୍କୁ ଏକ ଲକ୍ଷ ଡଲାର ଅର୍ଥ ଠକି ନେଇଥିବା ଘଟଣାରେ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଅଦାଲତରେ ହାଜର ହେବା ନେଇ ସମନ ଉପରେ ରହିତାଦେଶ ଜାରି ଲାଗି କରିଥିବା ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ।

## ସୁଡୋକୁ

su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | | | 1 | | | | |
| | 4 | 7 | | 6 | | | | 8 |
| | | | | | 2 | 3 | | |
| | 3 | | 2 | | | | | |
| 7 | 1 | | | | | | | |
| | | | | | 9 | 2 | | 6 |
| | | | | | | 4 | | |
| | | 8 | 9 | | | | 5 | |
| 5 | | | 4 | | | 9 | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 4 | 7 | 2 | 3 | 6 | 1 | 8 |
| 1 | 2 | 6 | 8 | 9 | 4 | 7 | 5 | 3 |
| 8 | 3 | 7 | 6 | 1 | 5 | 9 | 2 | 4 |
| 7 | 8 | 1 | 5 | 4 | 6 | 3 | 9 | 2 |
| 6 | 4 | 2 | 3 | 8 | 9 | 1 | 7 | 5 |
| 3 | 9 | 5 | 1 | 7 | 2 | 4 | 8 | 6 |
| 5 | 6 | 9 | 2 | 3 | 7 | 8 | 4 | 1 |
| 4 | 1 | 3 | 9 | 5 | 8 | 2 | 6 | 7 |
| 2 | 7 | 8 | 4 | 6 | 1 | 5 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତର୍କତାକୁ ପାସୋରି ଦେଲେଣି

ମହାଶୟ,

କରୋନା ମହାମାରୀ ଭୟାବହତା ପାଇଁ ସମଗ୍ର ବିଶ୍ୱ ଆଜି ସ୍ତମ୍ଭୀଭୂତ ଓ ଚିନ୍ତିତ। ତଥାପି ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଜନସାଧାରଣଙ୍କ ଖାମ୍‌ଖିଆଲ ଓ ବେପରୁଆ ନୀତିଗତି ଆଦୌ ଶୋଭନୀୟ ନୁହେଁ। ଯେକୌଣସି ମହାମାରୀ ରୋଗର ନିରୂପଣ ପାଇଁ ସଚେତନତାକୁ ଅଣଦେଖାର ଅର୍ଥ ବିପଦକୁ ସ୍ୱାଗତ କରିବା ସଙ୍ଗେ ସମାନ। ଏହି ସଙ୍କଟକୁ ଟାଳିବା ପାଇଁ ହେଲେ ଉତ୍ତମ ଚିନ୍ତାଧାରା ଓ କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରିବା ଉପଯୁକ୍ତ ପଦକ୍ଷେପ। ଏଣୁ ରାଜ୍ୟ ପ୍ରଶାସନ ଆହୁରି କଠୋର ଆଇନ ପ୍ରଣୟନ କରିବା ଜରୁରୀ।

- ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

## ଚିରନ୍ତନୀ

ଚିନ୍ତାର ବାହାରେ ତବ
ସତ୍ୟ-ରୂପ ଜନମାଏ ଭ୍ରମ,
କ୍ଷୁଦ୍ରତମ ସଙ୍ଗେ ଯହିଁ
ସମାନ ହୋଇଛି ବୃହତ୍ତମ।
-(ଶୂନ୍ୟ ଚିନ୍ତା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଦିବାସୀ ସ୍ୱାର୍ଥ ବିରୋଧୀଙ୍କ କୁଶପୁତ୍ତଳିକା ଦାହ

ସାରସକଣା,(ଡି.ଏନ.ଏ.): ଆସିବାସୀ ଜାତି ପ୍ରମାଣପତ୍ରରେ ସରକାରୀ ଚାକିରି କରି ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରୁଥିବା ବ୍ୟକ୍ତି ବିଶେଷଙ୍କ କୁଶପୁତ୍ତଳିକା ଦାହ କରିଛି ମୟୂରଭଞ୍ଜ ଜିଲା ଆଦିବାସୀ ସେଙ୍ଗେଲ ଅଭିଯାନ। ସଂଗଠନର ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ସାରସକଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ କୁଶ ପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଙ୍ଗେଲ ପାର୍ଗାନା ଅନନ୍ତ ଚରଣ ମାରାଣ୍ଡି, ସୁନ୍ଦର ମୋହନ ହାଁସଦା, ବାହାଦୁର ସୋରେନ, ରାମଚନ୍ଦ୍ର ହାଁସଦା, କାଶିରାୟ ଟୁଡ୍ଡୁ, ବାବୁଲୁ ହାଁସଦା, ଚନ୍ଦ୍ର ମୋହନ ମୁର୍ମୁ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# କାୟା ବିସ୍ତାରିଛି ବେଆଇନ ଚିଙ୍ଗୁଡ଼ି ଘେରି

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୨୩।୭**

ଚିଙ୍ଗୁଡ଼ି ରପ୍ତାନି କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲାର ନାଁ ଅଛି। ବିଶେଷକରି ଏରସମା, ବାଲିକୁଦା ଓ କୁଜଙ୍ଗ ତହସିଲ ଅନ୍ତର୍ଗତ ବ୍ୟାପକ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ ହେଉଛି। ସରକାରୀ ଭାବେ ୬,୨୫୦ ଏକର (ପ୍ରାୟ ୨୫୦୦ ହେକ୍ଟର) ବେସରକାରୀ ଜମିରେ ଏହି ଚାଷ ପାଇଁ ପ୍ରୋତ୍ସାହିତ କରାଯାଇଛି। ହେଲେ ଏହି ଚାଷ ବେସରକାରୀ ଜମିରେ ସୀମିତ ନାହିଁ, ବହୁ ଗୁଣ ଅଧିକ ସରକାରୀ ଜମି ଏଥିପାଇଁ ଜବରଦଖଲରେ ରହିଛି। ସେଥିମଧ୍ୟରୁ ଏରସମା ଓ ବାଲିକୁଦା ତହସିଲରେ ଏବେସୁଦ୍ଧା ୧୭୦୦ ଏକର ସରକାରୀ ଜମି ଜବରଦଖଲ କରାଯାଇ ଚିଙ୍ଗୁଡ଼ି ଘେରି ହୋଇଥିବା ଚିହ୍ନଟ ହୋଇଛି। ଏନେଇ ୮୧୩ଟି କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ଆହୁରି ବହୁ ଏକର ସରକାରୀ ଜମିରେ ହୋଇଥିବା ଚିଙ୍ଗୁଡ଼ି ଘେରି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସ୍ଥାନୀୟ ଅଞ୍ଚଳରୁ ଶୁଣିବାକୁ ମିଳୁଛି ଯେ ସରକାରୀ ଜମିରେ ହେଉଥିବା ଏହି ଚିଙ୍ଗୁଡ଼ି ଚାଷରୁ ଏତେ ଲାଭ ହେଉଛି ଯେ, ସେଥିରେ ଜିଲା ଓ ତହସିଲ ପ୍ରଶାସନର ଅଧିକାରୀ, ନେତା, ପୋଲିସ ଅଧିକାରୀମାନଙ୍କୁ ଦୀର୍ଘଦିନ ଧରି ସନ୍ତୁଷ୍ଟ କରାଯାଇଆସୁଛି।

କେବଳ ସେତିକି ନୁହେଁ, ଏହି ଚାଷରେ ପ୍ରଶାସନିକ ଅଧିକାରୀ ଓ ନେତାମାନେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହୁଛନ୍ତି। ଏସବୁ ଉପରୁ ଦୃଷ୍ଟି ହଟାଇବା ପାଇଁ ସରକାରୀ ଜମିରେ ଚିଙ୍ଗୁଡ଼ି ଘେରି କରିଥିବା ନିର୍ଦ୍ଦିଷ୍ଟ କେତେଜଣଙ୍କୁ ନୋଟିସ ଏବଂ ଜରିମାନା ଆଦାୟ କରାଯାଉଛି। ଅନ୍ୟପକ୍ଷରେ ଚିଙ୍ଗୁଡ଼ି ଘେରି ଯୋଗୁ ଧାନ ଓ ଅନ୍ୟ ଚାଷ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହାର ପ୍ରତିବାଦ କଲେ ପ୍ରଶାସନ ଓ ପୋଲିସ ନୀରବଦ୍ରଷ୍ଟା ସାଜୁଥିବାବେଳେ ଓଲଟା ଚିଙ୍ଗୁଡ଼ି ମାଫିଆଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି।

ଜିଲା ମତ୍ସ୍ୟ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲାର ପ୍ରାୟ ୧,୦୦୦ ଲୋକ (ଏରସମାରେ ୬୦%, ବାଲିକୁଦା ୩୫% ଓ କୁଜଙ୍ଗରେ ୫%) ଚିଙ୍ଗୁଡ଼ି ଚାଷ ପାଇଁ ଲାଇସେନ୍ସ କରି ସରକାରୀ ଯୋଜନାରେ ରିହାତି ପାଇଛନ୍ତି। ସେମାନେ ପ୍ରାୟ ୨୫୦୦ ହେକ୍ଟର ବେସରକାରୀ ଜମିରେ ଏହି ଚାଷ କରି ବେଶ୍ ଉପକୃତ ହେଉଛନ୍ତି। ଏରସମା ତହସିଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୯ଟି ଆର୍‌ଆଇ ସର୍କଲରେ ୧୧୯୪.୯୪ ଏକର ସରକାରୀ ଜମି ଜବରଦଖଲରେ ଚିଙ୍ଗୁଡ଼ି ଘେରି ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ପଦ୍ମପୁର ସର୍କଲର ସର୍ବାଧିକ ୭୭୨.୬୬ ଏକର



**୧,୭୦୦ ଏକର ସରକାରୀ ଜମି ଜବରଦଖଲ ଚିହ୍ନଟ**

- ୮୧୩ ଜଣଙ୍କୁ ନୋଟିସ, ୨.୮୨ ଲକ୍ଷ ଟଙ୍କା ଜରିମାନା ଆଦାୟ
- ଦୀର୍ଘ ବର୍ଷ ଧରି ମୋଟା ଅଙ୍କର ଲାଭ ଉଠାଇ ଚାଲିଛନ୍ତି ଜବରଦଖଲକାରୀ

ନୂଆଗାଁର ୨୩୦.୯୭, ଜପାର ୬୪.୩୮, ସିହାର ୩୧.୧୫, ଭିତରଅନ୍ଧାରୀର ୨୯.୯୫, ଗଡ଼ବିଷ୍ଣୁପୁରର ୨୨.୧୦, ଗୋଡ଼ାର ୪.୫୦, ଚଟୁଆର ୨୫.୯୭ ଓ ନାର୍ଦିଆ ସର୍କଲର ୧୩.୨୬ ଏକର ରହିଛି। ଗତ ୧୫ ତାରିଖରୁ ଗୁରୁବାର ପର୍ଯ୍ୟନ୍ତ ୪୫୩ ଜଣ ଘେରି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ କରାଯାଇଛି। ସେମାନେ ୧୫ ଦିନ ମଧ୍ୟରେ ସେମାନଙ୍କ ପକ୍ଷ ରଖିବେ। ସେହିପରି ବାଲିକୁଦା ତହସିଲ ଅନ୍ତର୍ଗତ ୨ଟି ଆର୍‌ଆଇ ସର୍କଲର ୫୧୧ ଏକର ସରକାରୀ ଜମି ଜବରଦଖଲ ସହ ଚିଙ୍ଗୁଡ଼ି ଘେରି କରାଯାଇଛି। ସେଥିମଧ୍ୟରୁ ମାଳ ସର୍କଲର ୩୧୧ ଓ ମରିଚପୁର ସର୍କଲର ୨୦୦ ଏକର ରହିଛି। ଏହା ଉପରେ ୨୨୮ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେମାନଙ୍କୁ ପକ୍ଷ ରଖିବାକୁ ୧ ମାସ ସମୟ ଦିଆଯାଇଛି। ଗୁରୁବାର ସୁଦ୍ଧା ମାଳ ଓ ମରିଚପୁର ସର୍କଲର ଜବରଦଖଲକାରୀଙ୍କଠାରୁ ୨,୮୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

ଏକ ଘେରି ନିକଟ ଅଞ୍ଚଳର ଧାନ ଚାଷୀ ତଥା ବାଲିକୁଦା ତହସିଲ ଅନ୍ତର୍ଗତ ତେନ୍ତୁଳିବେଲାରୀର ଶରତ ସାହାଣୀ କହିଛନ୍ତି, ଚିଙ୍ଗୁଡ଼ିଘେରି ମାଲିକମାନେ ଲୁଣା ଜଳକୁ ଚାଷ ଜମିରେ ପୂରାଇ ଦେଉଥିବାରୁ ଧାନ ଚାଷ ପ୍ରଭାବିତ ହେଉଛି। ଏଥିଯୋଗୁ ଅନେକ ଲୋକ ଧାନ ଚାଷ ଛାଡ଼ିବାକୁ ବାଧ ହେଉଛନ୍ତି। ଅନ୍ୟପଟେ ୧ ଏକର ଜମିରେ ଧାନ ଚାଷ କଲେ ଯେତିକି ମିଳୁଛି, ଚିଙ୍ଗୁଡ଼ି ଚାଷରେ ତା'ଠାରୁ ବହୁଗୁଣ ଲାଭ ମିଳୁଛି। ଏଥିଯୋଗୁ ଅନେକ ଧାନ ଚାଷୀ ଚିଙ୍ଗୁଡ଼ି ଚାଷ ଆଡକୁ ଆକର୍ଷିତ ହେଉଛନ୍ତି। ଘେରି ମାଲିକ ତଥା କୁଶୁପୁରର ମାଧବାନନ୍ଦ ଗିରିଙ୍କ କହିବା କଥା ହେଲା, ତାଙ୍କ ଅଞ୍ଚଳର ଅନେକ ଲୋକ ବାପା, ଅଜା ଅମଳରୁ ସରକାରୀ ଜମିରେ ଧାନ ଚାଷ କରି ଆସୁଥିଲେ। କେତେଜଣ ଲୋକ ତହସିଲ କର୍ମଚାରୀଙ୍କୁ ଟଙ୍କା ଦେଇ ଉକ୍ତ ଜମିକୁ ନିଜ ନାମରେ ପଟ୍ଟା କରି ନେଇଛନ୍ତି। ଉକ୍ତ ଜମି ସବୁ ଲୁଣା କିସମର ଥିବାରୁ ଏକର ପ୍ରତି ୩ରୁ ୪ କୁଇଣ୍ଟାଲ ଧାନ ହେବା କଷ୍ଟକର। ତେଣୁ ଲୋକେ ଚିଙ୍ଗୁଡ଼ି ଚାଷ କରୁଛନ୍ତି।

ଏରସମା ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କହିଛନ୍ତି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶ ଅନୁଯାୟୀ ସରକାରୀ ଜମିରେ କରାଯାଇଥିବା ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେବ। ଇତିମଧ୍ୟରେ ଅଧିକାଂଶଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜୁଲାଇ ୩୧ ସୁଦ୍ଧା ଅବଶିଷ୍ଟଙ୍କୁ ନୋଟିସ କରିବାକୁ ଲକ୍ଷ୍ୟ ରହିଛି। ଆର୍‌ଆଇମାନେ ଘେରି ମାଲିକଙ୍କୁ ହାଜର ହେବା ପାଇଁ କହୁଛନ୍ତି। ତା' ପରେ ଉଚ୍ଛେଦ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ଅଗଷ୍ଟ ଶେଷ କିମ୍ବା ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇପାରେ। କୌଣସି ପ୍ରକାର ଚାପ ଆଗରେ ତହସିଲ ପ୍ରଶାସନ ମୁଣ୍ଡ ନୁଆଁଇବ ନାହିଁ ବୋଲି ତହସିଲଦାର ଦାସ କହିଛନ୍ତି।

ବାଲିକୁଦା ତହସିଲଦାର ସିଦ୍ଧାର୍ଥ ଶଙ୍କର ଦାସ କହିଛନ୍ତି, ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଜବରଦଖଲ ଉପରେ ସର୍ଭେ ହୋଇଥିଲା। ୨ ସୁପରଭାଇଜର ଓ ସମ୍ପୃକ୍ତ ଆର୍‌ଆଇଙ୍କୁ ନେଇ ଟିମ୍ ଗଢ଼ାଯାଇଥିଲା। ସର୍ଭେ ରିପୋର୍ଟ ଆସିଲା ପରେ ଅବରୋଧ ମାମଲା ରୁଜୁ କରାଯାଇଥିଲା। ମାଳ ସର୍କଲ ପାଇଁ ଜୁଲାଇ ୫, ୬, ୭ ଓ ମରିଚପୁର ପାଇଁ ୧୩, ୧୪ ଓ ୧୫ ତାରିଖରେ ଶୁଣାଣି ହୋଇଥିଲା। ଜବରଦଖଲକାରୀଙ୍କୁ ଜରିମାନା ଦାଖଲ ପାଇଁ କୁହାଯିବା ସହ ଉଚ୍ଛେଦ ସମ୍ପର୍କରେ ଅବଗତ କରାଯାଇଥିଲା। ଅଗଷ୍ଟ ୨୦ରୁ ୨୫ ଭିତରେ ଉଚ୍ଛେଦ ପ୍ରକ୍ରିୟା ହୋଇଯିବ। ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ କହିଛନ୍ତି, ଜୁଲାଇ ୩୧ ସୁଦ୍ଧା କାରଣ ଦର୍ଶାଅ ନୋଟିସ ସାରିବାକୁ ତହସିଲଦାରମାନଙ୍କୁ କୁହାଯାଇଛି।

**ସଂକ୍ଷେପରେ**

## 'ବନ୍ଦେ ଉତ୍କଳ ଜନନୀ: ଅତୀତ ଓ ବର୍ତ୍ତମାନ' ପୁସ୍ତକ ପ୍ରକାଶିତ




ଭୁବନେଶ୍ୱର,୨୩।୭: କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ କବିତା 'ବନ୍ଦେ ଉତ୍କଳ ଜନନୀ'କୁ ନେଇ ଏକ ଗବେଷଣାତ୍ମକ ପୁସ୍ତକ ପ୍ରକାଶ ପାଇଛି। ଯୁବ ଗବେଷକ ତଥା କର୍ଣାଟକ ମୈସୂରସ୍ଥିତ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନରେ କାର୍ଯ୍ୟରତ ଡକ୍ଟର ସନ୍ତୋଷ କୁମାର ମହାନ୍ତି ଏହି ବହିଟିକୁ ଲେଖିଛନ୍ତି। ବିଶିଷ୍ଟ ଲେଖକ ତଥା ଧଉଳି ବୁକ୍ସର ପ୍ରକାଶକ ମନୁ ଦାଶ ଏହାର ପ୍ରକାଶକ ଅଛନ୍ତି। ପ୍ରକାଶ ଯେ, ୧୯୧୩ରେ ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ନବମ ଅଧିବେଶନରେ 'ବନ୍ଦେ ଜନନୀ' ଶୀର୍ଷକରେ ଏହି କବିତାଟି ପ୍ରଥମେ ଗାନ କରାଯାଇଥିଲା। ୨୦୨୦ ଜୁନ୍ ୭ ତାରିଖରେ ଓଡ଼ିଶା ସରକାର 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତର ମାନ୍ୟତା ଦେଇଥିବା ବେଳେ ଚଳିତ ବର୍ଷ ଜୁନ୍ ୨୩ରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏହାକୁ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରକାଶିତ ଏହି ବହିରେ ମୋଟ୍ ୨୫ଟି ଅଧ୍ୟାୟରେ ରାଜ୍ୟ ସଙ୍ଗୀତ ସମ୍ପର୍କିତ ପ୍ରାୟ ସମସ୍ତ ପ୍ରସଙ୍ଗର ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ରାଜ୍ୟ ସଙ୍ଗୀତ ସମ୍ପର୍କରେ ଅନେକ ତଥ୍ୟ, ସରକାରୀ ବିବରଣୀ, ଉତ୍କଳ ସମ୍ମିଳନୀ ବିବରଣୀ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଦେଶ, ବିଭିନ୍ନ ଚିଠିପତ୍ର, ପୁରୁଣା ବହି, ପତ୍ରପତ୍ରିକା, ପୁରାତନ ଖବରକାଗଜ 'ଉତ୍କଳ ଦୀପିକା', 'ସମ୍ବଲପୁର ହିତୈଷିଣୀ'ରୁ ପୁସ୍ତକ ପ୍ରସ୍ତୁତି ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଇଛି। ଏଥିସହିତ ଦେଶର ୧୦ଟି ରାଜ୍ୟ ସଂଗୀତ ଓଡ଼ିଆ ଲିପିରେ ପ୍ରସ୍ତୁତ ହୋଇଛି। ଏହି ପୁସ୍ତକରେ ୧୧୧ଟି ଫଟୋ ବା ପ୍ରତିଲିପି ସ୍ଥାନ ପାଇଛି।

## ଖୁବ୍‌ଶୀଘ୍ର ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା

ଭୁବନେଶ୍ୱର,୨୩।୭(ବ୍ୟୁରୋ): ବିଶିଷ୍ଟ ଉଦ୍ୟୋଗପତି ତଥା ୫ଏଫ୍ ୱାର୍ଲ୍ଡର ଅଧ୍ୟକ୍ଷ ଗଣେଶ ନଟରାଜନଙ୍କ ସହ ଏକ ପ୍ରତିନିଧି ଦଳ ଶୁକ୍ରବାର ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଦକ୍ଷତାର କେନ୍ଦ୍ରବିନ୍ଦୁ ହେବାକୁ ଥିବା ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ଉନ୍ନତ ବୈଷୟିକ ଭିତ୍ତିଭୂମି ଦେଖି ସେ ଅଭିଭୂତ ହେବାସହ ଆଗାମୀ ଦିନରେ ଏଥିରେ ସହଭାଗିତା କରିବାକୁ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ନଟରାଜନ କହିଛନ୍ତି, କ୍ଷୁଦ୍ର ପ୍ରୟାସରୁ ହିଁ ବୃହତ୍ ସମ୍ଭାବନା ସୃଷ୍ଟି ହୋଇଥାଏ। ଏହି ଅବସରରେ ସେ ଏବଂ ତାଙ୍କ ଦଳ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରି ଦକ୍ଷତା ବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ ବିଭିନ୍ନ ପଦକ୍ଷେପ ଏବଂ ଦୀର୍ଘ ଓ କ୍ଷୁଦ୍ର ମିଆଦୀ ଯୋଜନା ବିଷୟରେ ପଚାରି ବୁଝିଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ବିଶ୍ୱ ଦକ୍ଷତା କେନ୍ଦ୍ରର ଉନ୍ନତ ଦକ୍ଷତା ପ୍ରଶିକ୍ଷଣ ବ୍ୟବସ୍ଥା, ଭିତ୍ତିଭୂମି ଏବଂ ପାଠ୍ୟକ୍ରମ ଇତ୍ୟାଦି ବିଷୟରେ ଆଲୋକପାତ କରିଛନ୍ତି। ଖୁବ୍‌ଶୀଘ୍ର ଚଳିତ ବର୍ଷ ନିମନ୍ତେ ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି।

# ଅଗଷ୍ଟ ୨୩ରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ସମସ୍ତ ୟୁଜି ଫାଇନାଲ ସେମିଷ୍ଟର ପରୀକ୍ଷା (ବ୍ୟାକ୍ ପେପରକୁ ଛାଡ଼ି) ଅଗଷ୍ଟ ୧୯ ସୁଦ୍ଧା ଶେଷ ହେବ। ୟୁଜିର ବ୍ୟାକ୍ ପେପର ସମେତ ଫାଇନାଲ ସେମିଷ୍ଟର ପରୀକ୍ଷା ଫଳ ସେପ୍ଟେମ୍ବର ୨୭ ମଧ୍ୟରେ ପ୍ରକାଶ ପାଇବ। ସମସ୍ତ ପିଜି ଫାଇନାଲ ସେମିଷ୍ଟର ପରୀକ୍ଷା ଅଗଷ୍ଟ ୩୧ ସୁଦ୍ଧା ଶେଷହୋଇ ପରୀକ୍ଷା ଫଳ ସେପ୍ଟେମ୍ବର ୨୦ ସୁଦ୍ଧା ପ୍ରକାଶ ପାଇବ। ଏଥିସହିତ ୨୦୨୧ ବର୍ଷର ଏକକ ପିଜି ପ୍ରବେଶିକା ପରୀକ୍ଷା ଅଗଷ୍ଟ ୨୩ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧ ମଧ୍ୟରେ ଶେଷ କରାଯିବ। ଅକ୍ଟୋବର ୧୫ରୁ ପିଜି ଶ୍ରେଣୀରେ ନାମଲେଖା ଆରମ୍ଭ ହେବ। ଶୁକ୍ରବାର ଅନୁଷ୍ଠିତ ରାଜ୍ୟ ବିଶ୍ୱବିଦ୍ୟାଳୟ କୁଳପତି ସମ୍ମିଳନୀରେ ଏନେଇ ସୂଚନା ଦିଆଯାଇଛି।

ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଆୟୋଜିତ ଏହି ସମ୍ମିଳନୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି, ଉଚ୍ଚଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ନିମନ୍ତେ ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହାର ସଫଳ ରୂପାୟନ ନିମନ୍ତେ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କର ଦୃଢ଼ ନେତୃତ୍ୱ ଆବଶ୍ୟକ। କୁଳପତିମାନେ କାର୍ଯ୍ୟକ୍ଷେତ୍ରରେ ଉଦାହରଣ ସୃଷ୍ଟି କରି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଗୋଟିଏ ଗୋଟିଏ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା ଯୋଗୁ ଶିକ୍ଷା ବ୍ୟବସ୍ଥା ବ୍ୟାପକ ଭାବରେ ପ୍ରଭାବିତ ହୋଇଥିଲେ ମଧ୍ୟ ଗତବର୍ଷ ୟୁଜି ଓ ପିଜିରେ ଶେଷ ବର୍ଷ ଫାଇନାଲ ସେମିଷ୍ଟର ପରୀକ୍ଷା କରାଯାଇଥିଲା। ଚଳିତବର୍ଷ ମଧ୍ୟ ଅନ୍‌ଲାଇନ୍‌ରେ ଏସବୁ ପରୀକ୍ଷା ସୁରୁଖୁରୁରେ ସମ୍ପନ୍ନ ହେବ। ଏଥିସହିତ କୁଳପତିମାନଙ୍କ ପରାମର୍ଶରେ ୨୦୨୧ର ଏକକ ପିଜି ପ୍ରବେଶିକା ପରୀକ୍ଷା କରାଯିବ। ସେହିଭଳି ପିଏଚ୍‌ଡି ପ୍ରୋଗ୍ରାମରେ ଅହେତୁକ ବିଳମ୍ବକୁ ହ୍ରାସ କରିବା ନିମନ୍ତେ ପିଏଚ୍‌ଡି ରେଜିଷ୍ଟ୍ରେଶନ୍, ପରୀକ୍ଷା ଫଳ ପ୍ରକାଶନ ଏବଂ ମୌଖିକ ପରୀକ୍ଷା ଆଦି କ୍ଷେତ୍ରରେ ସର୍ବାଧିକ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି।

ବୈଠକରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ ଦାସ ଓ କୁଳପତିମାନେ ଯୋଗଦେଇ ୟୁଜି ଓ ପିଜି ଶେଷବର୍ଷ ଫାଇନାଲ ସେମିଷ୍ଟର ପରୀକ୍ଷା ପରିଚାଳନା ବିଷୟରେ ବିଶଦ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର, ପରୀକ୍ଷା ନିୟନ୍ତ୍ରକ, ବିତ୍ତ ନିୟନ୍ତ୍ରକଙ୍କ ସମେତ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

**କୁଳପତି ସମ୍ମିଳନୀରେ ଦିଆଗଲା ସୂଚନା**

- ଅକ୍ଟୋବର ୧୫ରୁ ପିଜି ନାମଲେଖା
- ଅଗଷ୍ଟ ୧୯ ସୁଦ୍ଧା ସରିବ ୟୁଜି ପରୀକ୍ଷା, ସେପ୍ଟେମ୍ବର ୨୭ ମଧ୍ୟରେ ଫଳ
- ଅଗଷ୍ଟ ୩୧ ଭିତରେ ପିଜି ପରୀକ୍ଷା, ସେପ୍ଟେମ୍ବର ୨୦ ସୁଦ୍ଧା ଫଳ ପ୍ରକାଶ

# କେନ୍ଦ୍ର ଅବହେଳା ବିରୋଧରେ ପାଟି ଫିଟାଉନି ବିଜେଡି: କଂଗ୍ରେସ

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

ରାଜ୍ୟଗୁଡ଼ିକର ବିକାଶରେ କେନ୍ଦ୍ରରେ ବିକାଶ ହୁଏ। ଏହି ଦୃଢ଼ୋକ୍ତି କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟଗୁଡ଼ିକ ପ୍ରତି ବର୍ତ୍ତମାନ ଅବିଚାର କରିଚାଲିଛନ୍ତି। ରାଜ୍ୟକୁ ଦିଆଯାଉଥିବା କେନ୍ଦ୍ରୀୟ ସହାୟତା ରାଶି ୨୦୧୪-୧୫ଠାରୁ ଧାରାବାହିକ ଭାବେ କମି କମି ଚାଲିଛି ବୋଲି ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣେଶ୍ୱର କହିଛନ୍ତି, କେନ୍ଦ୍ରର ଏଭଳି ଅନେକ ଅବହେଳାକୁ ବିଜେଡି ନୀରବରେ ସହି ଚାଲିଛି। ୟୁପିଏ ସରକାର ଅମଳରେ ୨୦୧୪ ପର୍ଯ୍ୟନ୍ତ ରାଜ୍ୟଗୁଡିକୁ ଅର୍ଥ କମିଶନ କରିଥିବା ସୁପାରିସଠାରୁ ନିୟମିତ ଭାବେ ଅଧିକ ଅର୍ଥ ହସ୍ତାନ୍ତର କରାଯାଉଥିଲା। ମୋଦି ସରକାର ଆସିବାଠାରୁ ଏହାର ବିପରୀତ ଗତି ଆରମ୍ଭ ହେଲା। ମୋଦି ସରକାରଙ୍କ ପ୍ରଥମ ୬ ବର୍ଷରେ ରାଜ୍ୟଗୁଡ଼ିକୁ ମିଳିଥିବା କେନ୍ଦ୍ରୀୟ ରାଶି ଅର୍ଥ କମିଶନଙ୍କ ସୁପାରିସ ତୁଳନାରେ ୩୭ ପ୍ରତିଶତ ହ୍ରାସ ପାଇଲା। କେନ୍ଦ୍ର ସରକାର ସେସ୍ ଓ ସରଚାର୍ଜ ପରିମାଣ ବୃଦ୍ଧିକରି ରାଜ୍ୟକୁ ତାଙ୍କ ପ୍ରାପ୍ୟରୁ ବଞ୍ଚିତ କଲେ। ଖଣି ରୟାଲଟି ସଂଶୋଧନ ନିମିତ୍ତ କେନ୍ଦ୍ର ସରକାର ଅମଙ୍ଗ ହେତୁ ଓଡ଼ିଶାକୁ କ୍ଷତି ସହିବାକୁ ପଡୁଛି। କେନ୍ଦ୍ର କୋଇଲା ମନ୍ତ୍ରୀ ପାର୍ଲାମେଣ୍ଟରେ ଉତ୍ତର ରଖି ଏହା ସମ୍ଭବ ନୁହେଁ ବୋଲି ରୋକ୍‌ଠୋକ୍ କହିଦେଇଛନ୍ତି। ସମସ୍ତ ଧାରାବାହିକ ଅବହେଳା ବିରୋଧରେ ବିଜେଡି ପାଟି ଫିଟାଉ ନାହିଁ। ଏହା ପ୍ରମାଣ କରୁଛି ଯେ ବିଜେଡି ଓ ଭାଜପା ମଧ୍ୟରେ କୌଣସି ପ୍ରାର୍ଥକ୍ୟ ନାହିଁ। ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଓଡ଼ିଶାବାସୀ ଯଥା ସମୟରେ ଏହାର ଉଚିତ ଜବାବ ଦେବେ ବୋଲି ଗଣେଶ୍ୱର କହିଛନ୍ତି।


सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
cmpdi
**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in**"

**MADHUSUDAN LAW UNIVERSITY**
**CORRIGENDUM**

Our Advt. No. MLU/177/2021 Dated 22.07.2021 regarding Walk-in-Interview published in The Dharitri & Sambad Dtd. 23.7.2021. Last paragraph of the Advt. please be read as Further **retired peons** instead of Further retired persons. All other terms & conditions remain unchanged.

*Sd/-Registrar,Madhusudan Law University, Cuttack.*

**ତହସିଲଦାରଙ୍କ କାର୍ଯ୍ୟାଳୟ, ନିଆଳି**

ସଂଖ୍ୟା: 1577 ତାରିଖ: 22.7.21

**ନିଲାମ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିଆଳି ତହସିଲ ଅନ୍ତର୍ଗତ Annexure-Iରେ ସ୍ଥାନିତ ସାତଗୋଟି ମସଦିଆକୁ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ନିଲାମ ପାଇଁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏ ସମ୍ପର୍କିତ ବିବରଣୀ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟ (www.cuttack.nic.in)ରେ ଉପଲବ୍ଧ ଅଟେ। ଏତଦ୍‌ବ୍ୟତୀତ ଏ ସମ୍ପର୍କରେ ସମସ୍ତ ତଥ୍ୟାବଳୀ ତହସିଲଦାରଙ୍କ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ମିଳିପାରିବ।

ସ୍ୱା./- ତହସିଲଦାର, ନିଆଳି

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

Tender Notice No. TPWODL/PN/O/SU/ 013
EGIS System implementation and maintenance at TPWODL

The time period is hereby extended for Submission of Tender Participation Fee and Authorization Letter through e-mail till 30th July 2021, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.

Sd/-
Chief Contracts and Store

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-673 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3077 Dt.23.07.2021

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Supply and installation of Sinking of Bore Well with solar motor system, Solar piped Water Supply with extension of pipe of supply and street light with Solar System at different places of Boudh District under WODC".

Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-MANAGING DIRECTOR

OIPR-14073/11/0029/2122

**ODISHA STATE CIVIL SUPPLIES CORPORATION LIMITED**
**NAYAGARH DISTRICT**
Letter No.3065/ Dt.22.07.2021

**Corrigendum to Tender Call Notice No. 2790, 2721 & No. 2809 dt.01.07.2021**

In pursuance to this Office Order No.2755, 2751, 2768 dt.30.06.2021 the Tender Call Notice No. 2790, 2721 & No. 2809 dt. 01.07.2021 published in daily newspaper Sambad, Sakala, Prameya, Dharitri & Samaj on dt.09.07.2021 relating to appointment of Transport Contractor Level-II, Level-I and Handling Contractor for the biennial Year 2021-23 of Nayagarh District. The modified Bill of Quantities (BOQ) form is quoted in above tender documents. Which has been related to appointment of Transport Contractor Level-II, Level-I and Handling Contractor for the biennial Year 2021-23 of Nayagarh District.

The bidder while submitting the proposal should submit duly signed copy of corrigendum/addendum along with the tender documents (as per checklist).

**Sd./- Collector, Nayagarh**

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, SAMBALPUR (PUBLIC HEALTH WING)**
**Order No. 867/ PH, Sambalpur Dated 23.7.21**

**QUOTATION CALL NOTICE**

Sealed quotation / expression in interests are hereby invited from intending reputed firms / parties / suppliers / agency / Regd. Shop / Distributor having valid registration and GST clearance certificate, quality certificate ISO 9001, labour registration certificate of bidder, EPF & ESI Registration certificate, Income Tax return for last 2 financial years, UDYAM Registration Certificate, Character Certificate, Experience work order for material supply, PAN Card and Food Licence (Registration Certificate Government of Odisha, H&FW Deptt. Food Safety and Standards Authority of India, Registration under FSS Act, 2006 for supply of the Dietary Articles and having valid registration and GST clearance certificate for supply of the following items to H.K.N.S., Hatibari Health Home, Hatibari. The quotation should reach to the undersigned on or before 04.08.2021 by 11 A.M. by registered post/ speed post and courier only and the same will be opened on the same day at 12 Noon in the office chamber of Chief Dist. Medical and Public Health Officer, Sambalpur in presence of the parties or their authorized representatives. Necessary specification/ quantity may be obtained from the undersigned in the office hours. The quotation papers should be superscribed on the top of envelope clearly indicating. The selected quotationers for dietary articles and vegetables have to supply the same from month to month for the year 2021-22 or till finalization of new tender where as the Saree, Gamuchha, Dhoti have to supply within one month from the date of issue of indent orders. The undersigned / authority reserve the right to reject any or all quotations without assigning any reason thereof.

| Sl. No. | Name of the items |
|---|---|
| 1 | Vegetables, Egg |
| 2 | Dhoti, Gamuchha, Saree |
| 3 | Mutton |

**Sd./- S. Patel**
**Chief District Medical and Public Health Officer**
**Sambalpur**

**GOVERNMENT OF ODISHA**
**OFFICE OF THE DISTRICT PROJECT CO-ORDINATOR**
**SAMAGRA SHIKSHA, BOUDH**
E-mail: dpcboudhssa.opepa@nic.in, Phone: 06841-2335007

**INVITATIONS FOR BIDS (I.F.B.)**
**e-Procurement Notice**

No. 1035 IDENTIFICATION No. IFB-SS(B)01/2021-22 Dated: 16.07.2021

The **DISTRICT PROJECT COORDINATOR, SAMGRA SHIKSHA, BOUDH** on behalf of Collector, Boudh invites **Percentage Rate** bids in **Double Cover System** for the construction of work as detailed in the table, from the class of eligible contractors as mentioned in Column-5 (Five) registered with the State Governments and contractors of equivalent Grades/Class registered with Central Government/MES/Railways for execution of **Building Works**. The proof of registration from the appropriate authority shall be enclosed along with the Bid. If successful, the bidder who has not registered under State Government has to register under the State PWD in appropriate clas of eligibility before signing of the agreement.
The bidders may submt bids of the following works.

| Sl. No. | Name of the Work | Approximate Value of Work | Period of Completion | Class of Contractor | Bid Security (Online payment) | Cost of tender document (Non-refundable) (Online payment) | Last date & time of online receipt of Bids |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of KGBV Hostel Building at Balasinga of Boudh Block | Rs.88,12,033.00 | 11 (Eleven Calendar Months) | "B" & "A" Class | Only the Bid Security Declaration as per the tender schedule to furnished instead of EMD/ Bid Security | Rs.10,000.00 | 17.00 hrs. of 09.08.2021 |
| 2 | Construction of KGBV Hostel Building at Purunakatak of Harabhanga Block | Rs.88,12,055.00 | 11 (Eleven Calendar Months) | "B" & "A" Class | | Rs.10,000.00 | 17.00 hrs. of 09.08.2021 |
| 3 | Construction of KGBV Hostel Building at Palsagora of Kantamal Block | Rs.88,16,485.00 | 11 (Eleven Calendar Months) | "B" & "A" Class | | Rs.10,000.00 | 17.00 hrs. of 09.08.2021 |

1. Bid documents consisting of plans, specifications, the schedule of quantities and the set of terms & conditions of tender/ contract & other necessary documents can be seen in the website **www.tendersodisha.gov.in**.
2. The bid documents will be available in the website **https://tendersodisha.gov.in** from **11.00 hrs. of 25.07.2021 to 17.00 hrs. of 09.08.2021.**
3. Bids shall be received only **"Online"** on or before **17.00 hrs.** of **09.08.2021**.

**Sd./- District Project Co-ordinator**
**Samagra Shiksha, Boudh**

## ସଂକ୍ଷେପରେ

### ବିଦ୍ୟୁତ୍ ବିପଦ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନତା

ଜୟପୁର,୨୩।୭ (ନି.ପ୍ର.)-ଜୟପୁରସ୍ଥିତ ଟିପିଏସ୍ (ଟାଟା ପାୱାର ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ବିତରଣ କମ୍ପାନୀ) ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଦ୍ୟୁତ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନ୍‌ଲାଇନ ମାଧମରେ ଅନୁଷ୍ଠିତ ହୋଇଯାଇଛି। ଜୟପୁର ପାୱାର ହାଉସସ୍ଥିତ ପ୍ରକାଶ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ନେଇ ଘରୋଇ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଟାଟା ପାୱାର ଦକ୍ଷିଣାଞ୍ଚଳ ବିଦ୍ୟୁତ୍ ବିତରଣ କମ୍ପାନୀ ପକ୍ଷରୁ କରାଯାଇଥିଲା। ବିଦ୍ୟୁତ୍ ବିପଦ ନେଇ ପୋଷ୍ଟର ଓ ସ୍ଲୋଗାନ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକଙ୍କୁ ସଚେତନ କରାଯାଇଥିଲା। ଗୁଗଲ ମିଟ୍ ମାଧମରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଏଚ୍‌ଓଜି (ସୁରକ୍ଷା) ପ୍ରମୋଦ ବେହେରା ପରିଚାଳନା କରଥିଲେ।

### କୋରାପୁଟ: ଜିଲାରୁ ୧୦ କରୋନା ଆକ୍ରାନ୍ତ ଚିହ୍ନଟ

କୋରାପୁଟ,୨୩।୭(ସ୍ୱ.ପ୍ର.)-କୋରାପୁଟ ଜିଲାରେ ଶୁକ୍ରବାର ୧୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮,୭୬୬ରେ ପହଞ୍ଚିଛି । ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ କୋରାପୁଟ ପୌରାଞ୍ଚଳରୁ ୫, ସହରର ପଣ୍ଡା କଲୋନି ଅଞ୍ଚଳରୁ ୪, ଗୌତମନଗର ଅଞ୍ଚଳରୁ ଜଣେ, କୋଟପାଡ ବ୍ଲକରୁ ୨, ବୈପାରିଗୁଡ଼ା, ବୋରିଗୁମ୍ମା, ଦଶମନ୍ତପୁର, ଲମତାପୁଟ ବ୍ଲକରୁ ଜଣେ ଲେଖାଏ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ଜିଲାରେ ୪ ଲକ୍ଷ ୭୬ ହଜାର ୩୪୯ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି। ଜିଲାରେ ମୋଟ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୧୮, ୪୬୬ ଥିବା ବେଳେ ମୃତ୍ୟୁ ସଂଖ୍ୟା ୬୯ ରହିଛି।

### ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ

କୋରୁକୋଣ୍ଡା ୨୩।୭ (ଡି.ଏନ୍.ଏ.)- ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ଆଦର୍ଶ ଅଙ୍ଗନୱାଡ଼ି କେନ୍ଦ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଭାରତୀୟ ମଜଦୁର ସଂଘ ସର୍ବଦା ସମାଜର ଶୋଷିତ, ପୀଡ଼ିତ ନିଷ୍ପେଷିତ ଲୋକଙ୍କ ପାଇଁ ଲଢେଇ କରି ଆସିଛି। ଆଗାମୀ ଦିନରେ ମାଲକାନଗିରି ଜିଲାରେ ସଂଘକୁ ଆହୁରି ମଜଭୁତ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘର ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ସବିତା ଦେଇ, ମିନତି ପଣ୍ଡା, ଗୋଲାପ ବିଷୋୟୀ,ସ୍ୱର୍ଣ୍ଣଲତା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଲୁଗେଲ ମଣ୍ଡିରେ ପଡ଼ି ରହି ନଷ୍ଟ ହେଉଛି ବାଦାମ



ଏମ୍‌ଭି ୭୯,୨୩।୭(ଡି.ଏନ୍.ଏ.)-ମାଲକାନଗିରି ଜିଲା କାଲିମେଲା ବ୍ଲକ ଲୁଗେଲ ମଣ୍ଡି ଏବେ କୁକୁଡାଘର ଓ ଗୋରୁ ଗୁହାଳ ପାଲଟିବାକୁ ବସିଲାଣି। ମଣ୍ଡିରେ ଶହଶହ ବସ୍ତା ବାଦାମ ପଡି ରହିଛି। ଏହାକୁ ନେବା ପାଇଁ ବ୍ୟବସ୍ଥା କରାଯାଉ ନାହିଁ। ମଣ୍ଡି ପରିସର ରକ୍ଷଣାବେକ୍ଷଣ ଅଭାବରୁ ଗୋରୁଙ୍କ ଗୁହାଳ ପାଲଟିଲାଣି। ଏବେ କୁକୁଡାଙ୍କ ପାଇଁ ଖାଦ୍ୟ ପାଲଟିଛି ଏହି ବାଦାମ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ମଣ୍ଡିରୁ ବାଦାମ ଉଠାଇବାକୁ ପଦକ୍ଷେପ ନେବାକୁ ଦାବି ହେଉଛି।

### ଯୁକ୍ତ ୨, ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ଖୋଲିବାକୁ ଦାବି

ତେନ୍ତୁଲିଖୁଣ୍ଟି, ୨୩।୭(ଡି.ଏନ୍.ଏ.) ତେନ୍ତୁଲିଖୁଣ୍ଟି ବ୍ଲକରେ ବ୍ଲଡ୍‌ବ୍ୟାଙ୍କ, ଶବ ବ୍ୟବଚ୍ଛେଦ ଗୃହ, ୨ ହାଇସ୍କୁଲରେ ଯୁକ୍ତ୨ ଶ୍ରେଣୀ ଖୋଲିବା ସହ ବୈଷୟିକ ଶିକ୍ଷାନୁଷ୍ଠାନ ପାଇଁ ଜିଲା ଯୁବ କଂଗ୍ରେସ ସଭାପତି ଅଖିଳ ଭତ୍ରା ମୁଖ୍ୟମନ୍ତ୍ରୀଙ୍କୁ ଦାବି କରିଛନ୍ତି। ଏଠାରେ ୨୧ଟି ହାଇସ୍କୁଲ ଓ ଗୋଟିଏ ଯୁକ୍ତ ୨ କଲେଜ ରହିଛି। ପିଲାମାନେ ସ୍କୁଲଗୁଡ଼ିକରୁ ମାଟ୍ରିକ୍ ପାସ୍ କରିବା ପରେ ଖାତିଗୁଡ଼ାସ୍ଥିତ ଯୁକ୍ତ୨ ଉଚ୍ଚ ମାଧମିକ ବିଦ୍ୟାଳୟ ଉପରେ ନିର୍ଭରଶୀଳ। ଏଣୁ ତେନ୍ତୁଲିଖୁଣ୍ଟିର ସର୍ବ ପୁରାତନ ବାପୁଜୀ ଉଚ୍ଚ ବିଦ୍ୟାଳୟ ଓ ତଫସିଲଭୁକ୍ତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ପାତ୍ରପୁଟ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ୨ଶ୍ରେଣୀ ଖୋଲିବାକୁ ଦାବି ହୋଇଛି। ଏଥିସହ ବୈଷୟିକ, ଧନ୍ଦାମୂଳକ ଶିକ୍ଷାନୁଷ୍ଠାନ ଖୋଲିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସେ ଦାବି କରିଛନ୍ତି। ଯୁକ୍ତ ୨ରେ ବାଣିଜ୍ୟ ଓ ଯୁକ୍ତ ୩ ଶିକ୍ଷାନୁଷ୍ଠାନ ଖୋଲିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲଡ୍‌ବ୍ୟାଙ୍କ ପ୍ରତିଷ୍ଠା କରିବାକୁ ସେ ଅନୁରୋଧ କରିଛନ୍ତି। ଅପମୃତ୍ୟୁ ଅଥବା କୌଣସି ଦୁର୍ଘଟଣାର ଶିକାରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଖର୍ଚ୍ଚାନ୍ତ ହୋଇ ୪୫ କି.ମି. ନେବାକୁ ପଡୁଛି। ଏଣୁ ସେଠାରେ ବ୍ୟବଚ୍ଛେଦ ଗୃହ ତୁରନ୍ତ ଖୋଲିବାକୁ ସେ ଅନୁରୋଧ କରିଛନ୍ତି।

# ବିଏସ୍‌ଏନ୍‌ଏଲ୍ ବିଦ୍ୟୁତ୍ ସଂଯୋଗ କାଟିଲା ଟାଟା

**ବକେୟା ବିଲ୍ ପୈଠ ନ କରିବାରୁ**

ମାଲକାନଗିରି, ୨୩।୭ (ଡି.ଏନ୍.ଏ.)

ରାଜ୍ୟ ସରକାର ବିଦ୍ୟୁତ୍ ବିଭାଗକୁ ଟାଟାକୁ ହସ୍ତାନ୍ତର କରିବା ପରେ ଟାଟା ଏବେ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ଉପରେ ଗୁରୁତ୍ୱ ଦେଇଛି। ବକେୟା ବିଦ୍ୟୁତ୍ ବିଲ୍ ପଇଠ କରୁ ନ ଥିବାରୁ ଟାଟା ପାୱାର ମାଲକାନଗିରି ଡିଭିଜନର ବିଭିନ୍ନ ସରକାରୀ କାର୍ଯ୍ୟାଳୟରୁ ବିଦ୍ୟୁତ୍ ସଂଯୋଗ କାଟିବା ଆରମ୍ଭ କରିଛି। ଶୁକ୍ରବାର ବିଏସ୍‌ଏନ୍‌ଏଲ୍‌ର ବିଦ୍ୟୁତ୍ ଦେୟ ବକେୟା ଥିବାରୁ ଟାଟା ଏହି କାର୍ଯ୍ୟାଳୟର ବିଦ୍ୟୁତ୍ ସଂଯୋଗ କାଟିଛି। ପୂର୍ବରୁ ୩୭ ଲକ୍ଷ ଟଙ୍କା ବିଦ୍ୟୁତ୍ ଦେୟ ବାକି ଥିବାରୁ ଜିଲାର ଏକମାତ୍ର କ୍ରୀଡ଼ା ଛାତ୍ରାବାସର ବିଦ୍ୟୁତ୍ ସଂଯୋଗ ଟାଟା କାଟିଥିଲା। ଫଳରେ ଏବେ ସୁଦ୍ଧା ଛାତ୍ରାବାସ ଅନ୍ଧାରରେ ରହିଛି। ଦୀର୍ଘଦିନ ହେଲା ବିଏସ୍‌ଏନ୍‌ଏଲ୍ ଉପରେ ୭ଲକ୍ଷ ୩୬ହଜାର ୨୧୧ ଟଙ୍କା ବକେୟା ପଡିଛି। ସଦର ମହକୁମାର ମାଇକ୍ରୋ ଟାୱାରର ୧ ଲକ୍ଷ ୪୬ ହଜାର ୩୪୪ଟଙ୍କା, ମାଉଲିଗୁଡ଼ି ସାହି ଟାୱାରର ୫ ଲକ୍ଷ ୭୦ ହଜାର ୪୭୨ ଟଙ୍କା, ରିକଲାମେସନ କଲୋନି ଟାୱାରର ୧ ଲକ୍ଷ ୩୬ ହଜାର ୯୭୦ ଟଙ୍କା ଓ ଚାଲାଣଗୁଡ଼ା ଟାୱାରର ୧ ଲକ୍ଷ ୨୫ ହଜାର ୮୨୬ ଟଙ୍କା ବକେୟା ରହିଛି। ଏହାକୁ ପରିଶୋଧ କରିବା ନେଇ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ନ ଦେବାରୁ ଟାଟା ପାୱାରକୁ କଠୋର ନିଷ୍ପତ୍ତି ନେବାକୁ ପଡିଛି। ଏନେଇ ବିଏସ୍‌ଏନ୍‌ଏଲ୍ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ।

# ସୀମାନ୍ତରୁ ୨ ମାଓବାଦୀ ଗିରଫ

ମାଲାକାନଗିରି,୨୩।୭(ଡି.ଏନ.ଏ.)




ମାଲକାନଗିରି ଜିଲା ସିମାନ୍ତରେ ସର୍ଚ୍ଚ ଅପରେସନ ବେଳେ ଶୁକ୍ରବାର ୨ ଜଣ ମାଓବାଦୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାର୍ଷେ ହିଡମା ଓ ସୁକା। ଏଥିସହ ଅନେକ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲା ଅନ୍ତର୍ଗତ ରାବାଗୁଡା ଜଙ୍ଗଲରେ ଶୁକ୍ରବାର ଜିଲା ପୋଲିସର ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ଜଙ୍ଗଲରେ ଯବାନଙ୍କୁ ଦେଖି ୨ଜଣ ଯୁବକ ଲୁଚି ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଯବାନମାନେ ଏହି ୨ଯୁବକଙ୍କୁ ଚାରିପଟୁ ଘେରି କାବୁ କରିଥିଲେ। ସେମାନଙ୍କୁ ପଚରା ଉଚରା ସମୟରେ ଉଭୟେ ମାଓବାଦୀ ବୋଲି ଜଣାପଡିଥିଲା । ସୁରକ୍ଷାକର୍ମୀଙ୍କୁ ଦେଖି ଉଭୟେ ଖସି ପଳାଇବାକୁ ଉଦ୍ୟମ କରୁଥିଲେ ବୋଲି ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ସେମାନଙ୍କ ନିକଟରୁ କିଛି ମାଓବାଦୀ ସାମଗ୍ରୀ ଜବତ କରାଯାଇଥିବା ସୁକୁମା ଏସପି ସୁନ୍ଦରରାଜ ପି. କହିଛନ୍ତି।

# ଅଧ୍ୟାପନା ହସ୍ପିଟାଲ ନିର୍ମାଣ କାର୍ଯ୍ୟ ତଦାରଖ କଲେ ମୁଖ୍ୟଯନ୍ତ୍ରୀ

କୋରାପୁଟ,୨୩।୭(ସ୍ୱ.ପ୍ର.)

କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ନିର୍ମାଣାଧୀନ ୬୫୦ ଶଯ୍ୟା ବିଶିଷ୍ଟ ଅଧ୍ୟାପନା ହସ୍ପିଟାଲକୁ ଶୁକ୍ରବାର ରାଜ୍ୟ କୋଠାବାଡି ମୁଖ୍ୟଯନ୍ତ୍ରୀ ଗୌରାଙ୍ଗ ସାହୁ ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ସେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ବିଭାଗୀୟ ସିଇଇ ଅରୁଣ କୁମାର ସାହୁ, ରାସ୍ତା ଓ କୋଠାବାଡ଼ି ବିଭାଗ କୋରାପୁଟ ବିଭାଜନର ନିର୍ବାହୀଯନ୍ତ୍ରୀ ସତ୍ୟନାରାୟଣ ଖୁରା, ସହକାରୀ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ସାମଲ, ସହକାରୀ ଯନ୍ତ୍ରୀ ଶରତ ପାତ୍ର, ନିର୍ମାଣ ସଂସ୍ଥା ସାପୁରୁଜୀ ପାଲୋନଜିର ପ୍ରକଳ୍ପ ନିର୍ଦ୍ଦେଶକ ଅନିଲ ସାଲଭୋଟ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ ହେବା ନେଇ ଆଲୋଚନା କରିଥିଲେ । ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବର ୯ରେ ଏଠାରେ ଅଧ୍ୟାପନା ହସ୍ପିଟାଲ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅର୍ଥ ମଞ୍ଜୁର କରିଥିଲେ । ପରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୨୩ ଅଗଷ୍ଟ ସୁଦ୍ଧା ଏହାକୁ ଶେଷ କରିବା ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ହସ୍ପିଟାଲ ପାଇଁ ମାଟି ଖନନ କାର୍ଯ୍ୟ ଚାଲିଥିବା କୋରାପୁଟ ବିଭାଜନର ସହକାରୀ ଯନ୍ତ୍ରୀ ପାତ୍ର କହିଛନ୍ତି।



ଅଧ୍ୟାପନା ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ମୁଖ୍ୟଯନ୍ତ୍ରୀ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲକ୍ଷାଧିକ ଟଙ୍କା ଆତ୍ମସାତ

## ଅବସରପ୍ରାପ୍ତ ପିଇଓଙ୍କ ବିରୋଧରେ ଅଭିଯୋଗ କଲେ ସରପଞ୍ଚ

ରାୟଗଡ଼ା ଅଫିସ,୨୩।୭

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୌଣସି ଶ୍ରମିକ ଯେପରି ପ୍ରାପ୍ୟରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତରେ ଏଥିରେ ବ୍ୟତିକ୍ରମ ନେଇ ଅଭିଯୋଗ ହୋଇଛି। ବିଜାପୁର ପଞ୍ଚାୟତ ଦାୟିତ୍ୱରେ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସୁଶୀଲ୍ ନିମାଲପୁରୀ ଜୁନ ୩୦ରେ ଅବସର ନେଇଥିଲେ। ତେବେ ଅବସର ପୂର୍ବରୁ ଜୁନ୍ ୨ରେ ପିଇଓ ଚଞ୍ଚକତା କରି ବିଜାପୁର ପଞ୍ଚାୟତର ସରଲୁ ଗ୍ରାମରୁ ସାନ ଓ ବଡ଼ ପଙ୍କାଳ ଗ୍ରାମ ପର୍ଯ୍ୟନ୍ତ ୫ କିମି ଦୂରତାର ଏକ ରାସ୍ତା



ନିର୍ମାଣ କାର୍ଯ୍ୟର ବିଲ୍ ବାବଦକୁ ୧୯ ଲକ୍ଷ ୮୮ ହଜାର ୩୦୭ ଟଙ୍କା ନିଜ ସ୍ତ୍ରୀ ଶକୁନ୍ତଳା ନିମାଲପୁରୀଙ୍କୁ ଭେଣ୍ଡର ଦର୍ଶାଇ ଅର୍ଥରାଶି ଆତ୍ମସାତ କରିଥିବା ବିଜାପୁର ସରପଞ୍ଚ ଗାହି ହନ୍ଦନକା ଅଭିଯୋଗ କରିଛନ୍ତି। ଜୁଲାଇ ୨୦ ରେ ଏ ନେଇ ସେ ଚନ୍ଦ୍ରପୁର ବିଡିଓଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ହେଲେ ୩ଦିନ ପରେ ମଧ ବିଡିଓ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ସେ ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଡିଆରଡିଏ ପିଡିଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ସମସ୍ତ ପ୍ରାପ୍ୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଶତାଧିକ ଶ୍ରମିକ ଶ୍ରମଦାନ କରିଥିଲେ। ହେଲେ ପିଇଓଙ୍କ ଚଞ୍ଚକତା କାରଣରୁ ଶ୍ରମିକ ଏବଂ ଅନ୍ୟମାନେ ଟଙ୍କା ପାଇନାହାନ୍ତି। ସେହିପରି ସୋମନାଥ ନନ୍ଦ ନାମକ ଜଣେ ବ୍ୟକ୍ତି ଭେଣ୍ଡର ଭାବେ ରାସ୍ତା କାର୍ଯ୍ୟ ପାଇଁ ସାମଗ୍ରୀ ଯୋଗାଇଥିବା ବେଳେ ଉକ୍ତ ୧୯ଲକ୍ଷ ୮୮ହଜାର ୩୦୭ଟଙ୍କାର ବିଲ୍‌କୁ ପିଇଓ ଚଞ୍ଚକତା କରି ତାଙ୍କ ସ୍ତ୍ରୀଙ୍କୁ ଭେଣ୍ଡର ଦର୍ଶାଇ ଟଙ୍କା ଆତ୍ମସାତ କରିଥିବା ଏବଂ ଟଙ୍କା ପାଇବାକୁ ଥିବା ଶ୍ରମିକ ଏବଂ ଗ୍ରାମବାସୀଙ୍କୁ ନାଲିଆଖି ଦେଖାଉଥିବା ସରପଞ୍ଚଙ୍କ ସମେତ ସୀମନ ମାଝି, ପିଟାରା ମାଝି, ସୋମନାଥ ନନ୍ଦ, ଅଭି କ୍ରେପୁଟିଆ, ଥୋମାସ କ୍ରେପୁଟିଆ ଅଭିଯୋଗ କରିଛନ୍ତି। ଟଙ୍କା ପ୍ରଦାନରେ ବିଳମ୍ବ ହେଲେ ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ସରପଞ୍ଚ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

# କୁଣ୍ଡା ବୋଝେଇ ଟ୍ରକ୍‌ରୁ ଗଞ୍ଜେଇ ଜବତ

ପଟ୍ଟାଙ୍ଗୀ, ୨୩।୭(ଡି.ଏନ.ଏ.)



କୁଣ୍ଡା ଭିତରୁ ଜବତ ଗଞ୍ଜେଇ।

କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ପୁକାଲି ପଞ୍ଚାୟତରୁ ରେଙ୍ଗା ଅଭିମୁଖେ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କରୁ ପୋଲିସ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଠାବ କରିଛି। ଏକ ୧୪ ଚକିଆ ଟ୍ରକ (ଏମଏଚ୧୭ ବିୱାଇ-୨୮୨୮)ରେ କୁଣ୍ଡା ଭିତରେ ଗଞ୍ଜେଇ ଚାଲାଣ କରାଯାଉଥିବା ସୂରାକ ପାଇ ପୋଲିସ ଚଢାଉ କରି ଏହାକୁ ଜବତ କରିଛି। ଏହି ଟ୍ରକକୁ ଏକ ଏକ ବୋଲେରୋ (ଏପି ୩୯ଟିଏମ୍ ୫୯୫୯) ସୁରକ୍ଷା ଦେଇ ଯାଉଥିବା ପୋଲିସ ଶୁକ୍ରବାର ଭୋରରୁ ଖବର ପାଇ ଚଢାଉ କରିଥିଲା। ପରେ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନେତୃତ୍ୱରେ ଏକ ତିନି ଜଣିଆ ଟିମ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ଏହାପୂର୍ବରୁ ଟ୍ରକରେ ଥିବା ୨ଜଣ ଏବଂ ବୋଲେରୋରୁ ଜଣେ ଫେରାର ହୋଇଯାଇଥିଲେ। ପୋଲିସ ଛିଡ଼ା ହୋଇଥିବା ଟ୍ରକକୁ ଯାଞ୍ଚ କରିବାରୁ ସେଥିରୁ କୁଣ୍ଡା ଭିତରୁ ୪୫ ବସ୍ତା ଗଞ୍ଜେଇ ମିଳିଥିଲା। ଏହାର ଓଜନ ୧୩୪୮ କେଜି। ତେବେ ଏହି ଗଞ୍ଜେଇ କେଉଁଆଡେ ଚାଲାଣ ହେଉଥିଲା, ଏଥିରେ ଅନ୍ୟକାହାର ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସେଠ୍ କହିଛନ୍ତି। କେସ୍ ନଂ. ୫୮/୨୧ରେ ଏକ ମାମଲା ରୁଜୁ ହୋଇଛି।

# ସରପଞ୍ଚଙ୍କ ବିରୋଧରେ ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

ଦଶମନ୍ତପୁର,୨୩।୭ ( ଡ଼ି.ଏନ.ଏ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଫୁଲବେଡ଼ା ପଞ୍ଚାୟତବାସୀ ସରପଞ୍ଚଙ୍କ ମନୋମୁଖୀ କାର୍ଯ୍ୟର ପ୍ରତିବାଦରେ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକର ଉନ୍ନତି ପାଇଁ ଆସୁଥିବା ଅର୍ଥକୁ ସରପଞ୍ଚ ହିରାମଣି ଗାଦବା ସରକାରୀ ନିୟମକୁ ଉଲ୍ଲଂଘନ କରି ମନଇଛା କାର୍ଯ୍ୟ କରୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ରାଜନୈତିକ ଚାପ ପକାଇ ସେ ଦୁର୍ନୀତି କରି ଚାଲିଛନ୍ତି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ବିଡିଓଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପଞ୍ଚାୟତବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ଆରଟିଆଇରେ ତଥ୍ୟ ମାଗିଲେ ନ ମିଳିବା, ହିତାଧିକାରୀଙ୍କ ପିଡିଏସ ଚାଉଳ ଆତ୍ମସାତ କରିବା, ଉନ୍ନୟନମୂଳକ କାର୍ଯ୍ୟ କରିବା ଲାଗି ପିସି ମାଗିବା, ବିଭିନ୍ନ ସରକାରୀ ଅନୁଦାନରେ ହୋଇଥିବା କାର୍ଯ୍ୟ ଶେଷ ନ କରିବା, ପାନୀୟ ଜଳ ଯୋଗାଣ ଲାଗି ଆସିଥିବା ଅନୁଦାନ ଲୁଚାଇବା, ଅଧା କାମ କରି ବିଲ୍ କରିନେବା, ପିଇଓଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଜିଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।




ବିଡିଓଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ।

# ଯାତ୍ରୀ ବିଶ୍ରାମାଗାରକୁ ବ୍ୟବହାର ଉପଯୋଗୀ କଲେ ସାମାଜିକ କର୍ମୀ

କୁଡୁମୁଲୁଗୁମ୍ମା,୨୩।୭(ଡି.ଏନ୍.ଏ.)

କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଅବହେଳିତ ଅବସ୍ଥାରେ ରହିଥିବା ଯାତ୍ରୀ ପ୍ରତୀକ୍ଷାଳୟକୁ ଶୁକ୍ରବାର କେତେଜଣ ସାମାଜିକ କର୍ମୀଙ୍କ ଉଦ୍ୟମରେ ସଫା କରାଯାଇଛି। ଲୋକମାନେ ନିଜ ଅଳିଆ ଆବର୍ଜନା ଏଠାରେ ଥିବା ଡଷ୍ଟବିନରେ ନ ପକାଇ ଯାତ୍ରୀ ବିଶ୍ରାମାଗାର ନିକଟରେ ପକାଉଥିବାରୁ ବିଶ୍ରାମାଗାର ପରିସର ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିଲା। ଫଳରେ ବିଶ୍ରାମାଗାରଟି ଲୋକଙ୍କ କାମରେ ଲାଗୁ ନ ଥିଲା। ଏହା କେତେକ ସାମାଜିକ କର୍ମୀଙ୍କ ନଜରକୁ ଆସିବା ପରେ ସେମାନେ ଏହାକୁ ବ୍ୟବହାର ଉପଯୋଗୀ କରିଛନ୍ତି। ସାମାଜିକ କର୍ମୀ ଭଗବାନ ସାହୁ, ଯୁଗଳ କିଶୋର ସ୍ୱାଇଁ, ଅଶୋକ କୁମାର ଆଦ୍ୟଙ୍କ ସମେତ ଅନ୍ୟମାନେ ବିଶ୍ରାମାଗାରରେ ବ୍ଲିଚିଂ ପାଉଡର ପକାଇ ସଫା କରିଛନ୍ତି। ପାଖରେ ପଡ଼ିଥିବା ପ୍ଲାଷ୍ଟିକ ଆବର୍ଜନା ଡଷ୍ଟବିନରେ ପକାଇ ଡଷ୍ଟବିନକୁ ବ୍ୟବହାର କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

# ଅନ୍‌ଲାଇନ ଥିଏଟର ଫେଷ୍ଟିଭାଲରେ କୋରାପୁଟର ନନ୍ଦନିକ

କୋରାପୁଟ,୨୩।୭(ସ୍ୱ.ପ୍ର.)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଇଷ୍ଟର୍ନ ଜୋନାଲ ସାଂସ୍କୃତିକ କେନ୍ଦ୍ର (ଇଜେଡ୍‌ସିସି) ଦ୍ୱାରା ଫେସ୍‌ବୁକ୍ ପେଜ ଓ ଇଜେଡ୍‌ସିସିର ୟୁଟ୍ୟୁବ୍ ଚ୍ୟାନେଲ ଦ୍ୱାରା ଆୟୋଜିତ ୪ଦିନିଆ ଅନ୍‌ଲାଇନ ଥିଏଟର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ନନ୍ଦନିକଙ୍କ ନାଟକ 'ଆସନ୍ତୁ ବଞ୍ଚିବା' ପ୍ରଦର୍ଶିତ ହୋଇଛି। ଜୁଲାଇ ୨୨ରୁ ଆରମ୍ଭ ହୋଇଥିବା ଏହି ନାଟକ ଉତ୍ସବର ପ୍ରଥମ ଦିବସରେ କୋରାପୁଟ ନନ୍ଦନିକଙ୍କ ସଚେତନତାଧର୍ମୀ ନାଟକ 'ଆସନ୍ତୁ ବଞ୍ଚିବା' ପ୍ରଦର୍ଶିତ ହୋଇଥିଲା। ଏହି ଉତ୍ସବ ଆସନ୍ତା ୨୫ତାରିଖ ଯାଏ ଚାଲିବ। ଏଥିରେ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, ସମ୍ବଲପୁର, ରାଉରକେଲା, କଳାହାଣ୍ଡି, ପାରାଦୀପ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ ଓ କୋରାପୁଟ ଅଞ୍ଚଳରୁ ବିଭିନ୍ନ ଦଳ ଅଂଶଗ୍ରହଣ କରିଛନ୍ତି। ନନ୍ଦନିକ ପକ୍ଷରୁ ଆୟୋଜିତ ନାଟକ 'ଆସନ୍ତୁ ବଞ୍ଚିବା' କୋଭିଡ୍-୧୯ ସଚେତନତା ଉପରେ ଆଧାରିତ। ଏହାକୁ ଡ. ସୌରଭ ଗୁପ୍ତା ରଚନା କରିଛନ୍ତି। ସୌମେନ୍ଦ୍ର ସ୍ୱାଇଁ ପୋଷାକ ସାଜସଜ୍ଜା କରିଥିବା ବେଳେ ମନଦୀପା ଗୁପ୍ତା ଏହାର ଡିଜାଇନ ପ୍ରସ୍ତୁତ କରିଛନ୍ତି। ନାଟକରେ କୋରାପୁଟର ବିଭିନ୍ନ ଅନୁଷ୍ଠାନର ୧୨ ଜଣ କଳାକାର ଅଂଶ ଗ୍ରହଣ କରିଥିଲେ।



'ଆସନ୍ତୁ ବଞ୍ଚିବା'ରେ ଅଂଶଗ୍ରହଣ କରିଥିବା କଳାକାରମାନେ।

# ଚିତ୍ରକଳା ଦେଇଛି ନୂଆ ପରିଚୟ

ଏମ୍‌ଭି ୭୯,୨୩।୭(ଡି.ଏନ.ଏ.)

ପିଲାବେଳୁ ସେ ଦିବ୍ୟାଙ୍ଗ। ଦିବ୍ୟାଙ୍ଗ ହେଲେ ମଧ ଏକ ବିଶେଷ ପ୍ରତିଭାର ଅଧିକାରୀ ସେ। ଚିତ୍ରକଳା ପ୍ରତି ତାଙ୍କର ରହିଥିବା ରୁଚି ଯେକେହି ଦେଖିଲେ ପ୍ରଶଂସା ନ କରି ରହିପାରନ୍ତିନି। ଗୁରୁଣ୍ଡି ଗୁରୁଣ୍ଡି ଚାଲୁଥିବା ଏହି ଝିଅଟି ଆଙ୍କିଥାଏ ଖୁବ୍ ମନୋମୁଗ୍ଧକର ଚିତ୍ର। ତାଙ୍କ ଚିତ୍ରର କାନ୍‌ଭାସ୍ ଦେଖିଲେ ଯେକେହି ଘଡିଏ ଚାହିଁରହେ। ସେ ହେଉଛନ୍ତି ମାଲକାନିଗିରି ଜିଲା କାଲିମେଳା ବ୍ଲକ ମାଲାବ୍ରହମ୍ ପଞ୍ଚାୟତ ଏମ୍‌ଭି-୮୨ ଗ୍ରାମର ଦ୍ୱିଜେନ୍ଦ୍ର ହାଲ୍‌ଦାରଙ୍କ ଝିଅ ସନ୍ଧିକା (୧୩)। ସିନ୍ଧିକାଙ୍କ ଚିତ୍ରକଳା ପ୍ରତି ଆଗ୍ରହ ଓ ନିଷ୍ଠା ତାଙ୍କ ପରିଚୟ ବଦଳାଇ ଦେଇଛି। ଦିବ୍ୟାଙ୍ଗ ଝିଅଟିଏର ପରିଚୟ ପାଇ ଆସିଥିବା ସିନ୍ଧିକାଙ୍କ ଶାରୀରିକ ଉଚ୍ଚତା ବଢୁନାହିଁ। ତାଙ୍କ ଉଚ୍ଚତା ମାତ୍ର ୨ ଫୁଟ ଥିବା ବେଳେ ଗୁରୁଣ୍ଡି ଗୁରୁଣ୍ଡି ଚଲାବୁଲା କରନ୍ତି ସେ। ପ୍ରତ୍ୟେକ ସମୟରେ ତାଙ୍କ ମା'ନମିତା ହିଁ ଜଗି ରହିଆନ୍ତି ଝିଅକୁ।



ମା'ଙ୍କ ପାଖରେ ବସି ଚିତ୍ର ଆଙ୍କୁଛନ୍ତି ସିନ୍ଧିକା।

# କ୍ୟାନ୍‌ସର ଚିକିତ୍ସାରେ ଅର୍ଥ ବାଧକ

- ସହାୟତାର ହାତ ବଢାଇଲେ ପୂର୍ବତନ ତହସିଲଦାର
- ସରକାରୀ ସହାୟତା ଅପେକ୍ଷାରେ ପରିବାର

କାଲିମେଳା,୨୩।୭(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ସଦର ଶ୍ରୀଲଙ୍କା ସାହିର ତିଲୋ ପାଇକଙ୍କ ପୁଅ କୁନି ପାଇକ (୪୬)ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁନାହାନ୍ତି। ତାଙ୍କ ମୁହଁର ଦାନ୍ତ ମାଡି କ୍ୟାନସରରେ ଆକ୍ରାନ୍ତ ହୋଇଛି। ୨ମାସ ତଳେ ଦାନ୍ତବିନ୍ଧା ହେବାରୁ କୁନି ଦାନ୍ତକୁ ଉପାଡି ଦେଇଥିଲେ। ଏହା ପରେ ତାଙ୍କ ଦାନ୍ତ ମାଡିରେ କ୍ଷତ ହୋଇ ଘା' ହୋଇଯାଇ ଶୁଖି ନ ଥିଲା। ସେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରୁ କିଛି ସୁଫଳ ନ ମିଳିବାରୁ ଡାକ୍ତର ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ପରାମର୍ଶ ଦେଇଥିଲେ। ଦାନ୍ତ ମାଡି ପରୀକ୍ଷା କରିବାରୁ ସେ କ୍ୟାନସରରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ଅର୍ଥାଭାବରୁ ଚିକିତ୍ସା କରିନ ପାରି ଏବେ ଚିନ୍ତାରେ ରହିଛନ୍ତି ପରିବାର। ଏ ସ୍ଥାନୀୟ ସ୍ଥାନୀୟ ଅଞ୍ଚଳର ସୁନୀଲ ସେଠୀଙ୍କ ସହାୟତାର ହାତ ବଢାଇଥିଲେ କୁନିଙ୍କୁ। ସେ ଏ ବିଷୟରେ ପୂର୍ବତନ ତହସିଲଦାର ଆଲୋକ କୁମାର ଅନୁଗୁଳିଆଙ୍କୁ ଜଣାଇବାରୁ ସେ କୁନିଙ୍କୁ ଆନ୍ଧ୍ରର କ୍ୟାନସର ହସ୍‌ପିଟାଲକୁ ପଠାଇଛନ୍ତି। କୁନି ଜଣେ ସାଧାରଣ ଦିନ ମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ସେ କ୍ୟାନସର ଆକ୍ରାନ୍ତ ହେବା ପରେ ପରିବାର ଚଳିବା ଏବେ କଷ୍ଟକର ହୋଇ ପଡିଲାଣି । ସାରକାରୀ ସହାୟତା କହିଲେ କେବଳ ଅନ୍ତ୍ୟୋଦୟ ଯୋଜନାରେ ତାଙ୍କ ପରିବାରକୁ ମିଳୁଛି ୩୫କେଜି ଚାଉଳ। କୁନିଙ୍କ ପରିବାରକୁ ଜିଲା ରେଡକ୍ରସରୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।



କୁନି ପାଇକ

# ବିକଳ୍ପ ଶିକ୍ଷାଦାନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଶିକ୍ଷା ଗ୍ରହଣ

- ସାହିବସ୍ତିର ଖୋଲା ଜାଗାରେ ହେଉଛି ଶିକ୍ଷାଦାନ
- ଛାତ୍ରୀଛାତ୍ରଙ୍କ ମନରେ ଆଗ୍ରହ ବଢ଼ାଉଛି କାର୍ଯ୍ୟକ୍ରମ
- ଅକ୍ଟୋବର ୧୦ ଯାଏ ଚାଲିବ

ଜୟପୁର,୨୩।୭ ( ନି.ପ୍ର.)

କୋରାପୁଟ ଜିଲାରେ ବିକଳ୍ପ ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜୟପୁର ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ସରକାରଙ୍କ ପ୍ରାୟୋଜିତ ଜାତୀୟ ବିକଳ୍ପ ଶିକ୍ଷଣ ବ୍ୟବସ୍ଥାରେ ସାମିଲ ହୋଇ ନିଜ ପଡ଼ୋଶୀ ଗ୍ରାମ ଅବା ସାହିରେ ଅଭିଭାବକମାନଙ୍କ ଅନୁମତି ନେଇ ଅନ୍‌ଲାଇନ ଶିକ୍ଷାଦାନରୁ ବଞ୍ଚିତ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଗ୍ରାମ କିମ୍ବା ସହରର କୌଣସି ଏକ ଖୋଲା ସ୍ଥାନରେ ସରକାରଙ୍କ କୋଭିଡ୍ ନିୟମ ମାନି ପିଲାଙ୍କୁ ଖେଳକୁଦ, ହସଗୀତ, ଯୋଗ ବ୍ୟାୟାମ ଓ ଗପ ମାଧମରେ ପାଠ ପଢାଉଥିବା ଦେଖିବାକୁ ମିଳୁଛି। ଜଙ୍ଗଲ ପାହାଡ଼ ପରିବେଷ୍ଟିତ କୋରାପୁଟ ଜିଲାର ଗ୍ରାମ କିମ୍ବା ବସ୍ତି ଅଞ୍ଚଳରେ ରହୁଥିବା ଗରିବ ପିଲାମାନେ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ ରହୁଛନ୍ତି। ଏପରି ସ୍ଥଳେ ସରକାରଙ୍କ ଏପରି ବିକଳ୍ପ ଶିକ୍ଷାଦାନ କାର୍ଯ୍ୟକ୍ରମ ପିଲାଙ୍କ ମନରେ ପାଠ ପ୍ରତି ଆଗ୍ରହ ବଢ଼ାଇଛି। ଏସ୍‌ସିଇଆର୍‌ଟି ଓ ୟୁନିସେଫ୍ ଆନୁକୂଲ୍ୟରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନେ ନିଜ ଗ୍ରାମ ଅବା ସହରରେ ୧୦ଜଣ ପିଲାଙ୍କୁ ନିଜ ଘର ଖୋଲା ବାରଣ୍ଡା କିମ୍ବା ନିଜ ସାହି ବସ୍ତିର କୌଣସି ଏକ ଖୋଲା ଜାଗାରେ ଶିକ୍ଷାଦାନ କରୁଛନ୍ତି। ଶିକ୍ଷାଦାନ ସମୟ ୨ଘଣ୍ଟା ରହିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନେ ଭାଷା, ଗଣିତ ଶିକ୍ଷାରେ ଯେପରି ସର୍ବନିମ୍ନ ଦକ୍ଷତା ହାସଲ କରିବେ ଏହି ଛାତ୍ରୀଛାତ୍ରମାନେ ସେଥିପ୍ରତି ଦୃଷ୍ଟି ଦେବେ। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଏସ୍‌ସିଇଆର୍‌ଟି ଓ ୟୁନିସେଫ୍ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା ହୋଇଛି। ଜିଲା ଶିକ୍ଷା ପ୍ରଶିକ୍ଷଣ ଓ ପ୍ରତିଷ୍ଠାନ ଅଧକ୍ଷ ଅରବିନ୍ଦ ମଡେଇଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଏହି ଶୈକ୍ଷିକ କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶିକ୍ଷକ ରୂପଚାନ୍ଦ ସୋରେନ୍, ପ୍ରଶିକ୍ଷିକା ମମତା ଝୋଡିଆ, ପ୍ରଶିକ୍ଷକ ଲଳିନ୍ଦ୍ର ମୋହନ ମାରାଣ୍ଡିଙ୍କ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି। ଜୁଲାଇ ୧୫ରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାଦାନ କାର୍ଯ୍ୟକ୍ରମ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଚାଲିବ। କୋରାପୁଟ ଜିଲାର ପଟ୍ଟାଙ୍ଗୀ, ଲମତାପୁଟ, ଲକ୍ଷ୍ମୀପୁର, ଜୟପୁର, ନାରାୟଣପାଟଣା, ବନ୍ଧୁଗାଁ, ସୁଙ୍କି, ନନ୍ଦପୁର, କୋଟପାଡ଼, ପଡୁଆ, ବୋରିଗୁମ୍ମା ଓ ସେମିଳିଗୁଡାରେ ଆରମ୍ଭ ହୋଇଛି।



ଖୋଲା ଛାତ ଉପରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି।

## ଚାରା ରୋପଣ କାର୍ଯ୍ୟକ୍ରମ

ଡାବୁଗାଁ,(ଡି.ଏନ୍.ଏ.)- ଅଖିଳ ଭାରତ ଯାଦବ ମହାସଭା ଯୁବ ସଭାପତି ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ବ୍ଲକ ଓ ପୌର ପରିଷଦରେ ମିଶନ ପ୍ଲାଣ୍ଟେଶନ ଅର୍ଥାତ୍ ଚାରା ରୋପଣ କାର୍ଯ୍ୟକ୍ରମ କରାଯିବ। ଏହି ପରିପ୍ରେକ୍ଷୀରେ ଡାବୁଗାଁ ବ୍ଲକ ସଭାପତି କୃପାସିନ୍ଧୁ ଗୌଡ଼ଙ୍କ ନେତୃତ୍ୱରେ ଡାବୁଗାଁ ଯାଦବ ଗୋଷ୍ଠୀ କେନ୍ଦ୍ରରେ ଶୁକ୍ରବାର ଚାରାରୋପଣ କରାଯାଇଛି। ଉକ୍ତଳ ଯାଦବ ମହାସଭା ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ନାୟକ ମୁଖ୍ୟ ଅତିଥି, ଚନ୍ଦାହାଣ୍ଡି ବ୍ଲକ ଯାଦବ ସମାଜ ସଭାପତି ବଦେବ୍ ବାଘ, ଝରିଗାଁ ବ୍ଲକ ସଭାପତି ନବଘନ ଗୌଡ଼, ଉମରକୋଟ ବ୍ଲକ ସଭାପତି ଶତ୍ରୁଘ୍ନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ୫୦ ଜଣ ଉପସ୍ଥିତ ଥିଲେ। କରୋନା କଟକଣାରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଛି।

## ସଂକ୍ଷେପରେ

### ଓଲଟିଲା କାଠ ବୋଝେଇ ଟ୍ରକ୍



ଟିକିରି,୨୩।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୁଡ୍ରକାବାହାଲ ନିକଟ ବୁଲାଣିରେ ଶୁକ୍ରବାର ଏକ କାଠ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା କୋଟପାଡ଼ ବ୍ଲକ କାମତା ଗ୍ରାମର ରମେଶ ଚକ୍ର। ଘଟଣାରୁ ପ୍ରକାଶ, ନୀଳଗିରି କାଠ ବୋଝେଇ ଏକ ଟ୍ରକ୍(ଓଆର୍ ୧୮ ଏ ୩୪୩୭) ଚମ୍ପାଯୋଡ଼ିରୁ ଜେକେପୁର ଅଭିମୁଖେ ଯାଉଥିଲା। ଏହି ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ରମେଶ କିଛିଦିନ ହେଲା ରାୟଗଡ଼ାରେ ରହି ଗାଡ଼ି ଚାଳକଭାବେ କାମ କରୁଥିଲେ।

### ବୋଲେରୋ ଧକ୍କାରେ ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ



ରାୟଗଡ଼ା ଅଫିସ,୨୩।୭- ରାୟଗଡ଼ା ସହରସ୍ଥିତ ତୁମ୍ବିଗୁଡ଼ା ଠାରେ ଶୁକ୍ରବାର ଏକ ବୋଲେରୋ ରାସ୍ତାପାର୍ଶ୍ୱରେ ଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ବୋଲେରୋ କ୍ଷତିଗ୍ରସ୍ତ ହେବା ସହ ବିଦ୍ୟୁତ୍ ଖୁଣ୍ଟଟି ଓଲଟି ରାସ୍ତା ଉପରେ ପଡ଼ିଥିଲା। ଫଳରେ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ଖୁଣ୍ଟକୁ ଉଠାଇ ସଜାଡ଼ିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ସୌଭାଗ୍ୟ ବସତଃ ଏଥିରେ କେହି ମୃତାହତ ହୋଇନାହାନ୍ତି।

### ଗୋଳା ବାରୁଦ କାରଖାନା ଘରୋଇକରଣକୁ ବିରୋଧ

#### ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ

ରାୟଗଡ଼ା ଅଫିସ,୨୩।୭-ପ୍ରତିରକ୍ଷା ବିଭାଗର ଗୋଳା ବାରୁଦ କାରଖାନା ଘରୋଇକରଣ ନିଷ୍ପତ୍ତିକୁ ଶୁକ୍ରବାର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଦେଶବ୍ୟାପୀ ପ୍ରତିବାଦ କରାଯାଇଛି। ଏହିକ୍ରମରେ ରାୟଗଡ଼ା ଡାକ ବଙ୍ଗଳାଠାରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଆଇଏଫ୍‌ଟିୟୁସି, ଏ ଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏସଇଡବ୍ଲୁଏ ସଙ୍ଗଠନ ଏଥିରେ ସାମିଲ ଥିବା ଜଣାପଡ଼ିଛି। ଗୋଳା ବାରୁଦ କାରଖାନାର ଘରୋଇକରଣ କରାଗଲେ ଶ୍ରମିକ ଛଟେଇ କରାଯିବ। ତେଣୁ ଘରୋଇ କରଣକୁ ବନ୍ଦ କରାଯାଉ ବୋଲି ଦାବି କରାଯାଇଛି। ଏଥିସହ ଏଭଳି ନିଷ୍ପତ୍ତିକୁ ସମାଲୋଚନା କରାଯାଇଛି। ଏ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବକ୍ଷୋଭରେ ସିପିଆଇଏମ୍‌ଏଲ୍, ଏଚ୍‌ଆଇସିସିଟିୟୁର ତ୍ରିପତି ଗମାଙ୍ଗ, ସିପିଆଇଏମ୍‌ଏଲ୍, ଏଆଇସିସିଟିୟୁର ମାର୍ଟି ମଲିକା, ଆଇଏନ୍‌ଟିୟୁସିର ଭବାନୀ ଶଙ୍କର ଜେନା, ସିଆଇଟିୟୁର ଦୋରା କଣ୍ଡାଗାରୀ ଏବଂ ଶ୍ରମିକମାନେ ସାମିଲ ହୋଇଥିଲେ।

# କାମ ଅଧା, କିନ୍ତୁ ବିଲ୍ ମିଳିଛି ପୂରା

- ଚନ୍ଦାହାଣ୍ଡିରେ ହୋଇଥିବା ଇଲେକ୍ଟ୍ରି କାମରେ ମହାଦୁର୍ନୀତି
- ଭିଜିଲାନ୍ସ ତଦନ୍ତ ଦାବି

ଚନ୍ଦାହାଣ୍ଡି, ୨୩।୭(ଡି.ଏନ୍.ଏ.)

ତୃଣମୂଳ ସ୍ତରରୁ ଯେପରି କେହି ବିଦ୍ୟୁତ୍ ସେବାରୁ ବଞ୍ଚିତ ହେବେ ନାହିଁ ସରକାର ସେଥିପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ କେତେଜଣ ଅସାଧୁ ଠିକାଦାର ଓ ସରକାରୀ କର୍ମଚାରୀଙ୍କ ପାଇଁ ଲୋକେ ଏହାର ଲାଭ ପାଇବାରୁ ବଞ୍ଚିତ ହେଉଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ୧୪ ପଞ୍ଚାୟତରେ ହୋଇଥିବା ଇଲେକ୍ଟ୍ରି କାମରେ ଦୁର୍ନୀତି ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରାଯାଇଛି।

ଚାରିବର୍ଷ ତଳେ ଜିଲାର ଦଶ ବ୍ଲକର ପ୍ରତି ପଞ୍ଚାୟତ ଏବଂ ଅଙ୍ଗନୱାଡି କେନ୍ଦ୍ରରେ ଇଲେକ୍ଟ୍ରି କାମ କରିବାକୁ ନବରଙ୍ଗପୁର ଜିଲାପାଳ ଚତୁର୍ଦ୍ଦଶ ଅର୍ଥ କମିଶନ ଯୋଜନାରେ କାମ କରିବାକୁ ଟେଣ୍ଡର ଆହ୍ୱାନ କରିଥିଲେ। ଉକ୍ତ ଟେଣ୍ଡର ମୁତାବକ ଚନ୍ଦାହାଣ୍ଡି ବ୍ଲକ ପାଇଁ ବାହାର ଜିଲାର ଜଣେ ଠିକାଦାରଙ୍କୁ କାମ ମିଳିଥିବା ଜଣାଯାଏ। ଟେଣ୍ଡର ଅନୁଯାୟୀ ବ୍ଲକର ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଇଲେକ୍ଟ୍ରିକାମ ହେବା କଥା, କିନ୍ତୁ ସେଠାରେ ନିମ୍ନମାନର କିଟ୍, ଗୋଟିଏ ଫ୍ୟାନ୍ ଓ ଗୋଟିଏ ବଲ୍‌ବ ଲଗାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ୧୫୦୦ରୁ ୨ହଜାର ଭିତରେ ହେବ। କିନ୍ତୁ ଏଥିପାଇଁ ୧୦ହଜାରରୁ ୧୫ହଜାର ଟଙ୍କାର ବିଲ୍ ପେମେଣ୍ଟ ହୋଇଛି। ତେବେ କାହା ଚାପରେ, କେଉଁ ସ୍ୱାର୍ଥରେ ତଥା କିଭଳି କାର୍ଯ୍ୟର ଆକଳନ କରି ସିଡିପିଓ ଏହି ପେମେଣ୍ଟ କରିଛନ୍ତି ତାହା ତଦନ୍ତ ପରିସରଭୁକ୍ତ। ଏପଟେ କେନ୍ଦ୍ରକୁ ଆସୁଥିବା ଶିଶୁ, ଗର୍ଭବତୀ, ପ୍ରସୂତି, ସହାୟିକା ତଥା ଗ୍ରାମବାସୀ ଇଲେକ୍ଟ୍ରି ସେବା ଠିକ୍ ଭାବେ ପାଉନାହାନ୍ତି। ଏନେଇ ଚନ୍ଦାହାଣ୍ଡି ଶିଶୁ ବିକାଶ ଅଧିକାରୀ ଏସ୍. ଗୀତାଙ୍କୁ ଯୋଗାଯୋଗ କରିବାରୁ ବ୍ଲକରେ ଥିବା ୧୩୦ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୯୪ଟି କେନ୍ଦ୍ରରେ ବିଦ୍ୟୁତ୍ କାମ କରାଯାଇଥିବା ଠିକାଦାର ସୂଚନା ଦେଇଛନ୍ତି। ନିମ୍ନମାନର ସାମଗ୍ରୀ ଲଗାଯାଇଥିବା ଅଭିଯୋଗ ପାଇଲା ପରେ ସୁପରଭାଇଜରମାନଙ୍କୁ ପଠାଇ ସେଠାରେ ତଦନ୍ତ କରୁଛୁ। ଯଦି କେନ୍ଦ୍ରରେ ଲଗାଯାଇଥିବା ବିଦ୍ୟୁତ୍ ସାମଗ୍ରୀ ନିମ୍ନମାନର ବୋଲି ଜଣାପଡ଼େ ତେବେ ଆମେ ଏହାର ବିଲ୍ ନ କରିବାକୁ ବିଦ୍ୟୁତ୍ ବିଭାଗ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ । ଅନ୍ୟପଟେ ଗମ୍ଭାରୀଗୁଡ଼ା, ଶରଧାପୁର ଏବଂ ମାଳଗାଁ ପଞ୍ଚାୟତରେ ୫ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ବ୍ୟୟରେ ଷ୍ଟ୍ରିଟ୍ ଲାଇଟ କାମ ପାଇଁ ଉକ୍ତ ଠିକାଦାର ଦାୟିତ୍ୱ ନେଇଥିଲେ। ତେବେ ଶରଧାପୁର ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ତାର ବିଛାଯାଇନାହିଁ କି ବ୍ୟାଣ୍ଡ ପାଇପ ଦିଆଯାଇନାହିଁ। କିନ୍ତୁ ଠିକାଦାରଙ୍କୁ ବିଲ୍ ମିଳିସାରିଛି। କିଭଳି ଠିକାଦାର ବ୍ୟାଣ୍ଡ ପାଇପ ବିଲ୍ ପାଇସାରିଛନ୍ତି ତାହା ତଦନ୍ତ ସାପେକ୍ଷ। ସେପଟେ ମାଳଗାଁ ପଞ୍ଚାୟତରେ ଲଗାଯାଇଥିବା ଷ୍ଟ୍ରିଟ୍ ଲାଇଟ ସବୁ ନିମ୍ନମାନର। ନିର୍ଦ୍ଧାରିତ ସମୟ ପୂର୍ବରୁ ଖରାପ ହୋଇସାରିଛି। ଷ୍ଟ୍ରିଟ୍ ଲାଇଟ ୩୦ ହଜାର ଟଙ୍କା ଉପରେ ବିଲ୍ ପେମେଣ୍ଟ ହୋଇଥିବା ସମସ୍ତଙ୍କୁ ଚକିତ କରିଛି। ଚନ୍ଦାହାଣ୍ଡି ଅଞ୍ଚଳରେ ହୋଇଥିବା ଇଲେକ୍ଟ୍ରି କାମର ବାସ୍ତବ ଚିତ୍ରର ପର୍ଦ୍ଦାଫାଶ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ଚନ୍ଦାହାଣ୍ଡି ପ୍ରେସ୍ କ୍ଲବ ଦାବି କରିଛନ୍ତି ।

## ମୁକୁଳିଲେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ବନ୍ଦୀ

ନବରଙ୍ଗପୁର,୨୩।୭(ବି.ପ୍ର.)



ଜେଲ ସୁପରିଣ୍ଟେଣ୍ଡେଣ୍ଟ ଖଲାସ ପ୍ରମାଣପତ୍ର ଦେଉଛନ୍ତି।

ଏକ ହତ୍ୟା ଘଟଣାରେ ନବରଙ୍ଗପୁର ଉପକାରାଗାରରେ ଆଜୀବନ ଜେଲଦଣ୍ଡ ଭୋଗୁଥିବା ଦେବ ନାଏକ(୫୮) ଶୁକ୍ରବାର ଖଲାସ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଆଇନ ବିଭାଗର ଅନୁମୋଦନ ତଥା ୨୦୨୧ ଜୁଲାଇ ୨୦ତାରିଖ ଆଦେଶ ସଂଖ୍ୟା ୭୨୧୪ ଅନୁଯାୟୀ ନବରରଙ୍ଗପୁର ଉପକାରାଗାରରୁ ତାଙ୍କୁ ମୁକ୍ତ କରାଯାଇଛି। ଜେଲ ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷ କୁମାର ପଟ୍ଟନାୟକ ହାଜତରୁ ଖଲାସ ପ୍ରମାଣପାତ୍ର ସହ ଉପଢୌକନ, ଭଗବଦ୍ ଗୀତା ଦେବଙ୍କୁ ପ୍ରଦାନ କରିଛନ୍ତି। ଜେଲରେ ରୋଷେଇ କାର୍ଯ୍ୟରେ ନିୟୋଜିତ ହୋଇ ଦେବ ତାଙ୍କ ବନ୍ଦୀ ଜୀବନ ସମୟରେ ୬୫ ହଜାର ଟଙ୍କା ପାରିଶ୍ରମିକ ପାଇଥିଲେ, ଯାହାକି ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ରହିଛି ବୋଲି ସୂଚନା ମିଳିଛି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ବାରିଗୁଡ଼ାର ଦେବ ନାୟକଙ୍କୁ କୋର୍ଟ କେସ୍ ନମ୍ବର ୯୨/୦୬ରେ ୨୦୦୬ ମେ ୭ରେ ଅତିରିକ୍ତ ଜିଲା ଦୌରା ଜଜ୍ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। କାରାଗାର ନୀତି ନିୟମ ମାନିବା, ତାଙ୍କ ସ୍ୱଭାବ ତଥା ଅନ୍ୟ କାର୍ଯ୍ୟକଳାପ ସମ୍ପର୍କରେ ଜେଲ କର୍ତ୍ତୃପକ୍ଷ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ନିକଟକୁ ଏକ ରିପୋର୍ଟ ପଠାଇଥିଲେ। ଜିଲାପାଳ, ଏସ୍‌ପି ଓ ସମ୍ପୃକ୍ତ ଅଞ୍ଚଳ ଥାନାର ତଦନ୍ତ ରିପୋର୍ଟ ଆସିବା ପରେ ଜେଲ କର୍ତ୍ତୃପକ୍ଷ ଏକ ରିପୋର୍ଟ ସରକାରଙ୍କ ନିକଟକୁ ପଠାଇଥିଲେ। ସରକାରଙ୍କ ଦ୍ୱାରା ଗଠିତ ନିର୍ଦ୍ଧାରିତ ବୋର୍ଡରେ ରାଜ୍ୟର ୩୦ ଜଣ ବନ୍ଦୀଙ୍କୁ ସମୟ ପୂର୍ବକ ଖଲାସ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଉନ୍ନୟନ କାର୍ଯ୍ୟ ଦେଖିଲେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ

ଉମରକୋଟ, ୨୩।୭(ସ୍ୱ.ପ୍ର.)



ଉପଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଶୁକ୍ରବାର ଉମରକୋଟ ଗସ୍ତ କରିଛନ୍ତି। ପୌର ପରିଷଦ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ।

ଉପଜିଲାପାଳ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ ବୁଲିବା ସହ କୋଭିଡ୍ ଟିକା କେନ୍ଦ୍ର ପରିଦର୍ଶନ କରିଥିଲେ। ଡାକ୍ତର ସୁମନ୍ତ ରାଉଳ, ସନ୍ତୋଷ ପଣ୍ଡାଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଏହି ସମୟରେ କର୍କଟ ରୋଗରେ ଆକ୍ରାନ୍ତ ଜଣେ ମହିଳା ଆର୍ଥିକ ସହାୟତା ଯୋଗାଇଦେବାକୁ ଉପଜିଲାପାଳଙ୍କୁ ନିବେଦନ କରିଥିଲେ। ତାଙ୍କୁ ସମସ୍ତ ପ୍ରକାର ସହଯୋଗ ଦିଆଯିବ ବୋଲି ମହିଳାଙ୍କୁ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଉପଜିଲାପାଳ ପୌର ପରିଷଦ ଅଧୀନରେ ଥିବା ଜୈବିକ ସାର ଉତ୍ପାଦନ କେନ୍ଦ୍ରକୁ ଯାଇଥିଲେ। ସେଠାରେ ସାର ଉତ୍ପାଦନ ଦେଖି ଖୁସି ବ୍ୟକ୍ତ କରିଥିଲେ।

### ଉପଜିଲାପାଳଙ୍କ ଚନ୍ଦାହାଣ୍ଡି ଗସ୍ତ

ଉତ୍ପାଦିତ ସାର କିପରି ଖୋଲା ବଜାର ତଥା ଚାରା ପ୍ରସ୍ତୁତକାରୀ ବିଭାଗକୁ ଦିଆଯିବ ସେ ବିଷୟରେ ପୌରାଞ୍ଚଳ ଅଧିକାରୀ ରାମଚନ୍ଦ୍ର ମାଝି ଓ ପରିମଳ ବିଶେଷଜ୍ଞ ଏମ୍. ବୀରେନ୍ଦ୍ର କୁମାରଙ୍କ ସହ ଆଲୋଚନା କରିଥିଲେ। ଜୈବିକ ସାର ଉତ୍ପାଦନ କେନ୍ଦ୍ର ପରିସରରେ ଏକ ପାର୍କ ନିର୍ମାଣ କରିବା ପାଇଁ ଆଲୋଚନା କରାଯାଇଥିଲା। ବଜାର ନିୟନ୍ତ୍ରଣ ବିଭାଗର ନିର୍ମାଣାଧୀନ କାର୍ଯ୍ୟ, ଅଡିଟୋରିୟମ, ବିବେକାନନ୍ଦ ସ୍କୁଲ ତଥା ଡଙ୍ଗରିଗୁଡ଼ାସ୍ଥିତ ପାହାଡ଼ ଓ ସହରର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ପଚାରି ବୁଝିଥିଲେ। 'ଆଇ ଲଭ୍ ଉମରକୋଟ' ବୋର୍ଡ ପାଇଁ ସ୍ଥାନ ନିରୂପଣ ଲାଗି ପୌରାଞ୍ଚଳ ଅଧିକାରୀଙ୍କ ସହ କଥା ହୋଇଥିଲେ। ଏହି ଗସ୍ତ ସମୟରେ ଉମରକୋଟ ପୌର ପରିଷଦ ଅଧିକାରୀ, ପୌରଯନ୍ତ୍ରୀ ଅଶ୍ୱିନୀ କୁମାର ପଟ୍ଟନାୟକ, ଦୁଇ କନିଷ୍ଠ ଯନ୍ତ୍ରୀ ହିମାଂଶୁ ଭୂଷଣ ମହାନ୍ତି, ବିଶ୍ୱପ୍ରିୟ ଦାସ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଗୌର ଚନ୍ଦ୍ର ପଟ୍ଟନାୟକ କାଶୀପୁର ବିଡିଓ

ଟିକିରି,୨୩।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ର ନୂତନ ବିଡିଓଭାବେ ଗୌର ଚନ୍ଦ୍ର ପଟ୍ଟନାୟକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟତ୍ୱ ଗ୍ରହଣ କରିବା ପରେ ସେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ଭେଟି ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ଏଥିପୂର୍ବରୁ ସେ ନବରଙ୍ଗପୁର ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିଲେ। ସେ କାଶୀପୁର ବ୍ଲକ ଦାୟିତ୍ୱ ନେବାପରେ ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ତାଙ୍କୁ ସ୍ୱାଗତ କରିଛନ୍ତି। ସୂଚନାଯୋଗ୍ୟ ଫେବୃୟାରୀ ୧୫ରୁ କାଶୀପୁର ବିଡିଓ ପଦ ଖାଲି ପଡ଼ିଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିଲା। ଫଳରେ ପୂର୍ବରୁ ପଞ୍ଚାୟତ ପ୍ରତିନିଧି ଏବଂ ସ୍ଥାନୀୟ ନେତୃବୃନ୍ଦ ଏ ନେଇ ଜିଲାପାଳଙ୍କୁ ଭେଟି ନୂତନ ବିଡିଓଙ୍କୁ ନିଯୁକ୍ତି ନେଇ ଦାବି କରିଥିଲେ। ବ୍ଲକରେ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ସମସ୍ୟାର ସମାଧାନ ସହ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ନେଇ ଧ୍ୟାନଦେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

## କ୍ୟାନ୍‌ସର ଚିକିତ୍ସାରେ ଅର୍ଥ ବାଧକ

ଉମରକୋଟ, ୨୩।୭(ସ୍ୱ.ପ୍ର.)



ଦୀପାଳି ମଣ୍ଡଳ

ଚକ୍ଷୁ କର୍କଟ ଯୋଗୁ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। କିନ୍ତୁ ଅର୍ଥାଭାବରୁ ନିଜର ଚିକିତ୍ସା କରାଇ ପାରୁନାହାନ୍ତି ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ୧୨ ନମ୍ବର ଖଣ୍ଡା ଗ୍ରାମର ଦୀପାଳି ମଣ୍ଡଳ।

ସ୍ୱାମୀ ଓ ତିନି ପୁଅଙ୍କୁ ନେଇ ଦୀପାଳିଙ୍କ ପରିବାର। ବଡ଼ପୁଅ ଅନ୍ୟତ୍ର ରହୁଛନ୍ତି। ବୟସାଧିକ ଯୋଗୁ ଦୀପାଳିଙ୍କ ସ୍ୱାମୀ ରୋଜଗାର କରିବାକୁ ବାହାରକୁ ଯାଇ ପାରୁନାହାନ୍ତି। ମଝିଆ ଏବଂ ସାନପୁଅ ରଙ୍ଗକାମ ଓ କୁଲି କରି ଘର ଚଳାଉଛନ୍ତି। ପାଞ୍ଚ ବର୍ଷ ତଳେ ଦୀପାଳି ଆଖିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପ୍ରଥମେ ଉମରକୋଟ ଓ ପରେ କଟକ ବଡ଼ ମେଡିକାଲକୁ ଯାଇ ଡାକ୍ତରଙ୍କୁ ଆଖି ଦେଖାଇଥିଲେ। ସେଠାରେ ବିଭିନ୍ନ ପରୀକ୍ଷା ପରେ ଦୀପାଳିଙ୍କୁ ଚକ୍ଷୁ କର୍କଟ ହୋଇଥିବା ଡାକ୍ତର କହିଥିଲେ। ଘରର ଆର୍ଥିକ ସ୍ଥିତି ଦେଖି ଦୀପାଳି

### ସରକାରୀ ସହାୟତା ଦାବି

ସେଠାରୁ ଫେରି ଆସିଥିଲେ। କିନ୍ତୁ ଧୀରେ ଧୀରେ ଆଖିରେ ଏକ ମାଂସ ବଢ଼ିଲା। କିଛିଦିନ ପରେ ଗୋଟିଏ ଆଖିକୁ ଆଦୌ ଦେଖାଗଲା ନାହିଁ। ଏବେ ଡାକ୍ତର ତାଙ୍କୁ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲକୁ ନେବାକୁ ପରାମର୍ଶ ଦେଇଛନ୍ତି। ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ଦୀପାଳି ଏବଂ ତାଙ୍କ ପୁଅମାନେ ନିବେଦନ କରିଛନ୍ତି।

## ବିକାଶମୂଳକ ଯୋଜନାରେ ସାମିଲ କରାଯାଉନି

ରାୟଗଡ଼ା ଅଫିସ,୨୩।୭–

### ଓପିଲିପ୍ ବିରୋଧରେ ଅଭିଯୋଗ ଆଣିଲେ ଜନଜାତି ସମ୍ପ୍ରଦାୟ



ଜନଜାତି ସମ୍ପ୍ରଦାୟର ଲୋକେ ଜିଲାପାଳଙ୍କୁ ସମସ୍ୟା ଜଣାଉଛନ୍ତି।

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତର ଆଦିମ ଜନଜାତି ସମ୍ପ୍ରଦାୟର ଲୋକେ ଓପିଲିପ୍(ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତିକରଣ କାର୍ଯ୍ୟକ୍ରମ)ବିରୋଧରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଓପିଲିପ୍ ଆଦିମ ଜନଜାତିଙ୍କ ବିକାଶ ପାଇଁ କାମ କରୁଛି। ହେଲେ ସରକାରଙ୍କ କୌଣସି ବିକାଶମୂଳକ ଯୋଜନାରେ ଜନଜାତି ଲୋକଙ୍କୁ ସାମିଲ କରାଯାଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜନଜାତିଙ୍କ ବିକାଶ ଓପିଲିପ୍‌ର ଉଦ୍ଦେଶ୍ୟ ହୋଇଥିଲେ ମଧ ଜାତିଭିତ୍ତିକ ପକ୍ଷପାତିତା କରାଯାଉଥିବା କୁହାଯାଇଛି। ସେହିପରି ଅଞ୍ଚଳର ଜନଜାତି ବର୍ଗର ଲୋକେ ମୋବାଇଲ୍ ନେଟୱର୍କ ସେବାରୁ ବଞ୍ଚିତ ହେଉଥିବାରୁ ପାର୍ସାଲି ନିକଟ ଆନନ୍ଦପୁରଠାରେ ଟାୱାର ସ୍ଥାପନ ଏବଂ କଟକ ଏବଂ ଭୁବନେଶ୍ୱରକୁ ବସ୍‌ର ସୁବିଧା ପାଇଁ ଜିଲାପାଳଙ୍କୁ ଭେଟି ଜଣାଇଛନ୍ତି। ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗ ଠାବ, ୬ ଗିରଫ

ନବରଙ୍ଗପୁର, ୨୩।୭(ବି.ପ୍ର.)

ଏକ ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗର ୬ ଜଣଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରିଛି। ସେମାନେ ହେଲେ ପାପଡାହାଣ୍ଡି ଥାନା ଅଞ୍ଚଳର ଉଦୟ ପୂଜାରୀ, ମୁକେଶ ପାତ୍ର, ସୁନିଲ ହରୀଜନ, ରାଜେଶ ନାୟକ, କୋଡିଗାଁ ଥାନା ଅଞ୍ଚଳର ସୁଶାନ୍ତ ହରୀଜନ ଓ ପଟାଙ୍ଗି ଥାନା ଅଞ୍ଚଳର କର୍ଣ୍ଣ ମାଝି। ପୋଲିସ ସେମାନଙ୍କଠାରୁ ୫ ବାଇକ, ଲ୍ୟାପଟପ୍, ପ୍ରୀଣ୍ଟର, ୨ ମୋବାଇଲ, ହୋମ ଥିଅଟର, ସୁନା ଅଳଙ୍କାର ଆଦି ଜବତ କରିଛଇ। ଅଭିଯୁକ୍ତମାନେ ଆନ୍ଧ୍ରର ବିଶାଖାପାଟଣା, ପାପଡାହାଣ୍ଡି, ନବରଙ୍ଗପୁର ଓ କୋଡିଗାଁ ଥାନା ଅଞ୍ଚଳରୁ ଏହି ସବୁ ଚୋରି କରିଛନ୍ତି। ଅଭିଯୁକ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରି ନବରଙ୍ଗପୁର ଅଞ୍ଚଳରେ ବିକ୍ରି କରୁଥିଲେ ବୋଲି ପୋଲିସ କହିଛି। ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଆଇ ରାକେଶ ବେହେରା, କନଷ୍ଟେବଳ ସାଗର ମାଝୀ, ବିକାଶ ବେନିଆ, ଓଏପିଏଫ ତ୍ରିପତି ପୂଜାରୀ, ଧନର ମାଝୀ, କୃତିବାସ ଭତ୍ରାଙ୍କୁ ଗଠିତ ଏକ ଟିମ୍ ଅଭିଯୁକ୍ତମାନଙ୍କୁ ଧରିଛି।

## ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଫିସ ଘେରାଉ



ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା ଅଫିସ,୨୩।୭–

### ଆମ୍ବ, କାଜୁ ଚାରା ଯୋଗାଣ ଦାବି କଲେ ଚାଷୀ

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅଧୀନ ୨୪ ପଞ୍ଚାୟତର ଚାଷୀ ଶୁକ୍ରବାର ରାୟଗଡ଼ାସ୍ଥିତ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସମସ୍ତ ଚାଷୀଙ୍କୁ ଆମ୍ବ ଏବଂ କାଜୁ ଚାରା ଯୋଗାଣ ନିମନ୍ତେ ଦାବି କରି ସେମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତେବେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କହିବା ହେଲା, ଚଳିତ ବର୍ଷ ସରକାର କାଶୀପୁର ବ୍ଲକର ୧୫୫ ହେକ୍ଟର ଜମିରେ ଚାଷ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ହେଲେ ୧୬୨୪ ହେକ୍ଟର ଜମିକୁ ଚାରା ଯୋଗାଇବା ନିମନ୍ତ ଚାଷୀମାନେ ଜିଦ୍ ଧରିଥିବାବେଳେ ତାହା ସମ୍ଭବ ହୋଇପାରୁନାହିଁ। ଏ ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଆଗାମୀ ଦିନରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କୋଭିଡ୍ ପରବର୍ତ୍ତୀ ସମସ୍ୟାରେ ଶିକ୍ଷକଙ୍କ ମୃତ୍ୟୁ

ଗୁଣପୁର,୨୩।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସହର ଶିବଶକ୍ତି ନଗରରେ ବସବାସ କରୁଥିବା ତଥା ନୂଆଗାଁ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଗୌରୀ ମିଶ୍ର(୫୨)ଙ୍କ ବୁଧବାର ବିଳମ୍ବିତ ରାତ୍ରିରେ ପରଲୋକ ଘଟିଛି। ସେ ପୂର୍ବରୁ କରୋନାରେ ସଂକ୍ରମିତ ହୋଇ ସୁସ୍ଥ ହୋଇଥିଲେ। ହେଲେ ତାଙ୍କର ଫୁସ୍‌ଫୁସ ଗଭୀର ଭାବରେ ସଂକ୍ରମିତ ହୋଇଥିବାରୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଥିଲେ। ଗୁରୁବାର ଭୁବନେଶ୍ୱରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## କର୍ମଚାରୀ ବଦଳି ସହ ବଢୁଛି କାର୍ଯ୍ୟାଳୟ ସ୍ଥାନାନ୍ତର ଆଶଙ୍କା

ତେନ୍ତୁଲିଖୁଣ୍ଟି, ୨୩।୭(ଡି.ଏନ୍.ଏ.)

ନବରଙ୍ଗପୁରର ପରିଚୟ ସୃଷ୍ଟି କରିଥିବା ଇନ୍ଦ୍ରାବତୀ ଜଳସେଚନ ବିଭାଗ ଅଫିସ ଶୂନ୍ୟ ହେବାକୁ ଯାଉଛି। ଡ୍ୟାମ୍, ଜଳଭଣ୍ଡାର ତଥା ଡ୍ୟାମ୍‌କୁ ସଂଯୋଗୀକରଣ ରାସ୍ତା ଆଦି ଜଳବିଦ୍ୟୁତ୍ ପ୍ରକଳ୍ପ ଅଧୀନରେ ରଖି ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦିଆଯାଉନାହିଁ। ଓଡ଼ିଶାରେ କୌଣସି ଡ୍ୟାମ୍ ପ୍ରୋଜେକ୍ଟରେ ଡ୍ୟାମ୍ ଓ ଜଳଭଣ୍ଡାର ଶକ୍ତି ବିଭାଗ ଅଧୀନରେ ନ ଥିବା ବେଳେ ଇନ୍ଦ୍ରାବତୀ ପ୍ରକଳ୍ପ ବ୍ୟତିକ୍ରମ। ଯେଉଁ ପ୍ରକଳ୍ପରେ ଚାରି ଅଧୀକ୍ଷଣ ଯନ୍ତ୍ରୀ, ବାର ଗୋଟି ଡିଭିଜନ ରହିଥିଲା ସେଠାରେ ବର୍ତ୍ତମାନ ଡିଭିଜନ ନ ଥିବାରୁ ମୁଖ୍ୟଯନ୍ତ୍ରୀ କାର୍ଯ୍ୟାଳୟ ଉଠାଇବା ନିଷ୍ପତ୍ତି ହୋଇଛି, ଯାହାକି ସାମୟିକ ଭାବେ ସର୍ବଦଳୀୟ ଦାବି ପାଇଁ ସ୍ଥଗିତ ରହିଛି। କିଛି ସରକାରୀ ନିଷ୍ପତ୍ତି ନିଆ ନ ଗଲେ ଯେକୌଣସି ମୁହୂର୍ତ୍ତରେ ଏଠାରୁ ଉଠିଯିବା ସମ୍ଭାବନା ରହିଛି। ସେହିଭଳି କ୍ୟାଡର ପୁନର୍ବିନ୍ୟାସରେ ଖାତିଗୁଡ଼ାସ୍ଥିତ ଗୁଣ ନିୟନ୍ତ୍ରଣ ବିଭାଗର ନାମ ନ ଥିବା ଏବଂ ନିର୍ବାହୀ ଯନ୍ତ୍ରୀଙ୍କ ପଦୋନ୍ନତି ହେବା ସହ ପ୍ରତିବଦଳରେ କାହାକୁ ନିଯୁକ୍ତି ମିଳିନାହିଁ। ସେହିଭଳି କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ,ଚାରି ଜଣ ସୁଇପର,ଜଣେ କିରାଣି, ଦୁଇ ଜଣ ୱାର୍କଚାର୍ଜ କର୍ମଚାରୀ ଓ ତିନି ଜଣ ବୈଷୟିକ କର୍ମଚାରୀଙ୍କୁ ଛାଡି ଅନ୍ୟ ମାନଙ୍କ ବଦଳି କରାଯାଇଛି। ଏହାକୁ ଦେଖିଲେ ଅଫିସ ଖାତିଗୁଡ଼ାରୁ ଉଠାଯିବା ଆଶଙ୍କା ଏବେ ବି ହଟିନାହିଁ। ଖୁବ୍‌ଶୀଘ୍ର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତୁରୀ ଓ ଗରାଣ୍ଟୁ ଆରମ୍ଭ ହେବାକୁ ଯାଉଛି। ଏପରି ସମୟରେ ଜିଲାରେ ଥିବା ଏକମାତ୍ର ଗୁଣ ନିୟନ୍ତ୍ରଣ ବିଭାଗ, ସ୍ୱୟଂ ସମ୍ପୂର୍ଣ୍ଣ ପରୀକ୍ଷାଗାର ଉଠାଇନେବା କେତେଦୂର ଯୁକ୍ତିସଙ୍ଗତ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଜିଲାରେ ଚାଲିଥିବା ସମସ୍ତ ଉନ୍ନୟନ କାର୍ଯ୍ୟର ମାନ ଉତ୍ତମ ରଖିବାପାଇଁ ପରୀକ୍ଷଣର ଆବଶ୍ୟକତା ରହିଛି। ଏଠାରେ ଥିବା କାର୍ଯ୍ୟାଳୟ ଉଠିଯିବା ଅର୍ଥାତ୍ ଗୁଣବତ୍ତା ପରୀକ୍ଷଣରେ ଅନିୟମିତତାକୁ ପ୍ରୋତ୍ସାହନ ବୋଲି ଜିଲାବାସୀ କହୁଛନ୍ତି। ଅଶୀ ଦଶକରେ ତତ୍କାଳୀନ ସରକାର ନେଇଥିବା ନିଷ୍ପତ୍ତିର ପରିଣାମ ଜିଲାବାସୀ ଆଜି ପର୍ଯ୍ୟନ୍ତ ଭୋଗୁଛନ୍ତି। ୱାର୍ଡ ସଭ୍ୟଙ୍କଠାରୁ ଏମ୍‌ପିଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରାୟ ଶାସକ ଦଳର ନେତା। ଏହା ମଧ୍ୟରେ ଏକ ଭୁଲ୍ ନିଷ୍ପତ୍ତି ସରକାରଙ୍କୁ ମହଙ୍ଗା ପଡ଼ିପାରେ ବୋଲି ବୁଦ୍ଧିଜୀବୀ କହିଛନ୍ତି।

## ଜଳିଗଲା ଘର, ଆସବାବପତ୍ର

ତେନ୍ତୁଲିଖୁଣ୍ଟି, ୨୩।୭(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ଅଧୀନ କୁସମୀ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ରହୁଥିବା ଧର୍ମେନ୍ଦ୍ର ସଗରିଆଙ୍କ ଘରେ ନିଆଁ ଲାଗିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଜରୁରୀ ଜିନିଷ ପୋଡ଼ିଯାଇଛି। ଶୁକ୍ରବାର ସକାଳେ କୌଣସି କାରଣରୁ ଘରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଏହା ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ସେଠାରେ ପହଞ୍ଚିବାବେଳକୁ ଘର ସମ୍ପୂର୍ଣ୍ଣ ଜଳି ସାରିଥିଲା। ଧର୍ମେନ୍ଦ୍ରଙ୍କ ପରିବାରକୁ ସହାୟତା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ନବରଙ୍ଗପୁର ବିଧାୟକ ଓ ତେନ୍ତୁଲିଖୁଣ୍ଟି ବିଡିଓଙ୍କୁ ଘଟଣା ସମ୍ପର୍କରେ ଜଣାଇ ସହାୟତା ଯୋଗାଇଦେବାକୁ ଚେଷ୍ଟା କରିବେ ବୋଲି ପୂର୍ବତନ ସମିତି ସଭ୍ୟ ଗଜେନ୍ଦ୍ର ସଗରିଆ କହିଛନ୍ତି।

## ମାଳିଗାଁବାସୀଙ୍କ ଏକମାତ୍ର ଭରସା ଝରଣାପାଣି

- ୨ ନଳକୂପ ଥାଇ ମଧ ଅଲୋଡ଼ା
- ବାରମ୍ବାର ଜଣାଇବା ପରେ ବି ଶୁଣୁନି ପ୍ରଶାସନ

ଟିକିରି,୨୩।୭(ଡି.ଏନ୍.ଏ.)–

ରାୟଗଡ଼ା ଜିଲା କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତର ଉପର ମାଳିଗାଁରେ ବର୍ଷାଦିନେ ମଧ ଗ୍ରାମବାସୀ ପାନୀୟ ଜଳ ସଙ୍କଟ ଭୋଗୁଛନ୍ତି। ଗାଁରେ ୮୫ ପରିବାରରେ ୪୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି।



ମହିଳାମାନେ ଝରଣାପାଣି ସଂଗ୍ରହ କରୁଛନ୍ତି।

ଏଠାରେ ୨ଟି ନଳକୂପ ରହିଥିଲେ ମଧ ଗୋଟିଏରେ ଗୋଳିଆପାଣି ଆସୁଥିବାବେଳେ ଅନ୍ୟଟି ଅଧାଘଣ୍ଟା ଧରି ପିଟିବା ପରେ ପାଣି ଆସୁଛି। ଫଳରେ ୧ କି.ମି. ଦୂର ମହୁ ଝରଣା ପାଣି ଗ୍ରାମବାସୀଙ୍କ ଏକମାତ୍ର ଭରସା ହୋଇଥିବା ଗ୍ରାମବାସୀ କହିଛନ୍ତି।

ଗାଁରେ ଅନ୍ୟ କୌଣସି ପାନୀୟ ଜଳ ଉତ୍ସ ନ ଥିବାରୁ ଝରଣାପାଣି ବ୍ୟବହାର କରିବାକୁ ସେମାନେ ବାଧ୍ୟ ହେଉଥିବା କହିଛନ୍ତି। ଅନ୍ୟପକ୍ଷରେ ଅପରିଷ୍କାର ଝରଣାପାଣି ପିଇ ଗ୍ରାମବାସୀ ବିଭିନ୍ନ ଜଳବାହିତ ରୋଗରେ ମଧ ଆକ୍ରାନ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ ନଳକୂପ ମରାମତି କିମ୍ବା ପାନୀୟ ଜଳର ଅନ୍ୟ ବ୍ୟବସ୍ଥା କରାଯାଇ ନ ଥିବା ଗ୍ରାମବାସୀ ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଏଥିସହ ଜିଲାପାଳ ନିଜେ ସମସ୍ୟାକୁ ବୁଝି ଗାଁରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି।

## ଓଲଟିଲା ଗହମ ବୋଝେଇ ଟ୍ରକ୍

ରୂପ୍ସା,(ଡି.ଏନ.ଏ.): ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ରୂପ୍ସା ଥାନା ନିକଟରେ ଶୁକ୍ରବାର ଏକ ଗହମ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟି ପଡ଼ିଛି। ହେଲେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟ୍ରକ୍ (ନଂ. ଓଡ଼ି୦୧-୪୨୭୧)ଟି ଗହମ ନେଇ ଜଳେଶ୍ୱରରୁ ଭୁବନେଶ୍ୱର ଯାଉଥିଲା। ଭାରସାମ୍ୟ ହରାଇ ରାଜପଥର ଡାହାଣ ପାର୍ଶ୍ୱକୁ ଓଲଟି ପଡିଥିଲା। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

# ବିରୋଧ ସତ୍ତ୍ୱେ ଆନ୍ଧ୍ରର ଭ୍ରୂକ୍ଷେପ ନାହିଁ

ମାଲକାନଗିରି/କାଲିମେଳା, ୨୩।୭(ଡି.ଏନ୍.ଏ.)

ଆନ୍ଧ୍ର ସରକାର ସବୁବେଳେ ଓଡ଼ିଶା ବିରୋଧୀ ମନୋଭାବ ପ୍ରଦର୍ଶନ କରିଆସୁଛି। କୋଟିଆ ଅଧିବାସୀଙ୍କୁ ପ୍ରଭାବିତ କରି ନିର୍ବାଚନ କରିବା ହେଉ ଅବା ନିଜ କର୍ମଚାରୀ ପଠାଇ ସୀମାନ୍ତରେ ରାଶନ ସାମଗ୍ରୀ ବାଣ୍ଟିବା ହେଉ ସବୁଥିରେ ଆନ୍ଧ୍ରର ଓଡ଼ିଶା ବିରୋଧୀ ମନୋଭାବ ସ୍ପଷ୍ଟ। ଏବେ ପୋଲାଭରମ ପ୍ରକଳ୍ପକୁ ନେଇ ଉଠିଛି ବିରୋଧର ସ୍ୱର। ଏହି ପ୍ରକଳ୍ପ ହେଲେ ଓଡ଼ିଶା ବେଶି କ୍ଷତିଗ୍ରସ୍ତ ହେବ ବୋଲି ପୋଲାଭରମ୍ ପ୍ରକଳ୍ପ ବିରୋଧୀ ମଞ୍ଚ ଅଭିଯୋଗ କରିଛି। ଏହି ପ୍ରକଳ୍ପକୁ ମଞ୍ଜୁର ଦେଇଥିବା ତତ୍କାଳୀନ କଂଗ୍ରେସ ସରକାରଙ୍କ ଉପରେ ମଞ୍ଚ କର୍ମକର୍ତ୍ତାମାନେ ବର୍ଷିଛନ୍ତି।

ମାଲକାନଗିରି ଜିଲା ସୀମାନ୍ତ ଆନ୍ଧ୍ର ପ୍ରଦେଶର ୱେଷ୍ଟ ଗୋଦାବରୀ ଜିଲାରେ ୨୦୦୪ରେ ଏସିଆର ସର୍ବବୃହତ୍ ଏହି ପୋଲାଭରମ୍ ଜଳପ୍ରକଳ୍ପ ସେତେବେଳେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ଆନ୍ଧ୍ରରେ ବିଦ୍ୟୁତ୍ ଉତ୍ପାଦନ କରାଯାଇ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ ହେବ। ଅନେକ ଅଞ୍ଚଳରେ ଚାଷଜମି ଜଳସେଚିତ ହୋଇ କୃଷି କାର୍ଯ୍ୟରେ ବିନିଯୋଗ ହେବ ବୋଲି



ଖବରଦାତା ସମ୍ମିଳନୀରେ ୩ ରାଜ୍ୟର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ସେତେବେଳେ କୁହାଯାଇଥିଲା। ମାତ୍ର ଆନ୍ଧ୍ର ସରକାର ଏବେ ପ୍ରକଳ୍ପର ଉଚ୍ଚତା ଓ ଜଳଧାରଣ କ୍ଷମତା ବୃଦ୍ଧି କରୁଥିବାରୁ ଏହା ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନା ରାଜ୍ୟ ପାଇଁ ଚିନ୍ତାର କାରଣ ହୋଇଛି।

ଆନ୍ଧ୍ରର ଏହି ପ୍ରକଳ୍ପ ଦ୍ୱାରା ଅନେକ ଅଞ୍ଚଳ ଜଳମଗ୍ନ ହେବ। ହଜାର ହଜାର ବାସିନ୍ଦା ସେମାନଙ୍କ ଜମି , ଜଙ୍ଗଲ ସହ ଭିଟାମାଟି ହରାଇବେ। ଏହି ପ୍ରକଳ୍ପ ହେଲେ ମାଲକାନଗିରି ଜିଲା ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବ। ଏପରିକି ମାଲକାନଗିରି ଜିଲା ରାଜ୍ୟ ମାନଚିତ୍ରରୁ ହଜିଯିବ ବୋଲି ପୋଲାଭରମ୍ ବିରୋଧୀ ଜନମଞ୍ଚ ଅଭିଯୋଗ କରିଛି। ୧୯୮୬ ଓ ୨୦୦୬ରେ ହୋଇଥିବା ବର୍ଷାରେ ମାଲକାନଗିରି ଜିଲା ସୀମାକୁ ଲାଗିଥିବା ଆନ୍ଧ୍ରର ସିଲେରୁ ଏବଂ ଛତିଶଗଡ଼ର ସାବେରୀ ନଦୀ ମୋହୁଠାରେ ମିଶି ଗୋଦାବରୀ ନଦୀ ସୃଷ୍ଟି ହୋଇଥିଲା। ସେହି ଜଳ ନିଷ୍କାସନ ହୋଇ ନ ପାରି ସେତେବେଳେ ମାଲକାନଗିରି ଜିଲାର ମାଥିଲି, କୋରୁକୋଣ୍ଡା, କାଲିମେଳା ଏବଂ ପଡ଼ିଆ ବ୍ଲକର ୧୩୦ଟି ଗ୍ରାମ ଜଳମଗ୍ନ ହୋଇଥିଲା। ବର୍ତ୍ତମାନ ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟ ସରିଥିବା ବେଳେ ଡ୍ୟାମ୍ ପାଣିର ଉଚ୍ଚତା ବୃଦ୍ଧି କରିବାକୁ ଆନ୍ଧ୍ର ଯୋଜନା କରୁଛି। ଫଳରେ ମାଲକାନଗିରି ଜିଲାର ୪ଟି ପଞ୍ଚାୟତର ୨୦ଟି ଗ୍ରାମ ଜଳମଗ୍ନ ହେବ। ଏଥିସହ ସମସ୍ତ ଜଙ୍ଗଲ, ଜମି, ଭିଟାମାଟି ଲୋପ ପାଇବ ବୋଲି ମୋଟୁ ସରପଞ୍ଚ ସୋଡି ପଦା, ପୁଷ୍ପୁଗୁଡା

**ପୋଲାଭରମ ପ୍ରକଳ୍ପ**
- ମାଲକାନଗିରି ଜିଲା ପ୍ରତି ମାଡ଼ି ଆସୁଛି ବିପଦ
- ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ସହ ଲୋପ ପାଇବ ଭିଟାମାଟି

ସରପଞ୍ଚ ରେବା ରାମା, ମାଲାଭରମ ସରପଞ୍ଚ ଉଇକେ କିଟୋ, ତଣ୍ଡାବାଇ ସରପଞ୍ଚ ଲାଡି ମାଡକାମି ପ୍ରକାଶ କରିଛନ୍ତି। ବର୍ତ୍ତମାନ ପୋଲାଭରମ୍‌ର ମାଟିବନ୍ଧ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମାଟିବନ୍ଧ ପ୍ରକଳ୍ପ ଶେଷ ହେଲେ ଡ୍ୟାମ୍‌ର ପଛୁଆପାଣି ମାଲକାନଗିରି ଜିଲାକୁ ବୁଡାଇଦେବ ବୋଲି ମଞ୍ଚ ଆଶଙ୍କା ପ୍ରକାଶ କରିଛି। ରାଜ୍ୟ ସରକାର ଏନେଇ ସୁପ୍ରିମକୋର୍ଟରେ ମାମଲା ରୁଜୁ କରିଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଅଭାବରୁ ଏହି ମାମଲା ଚୂଡ଼ାନ୍ତ ହୋଇପାରୁ ନାହିଁ। ଓଡ଼ିଶା ସରକାରଙ୍କ ଅଭିଯୋଗକୁ କେନ୍ଦ୍ର ଓ ଆନ୍ଧ୍ର ସରକାର ଭ୍ରୂକ୍ଷେପ ନ କରି ହଜାର ହଜାର ଲୋକଙ୍କୁ ଜଳସମାଧି ଦେବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ମଞ୍ଚ ଅଭିଯୋଗ କରିଛି। ଏହା ଜଳସେଚନ ଉଦ୍ଦେଶ୍ୟରେ କରାଯାଉଥିବା ଆନ୍ଧ୍ର ସରକାର କହୁଥିବା ବେଳେ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେସବୁ ଅଞ୍ଚଳରେ ଆନ୍ଧ୍ର ୭୦ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେଇଥିଲା। ଫଳରେ ଆନ୍ଧ୍ର କୃଷି ଉତ୍ପାଦନରେ ଆଗୁଆ ରହିବା ସହ ମାଛ, କୁକୁଡ଼ା ପାଳନ, ଦୁଗ୍ଧ ଉତ୍ପାଦନରେ ଆଗୁଆ ରହିଛି। କେବଳ ଜଳବିଦ୍ୟୁତ୍ ଉତ୍ପାଦନ ପାଇଁ ଆନ୍ଧ୍ର ସରକାର ଏପରି ଚକ୍ରାନ୍ତ କରିଥିବା ପୋଲାଭରମ୍ ପ୍ରକଳ୍ପ ବିରୋଧୀ ମଞ୍ଚ ସଭାପତି ପ୍ରଭାକର ହନ୍ତାଳ (ଓଡ଼ିଶା), ସାଧାରଣ ସମ୍ପାଦକ ସୁନାମ ଭେଙ୍କେଟ ରାବଣା, ଉପସଭାପତି ଦାରିଲିଙ୍ଗା (ଓଡ଼ିଶା), ସାଙ୍ଗଠନିକ ସମ୍ପାଦକ ପି.ବିଜୟ (ଛତିଶଗଡ଼), ଯୁଗ୍ମ ସମ୍ପାଦକ ଏ.ଡି.ଦେବ ଦାନମ (ଓଡ଼ିଶା), କାର୍ଯ୍ୟକାରୀ ସଦସ୍ୟ ପୂର୍ବତନ ବିଧାୟକ ତଥା ଜିଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି ପ୍ରକାଶ କରିଛନ୍ତି। ଯଦି ଆନ୍ଧ୍ର ସରକାର ପୋଲାଭରମ୍ ମାଟିବନ୍ଧ ପ୍ରକଳ୍ପ କାର୍ଯ୍ୟ ବନ୍ଦ ନ କରନ୍ତି ତେବେ ଓଡ଼ିଶା, ଛତିଶଗଡ଼ ଏବଂ ତେଲଙ୍ଗାନାର ବିସ୍ଥାପିତ ସର୍ବଭାରତୀୟ ସ୍ତରରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ମଞ୍ଚ କର୍ମକର୍ତ୍ତାମାନେ ଏଥିପାଇଁ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏବଂ ସେସମୟର କଂଗ୍ରେସ ସରକାରଙ୍କୁ ଦାୟୀ କରିଛନ୍ତି।

## ଭିଜିଲାନ୍ସ କୋର୍ଟର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ପୁଣି ଗିରଫ

ଭବାନୀପାଟଣା, ୨୩।୭ (ଡି.ଏନ.ଏ.): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଆଶୁତୋଷ ମିଶ୍ରଙ୍କୁ ପୁଣି ଅନ୍ୟ ଏକ ମାମଲାରେ ଶୁକ୍ରବାର ଗିରଫ କରିଛି କଟକର ସ୍ୱତନ୍ତ୍ର ଭିଜିଲାନ୍ସ ଟିମ୍। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଭବାନୀପାଟଣା ଭିଜିଲାନ୍ସ କାର୍ଯ୍ୟାଳୟରେ କଟକରୁ ଆସିଥିବା ଭିଜିଲାନ୍ସ ଟିମ୍ ପଚରାଉଚରା କରୁଛି।

ସୂଚନାଯୋଗ୍ୟ, ଗତ ୩ ତାରିଖରେ ଏକ ମାମଲା ରଫାଦଫା କରିବା ପାଇଁ ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ସମୟରେ କଟକର ଏକ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା। ସେ ଭବାନୀପାଟଣା ଜିଲା କାରାଗାରରେ ଥିଲେ। ଶୁକ୍ରବାର ତାଙ୍କ ଜାମିନ ମଞ୍ଜୁର ହେବା ପରେ ସେ ଜିଲା କାରାଗାରରୁ ବାହାରିବା ବେଳେ ପୁଣି ଥରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କଟକର ଏକ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ପ୍ରାୟ କୋଟିଏ ଟଙ୍କାର ହିସାବ ଦେଇପାରି ନ ଥିବାରୁ ତାଙ୍କ ସମ୍ପର୍କୀୟମାନଙ୍କୁ ମଧ୍ୟ ଏହି ଘଟଣାରେ ଭିଜିଲାନ୍ସ ପଚରାଉଚରା କରିପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଜଣେ ଭିଜିଲାନ୍ସ କୋର୍ଟର ସରକାରୀ ଓକିଲଙ୍କୁ ଭିଜିଲାନ୍ସ ବିଭାଗ ଏଭଳି ବାରମ୍ବାର ଗିରଫ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

### ସଂକ୍ଷେପରେ

## ଚାକିରି ସମ୍ପର୍କିତ ମାମଲା ପିଆଇଏଲ୍ ନୁହେଁ: ହାଇକୋର୍ଟ

କଟକ ଅଫିସ, ୨୩।୭: ଚାକିରି ସମ୍ପର୍କିତ ମାମଲା ଜନସ୍ୱାର୍ଥ ମାମଲା(ପିଆଇଏଲ୍) ଯୋଗ୍ୟ ନୁହେଁ। ଏ ନେଇ ଜଣେ ଆବେଦନକାରୀଙ୍କ ମାମଲାର ଶୁଣାଣି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଶୁକ୍ରବାର ଏହି ରାୟ ଶୁଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଓ ୨୦୨୦ରେ ବିଭିନ୍ନ କ୍ରୀଡା ମହାବିଦ୍ୟାଳୟରେ ଅଧାପକ, ସହକାରୀ ପ୍ରଫେସର ଓ ସହଯୋଗୀ ପ୍ରଫେସର ପଦବୀ ପୂରଣ ପାଇଁ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ଭି. ବାସୁଦେବ ରାଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଚାକିରି ସମ୍ପର୍କିତ ମାମଲା ପିଆଇଏଲ୍ ଯୋଗ୍ୟ ନୁହେଁ ବୋଲି ଦର୍ଶାଇବା ସହ ଖାରଜ କରିଦେଇଥିଲେ।

## ଜିପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**୧ କୋଟି ୫୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ**



ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୩।୭ (ଡି.ଏନ.ଏ.): ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଶୁକ୍ରବାର ତୁରେକେଲା ବ୍ଲକ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ(ଜିପିଇଓ) ଗୋବିନ୍ଦ ଭୋଇଙ୍କ ଘର ସମେତ ୫ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗ ୧ କୋଟି ୫୭ଲକ୍ଷ ୮୦ ହଜାର ୮୫୫ ଟଙ୍କାର ସମ୍ପତ୍ତି ଠାବ କରିଛି। ଶୁକ୍ରବାର ବଲାଙ୍ଗୀର, ସମ୍ବଲପୁର, ବରଗଡ଼ ଓ ସୋନପୁର ଭିଜିଲାନ୍ସ ଟିମ୍ ଜିପିଇଓ ଭୋଇଙ୍କ କଣ୍ଟାବାଞ୍ଜି ପଟେଲ କଲୋନୀସ୍ଥିତ ଦୁଇମହଲା ବିଶିଷ୍ଟ କୋଠା, ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଧଣ୍ଡାମୁଣ୍ଡା ଗ୍ରାମସ୍ଥିତ ତାଙ୍କ ବାସଗୃହ, ତୁରେକେଲା ବ୍ଲକ ଅଫିସଠାରେ ଥିବା ଜିପିଇଓ ଭୋଇଙ୍କ ଅଫିସ ଚାମ୍ବର, କଣ୍ଟାବାଞ୍ଜି ସହର ସ୍ଥିତ ତାଙ୍କ ସାନପୁଅ ପ୍ରତୀକ ଭୋଇଙ୍କ ଫଟୋ ଦୋକାନ ଏବଂ ମୁରିବାହାଲସ୍ଥିତ ତାଙ୍କ ବଡପୁଅ ଅବିନାଶ ଭୋଇଙ୍କ ଅଫିସ ଚାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୯୫ଲକ୍ଷ ୯୬ହଜାର ଟଙ୍କାର ଦୁଇମହଲା ବିଶିଷ୍ଟ ଘର, ବଲାଙ୍ଗୀର ସହରରେ ୧୦ଟି ପ୍ଲଟ୍, ୧୭ ଲକ୍ଷ ୫ ହଜାର ୧୫୭ ଟଙ୍କାର ସୁନା, ରୁପା ଅଳଙ୍କାର, ଦାମୀ ଘରକରଣା ଜିନିଷ ଓ ଆସବାବପତ୍ର, ୨୬ ଲକ୍ଷ ୫୮ ହଜାର ୮୩୪ ଟଙ୍କାର ଦୁଇଟି କାର, ଦୁଇଟି ବାଇକ୍, ଗୋଟିଏ ସ୍କୁଟି, ୧ ଲକ୍ଷ ୪୦ ହଜାର ୭୫୦ ଟଙ୍କାର ଫଟୋ ଦୋକାନ ସାମଗ୍ରୀ, ୧୬ ଲକ୍ଷ ୪୭ ହଜାର ୧୫୪ ଟଙ୍କାର ବିଭିନ୍ନ ବ୍ୟାଙ୍କ ଡିପୋଜିଟ୍, ୩୨ ଲକ୍ଷ ୯୬୦ ନଗଦ ଟଙ୍କା ଏହିପରି ସମୁଦାୟ ୧ କୋଟି ୫୭ ଲକ୍ଷ ୮୦ ହଜାର ୮୫୫ ଟଙ୍କା ଠାବ କରାଯାଇଥିଲା। ଏହାବାଦ୍ ୮ ଲକ୍ଷ ୪୪ ହଜାର ୬୧୨ ଟଙ୍କାର ବୀମା ରହିଛି।

## ସଂସ୍ଥାର ଏମ୍‌ଡି, ମ୍ୟାନେଜରଙ୍କୁ ୭ ବର୍ଷ ଜେଲ

ବ୍ରହ୍ମପୁର ଅଫିସ,୨୩।୭

**ଚିଟ୍‌ଫଣ୍ଡ ଠକେଇ ମାମଲା**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଓପିଆଇଡି କୋର୍ଟରେ ବିଚାରପତି ଦେବାଶିଷ ପଣ୍ଡା ଶୁକ୍ରବାର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ମିଳିଥିବାରୁ ଶ୍ରୀରାମକ୍ରିଷ୍ଣା ଇଲେକ୍‌ଟ୍ରୋ କଣ୍ଟ୍ରୋଲ୍ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି ଚନ୍ଦ୍ରକାନ୍ତ ଭାର୍ଗବ ଗୋଲେ ଏବଂ ମ୍ୟାନେଜର ସୁରେଶ ଚନ୍ଦ୍ର ପାଢ଼ୀଙ୍କୁ ଦଣ୍ଡିତ କରିଛନ୍ତି। କୋର୍ଟ ପ୍ରତ୍ୟେକଙ୍କୁ ୭ବର୍ଷ ୬ମାସ ଲେଖାଏ କରାଦଣ୍ଡ ଶୁଣାଇଛନ୍ତି। ଏଥିସହିତ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟ ପ୍ରକାଶ ପାଇଛି।

ପ୍ରକାଶ ଯେ, କୋଲକାତାର ଚନ୍ଦ୍ରକାନ୍ତଙ୍କ ଅର୍ଥଲଗାଣକାରୀ ସଂସ୍ଥାରେ ଟଙ୍କା ଜମା କଲେ ଅଧିକ ହାରରେ ସୁଧ ମିଳିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଅଧିକାଂଶ ଜମାକାରୀ ଟଙ୍କା ଫେରି ପାଇ ନ ଥିଲେ। ଲକ୍ଷ୍ମୀଚରଣ ଦାସ ନାମକ ଜଣେ ଜମାକାରୀ ଏ ନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ। ଗତ ୨୦୧୩ଅଗଷ୍ଟ ୨୭ରେ ସଂସ୍ଥାର ଏମ୍‌ଡି ଓ ଶାଖା ପରିଚାଳକଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବିଜୟ ପ୍ରଧାନ ମାମଲା ପରିଚାଳନା କରିଥିଲେ।



ଡିଇଏଲ୍‌ଇଡି ପରୀକ୍ଷା ଓ ଫଳ ପ୍ରକାଶନ ତାରିଖ ଶୀଘ୍ର ଘୋଷଣା କରିବା ସହ ପରିବର୍ଦ୍ଧିତ ଇଣ୍ଟର୍ନଶିପ୍ ବନ୍ଦ ଦାବିରେ ନିଖିଳ ଓଡ଼ିଶା ଡିଇଏଲ୍‌ଇଡି ଛାତ୍ର ସଂଘ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଭିମ୍‌ସାରରେ ହେବ ଅତ୍ୟାଧୁନିକ ଲାଇବ୍ରେରି

ସମ୍ବଲପୁର,୨୩।୭(ବ୍ୟୁରୋ)

**୧୬ କୋଟି ମଞ୍ଜୁର କଲେ ରାଜ୍ୟ ସରକାର**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ଅତ୍ୟାଧୁନିକ ଲାଇବ୍ରେରି ନିର୍ମାଣ ହେବ। ଏ ନେଇ ରାଜ୍ୟ ସରକାର ବିଧିବଦ୍ଧ ଭାବେ ଘୋଷଣା କରିବା ସହ ୧୬ କୋଟି ୪୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଭିମ୍‌ସାର ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ଲଳିତ ମେହେର କହିଛନ୍ତି।

ସେ ଆହୁରି କହିଛନ୍ତି, ଲାଇବ୍ରେରି ଅତ୍ୟାଧୁନିକ ମଡେଲରେ ନିର୍ମାଣ କରାଯିବ। ମୋଟ ୬ ମହଲା କୋଠା ସହ ଲିଫ୍ଟ ବ୍ୟବସ୍ଥା ରହିବ। ନୂତନ କୋଠାରେ ଲାଇବ୍ରେରି ସହିତ କ୍ୟାଣ୍ଟିନ ଓ ଅନ୍ୟ କେତେକ ଛୋଟ ଅଫିସ ରହିବ। ଲାଇବ୍ରେରିରେ ଏକସଙ୍ଗେ ୩୫୦ଜଣ ବସି ଅଧ୍ୟୟନ କରିପାରିବେ। ଏଥିରେ ଅଧାପକ ଓ ଡାକ୍ତର ପଢିବା ପାଇଁ ଅଲଗା ବ୍ୟବସ୍ଥା କରାଯିବ। ସେହିପରି କ୍ୟାଣ୍ଟିନରେ ଏକସଙ୍ଗେ ୨୫୦ ଜଣ ବସି ଖାଇପାରିବେ। ପୂର୍ବତନ ଜେଡିଏ ସଭାପତି ଡାକ୍ତର ସଞ୍ଜୀବ ମିଶ୍ର କହିଛନ୍ତି, କଲେଜର ଅଧାପକ ଅଧାପିକା ଓ ଛାତ୍ରୀଛାତ୍ର ଅନୁସାରେ ଲାଇବ୍ରେରିରେ ସ୍ଥାନ କମ୍ ଥିଲା। ପାଠ ପଢିବା କିମ୍ବା ରିସର୍ଚ୍ଚ କରିବା ପାଇଁ ଆବଶ୍ୟକ ସୁବିଧା ହେଉ ନ ଥିଲା। ୨୦୨୦ରେ ଉନ୍ନୟନ କମିଶନରଙ୍କ ନିକଟରେ ଲାଇବ୍ରେରି ନିର୍ମାଣ ପାଇଁ ଦାବି କରାଯାଇଥିଲା।

## ‘ସରକାରୀ ଚାକିରି ଲାଗି ସର୍ବାଧିକ ବୟସ ସୀମା ୪୨ ବର୍ଷ କରାଯାଉ’

ଭୁବନେଶ୍ୱର, ୨୩।୭(ବ୍ୟୁରୋ)

ସରକାରୀ ଚାକିରିରେ ନିଯୁକ୍ତି ପାଇଁ ସର୍ବାଧିକ ବୟସସୀମା ୪୨ ବର୍ଷ ଧାର୍ଯ୍ୟ କରାଯାଉ। ରାଜ୍ୟରେ ୨୧ ବର୍ଷର ନିରଙ୍କୁଶ ଶାସନ ପରେ ମଧ୍ୟ ଯୁବପିଢ଼ି ନିଯୁକ୍ତି ନ ପାଇ ଦିଗହରା ହେବା ସହ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ, ଓଡ଼ିଶା ସବ୍ ଅର୍ଡିନେଟ ଷ୍ଟାଫ୍ ସିଲେକଶନ କମିଶନ, ଓଡ଼ିଶା ଷ୍ଟାଫ୍ ସିଲେକଶନ କମିଶନ, ଷ୍ଟେଟ ସିଲେକଶନ ବୋର୍ଡ ନିୟମାନୁସାରେ ପ୍ରତିବର୍ଷ ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା କଥା। ମାତ୍ର ତାହା ନ ହେବା ଯୋଗୁ ବହୁ ଆଶାୟୀ ମେଧାବୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଛି ବୋଲି ଯୁବକଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଓଡ଼ିଶା ସରକାରୀ ଚାକିରି ପାଇଁ ଆଶାୟୀଙ୍କ ସର୍ବାଧିକ ବୟସସୀମା ୩୨ ବର୍ଷ ହୋଇଥିବା ଯୋଗୁ ବହୁ ମେଧାବୀ ସରକାରୀ ଚାକିରିରୁ ବଞ୍ଚିତ ହେଉଛନ୍ତି। ଦେଶର ଅନ୍ୟ କେତେକ ରାଜ୍ୟରେ ସରକାରୀ ଚାକିରି ପାଇଁ ସର୍ବାଧିକ ବୟସସୀମା ୪୦ ଉପରେ ରଖାଯାଇଛି। ଗୋଆରେ ୪୫, ଆସାମରେ ୪୪, ତେଲଙ୍ଗାନାରେ ୪୪, ଆନ୍ଧ୍ରରେ ୪୨, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ୪୦ ବର୍ଷ ରହିଛି। ତେଣୁ ପ୍ରଥମେ ରାଜ୍ୟରେ କେଉଁ ବିଭାଗରେ କେତେ ସଂଖ୍ୟାରେ ସରକାରୀ ଚାକିରି ପଦବୀ ଖାଲି ପଡ଼ିଛି ତାହାର ଶ୍ୱେତପତ୍ର ରାଜ୍ୟ ସରକାର ଜାରି କରନ୍ତୁ। ଦେଶର ଅଧିକାଂଶ ରାଜ୍ୟରେ ସରକାରୀ ନିଯୁକ୍ତି ବୟସସୀମା ବୃଦ୍ଧି ହୋଇସାରିଥିବା ବେଳେ ଆମ ରାଜ୍ୟରେ ନ ହେବାର ନିର୍ଦ୍ଦିଷ୍ଟ କାରଣ କ’ଣ ସରକାର କୁହନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି। ଏନେଇ ସ୍ମୃତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ପାଟଣା,୨୩।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରୀଆ ପଞ୍ଚାୟତ ତଣ୍ଡ ମାଝି ସାହିର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ରେଣ୍ଟା ମାଝିଙ୍କ ପୁଅ ସୀତାରାମ(୨୫)। ୪ ଦିନ ତଳୁ ସେ ଘରୁ ନିଖୋଜ ଥିଲେ। ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ବୈତରଣୀ ନଦୀକୂଳ ବିଲ ମଝିରେ ଥିବା ଏକ ଜାମୁଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ମୃତ ସୀତାରାମଙ୍କ ଗୋଡ଼ ଓ ଶରୀର ଭୂଇଁରେ ଲାଗିଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନାହିଁ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି।

## ଗହୀରମଥାରେ ବିରଳ ପ୍ରଜାତିର ବଗ

ମହାକାଳପଡ଼ା,୨୩।୭ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ପ୍ରତିବର୍ଷ ସାଇବେରିଆରୁ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀଙ୍କ ଆଗମନ କରିଥାନ୍ତି। ସାଧାରଣତଃ ଓଡ଼ିଶାରେ ଧଳା ଓ ଧୂସର ରଙ୍ଗର ବଗ ଦେଖିବାକୁ ମିଳିଥାନ୍ତି। କିଛିଦିନ ହେବ ଏହି ଅଞ୍ଚଳରେ ଲୋହିତ ରଙ୍ଗର ବଗ ଦେଖିବାକୁ ମିଳୁଛି। ଏମାନେ ଚାଷ ଜମିରେ ବିଭିନ୍ନ କୀଟ ପତଙ୍ଗ, ଚୂନା ମାଛ, ଝିଣ୍ଟିକା ଆଦି ଖାଦ୍ୟ ରୂପେ ଗ୍ରହଣ କରୁଛନ୍ତି। ଆକାଶରେ ଧଳା ବଗ ସହ ଲୋହିତ ରଙ୍ଗର ବଗ ଉଡ଼ିବା ପରିବେଶ ପ୍ରତି ଖୁବ୍ ଶୁଭ ସୂଚନା ମିଳେ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଲି କହିଛନ୍ତି। ତାଙ୍କ କହିବା କଥା, ଉପକୂଳ ଲୁଣା ଓ ହେନ୍ତାଳ ବଣରେ ଏହି ପକ୍ଷୀମାନେ ବସା ବାନ୍ଧିଛନ୍ତି। ଏହି ପ୍ରଜାତିର ବିଦେଶୀ ପକ୍ଷୀକୁ ଲୋହିତ ରଙ୍ଗର ବଗ କୁହାଯାଏ। ଏହି ଅଞ୍ଚଳରେ ଚାଷ ଜମିଗୁଡ଼ିକରେ ପ୍ରଥମଥର ପାଇଁ ଏହି ଲୋହିତ ରଙ୍ଗ ବଗ ଦେଖିବାକୁ ମିଳିଛି। ଏହି ରଙ୍ଗର ବଗ ଜମ୍ବୁ ଗୋବରୀ ନଦୀ ନିକଟ ଏକ ଚାଷ ଜମିରେ ଟ୍ରାକ୍ଟରରେ ସାହାଯ୍ୟରେ କାଦୁଅ ହେଉଥିବା ବେଳେ ପଛ ପାର୍ଶ୍ୱ ଧଳା ବଗମାନଙ୍କ ଗହଣରେ


ଜମ୍ବୁ ଗୋବରୀ ନଦୀ କୂଳ ଚାଷ ଜମିରେ ଲୋହିତ ରଙ୍ଗ ବଗ।

ଦେଖିବାକୁ ମିଳିଛି। ଅପରପକ୍ଷେ ପକ୍ଷୀ ପ୍ରେମୀ ସୁବାସ ସ୍ୱାଇଁ କୁହନ୍ତି, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରକନିକା ଜାତୀୟ ଉଦ୍ୟାନ ପାର୍ଶ୍ୱବର୍ତ୍ତୀ ହୋଇଥିବାରୁ ଏହି ବିରଳ ପ୍ରଜାତିର ଲୋହିତ ବଗ ଅନ୍ୟ ବିଦେଶୀ ପକ୍ଷୀମାନଙ୍କ ସହ ସଂଯୋଗ ବଶତଃ ଖାଦ୍ୟ ଅନ୍ୱେଷଣରେ ଏଠାକୁ ଆସି ଥାଇପାରନ୍ତି। ଏହି ପ୍ରଜାତିର ପକ୍ଷୀ ସାଇବେରିଆ ଅଞ୍ଚଳରେ ବସବାସ କରନ୍ତି। ଏମାନେ ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ଦେଖା ଦେଇଥିବାରୁ ବନ ବିଭାଗ ସୁରକ୍ଷା ଦେବା ଜରୁରୀ ହୋଇପଡିଛି। ଶିକାରୀମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଉ। ଏହି ଅଞ୍ଚଳ ଜଳବାୟୁରେ ଏମାନଙ୍କ ବଂଶ ଯଦି ବିସ୍ତାର ହୋଇପାରିଲା ତେବେ ଆଗାମୀ ଭବିଷ୍ୟତରେ ପକ୍ଷୀ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହେବ ବୋଲି ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କୁ ପଚାରିବାରେ ଏହି ଲୋହିତ ବର୍ଣ୍ଣ ବଗ ସମ୍ପର୍କରେ ପ୍ରଥମଥର ଖବର ମିଳିଲା। ଏହାର ସୁରକ୍ଷା ପାଇଁ ବିଭାଗ ଯତ୍ନବାନ ରହିବ ବୋଲି ସେ କହିଛନ୍ତି।

## ସାମୁଦ୍ରିକ ଖାଦ୍ୟ ରପ୍ତାନି ୩୦୦୦ କୋଟି ଛୁଇଁଲା

ଭୁବନେଶ୍ୱର,୨୩।୭(ବ୍ୟୁରୋ)

ଲୁଣାପାଣି ମାଛଚାଷ କ୍ଷେତ୍ରରେ ରାଜ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ଗତ ୧୦ ବର୍ଷ ମଧ୍ୟରେ ଉତ୍ପାଦନ ୭୪୭ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଓଡ଼ିଶାରୁ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ୨୦୧୧-୧୨ ଆର୍ଥିକ ବର୍ଷରେ ସମୁଦାୟ ଉତ୍ପାଦନ ପ୍ରାୟ ୧୧,୪୬୦ ମେଟ୍ରିକ୍ ଟନ୍ ଥିବା ବେଳେ ୨୦୨୦-୨୧ ବର୍ଷରେ ଏହା ପ୍ରାୟ ୯୭,୧୨୫ ମେଟ୍ରିକ୍ ଟନକୁ ବୃଦ୍ଧି ପାଇଛି। ଉତ୍ପାଦନ ବୃଦ୍ଧି ସହ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ମଧ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୧୦-୧୧ ବର୍ଷରେ ସମୁଦାୟ ରପ୍ତାନି ମୂଲ୍ୟ ୮୦୧ କୋଟି ଟଙ୍କା ଥିଲା। ଲଗାତର ଭାବେ ପ୍ରତି ବର୍ଷ ଏହା ବୃଦ୍ଧି ପାଇ କୋଭିଡ୍ ମାନ୍ଦାବସ୍ଥା ସତ୍ତ୍ୱେ ୨୦୨୦-୨୧ ମସିହାରେ ୩୧୦୭କୋଟି ଟଙ୍କାରେ ପହଞ୍ଚିଛି।। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରୁ ଏହା ଜଣାପଡିଛି।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଲୁଣାପାଣି ମାଛଚାଷ ନିମନ୍ତେ ଜମି ଲିଜ୍ ଦେବା ସମ୍ବନ୍ଧିତ ବ୍ୟବସ୍ଥା ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ। ପ୍ରଚଳିତ ନିୟମ ଏବଂ ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତି ସମୀକ୍ଷା କରି ଏହି ଅର୍ଥକରୀ କ୍ଷେତ୍ରର ଅଧିକ ବିକାଶ ନିମନ୍ତେ ଏକ ସରଳ, ସମନ୍ୱିତ ଏବଂ ଦୂରଦର୍ଶୀ ନିୟାମକ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଇଡ୍‌କୋ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ମିଳିତ ଭାବେ ଏହି ନିୟାମକ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀ, ଉଦ୍ୟୋଗୀ ଏବଂ କ୍ଷେତ୍ର ସହ ସମ୍ପୃକ୍ତ ସମସ୍ତ ସଂସ୍ଥାଗୁଡ଼ିକ ସହିତ ଆଲୋଚନା କରି ସେମାନଙ୍କର ପରାମର୍ଶ ନେଇ ନିୟାମକକୁ ସରଳ, ସୁଗମ ଏବଂ ଲକ୍ଷ୍ୟଭେଦି କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଛି। ବିଭିନ୍ନ ଜିଲାରେ ଲୁଣାପାଣି ମାଛଚାଷ ପାଇଁ ଉପଯୁକ୍ତ ଜମି ଚିହ୍ନଟ କରିବା ନିମନ୍ତେ ଇଡ୍‌କୋ, ମତ୍ସ୍ୟ ଅଧିକାରୀ ଏବଂ ସଂପୃକ୍ତ ଜିଲା ପ୍ରଶାସନକୁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ

- ଲୁଣାପାଣି ମତ୍ସ୍ୟ ଉତ୍ପାଦନ ୯୭,୧୨୫ ମେଟ୍ରିକ୍ ଟନ୍‌କୁ ବୃଦ୍ଧି
- ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ଲ୍ୟାଣ୍ଡ ବ୍ୟାଙ୍କ୍ ସୃଷ୍ଟି କରିବା ଏବଂ ମାଛ ଚାଷ ନିମନ୍ତେ ଲୁଣାପାଣି ସଂଯୋଗ, ରାସ୍ତା ଓ ବିଦ୍ୟୁତ୍ ଆଦି ଭିତ୍ତିଭୂମି ବିକାଶ କାର୍ଯ୍ୟ ଇଡ୍‌କୋ ମାଧ୍ୟମରେ କରାଇବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା। ଲୁଣାପାଣି ମାଛଚାଷ ପାଇଁ ଜାଗା ଚିହ୍ନଟ କଲା ବେଳେ ଉପକୂଳ ନିୟାମକ ଜୋନ୍ ଏବଂ ଉପକୂଳ ମାଛଚାଷ କର୍ତ୍ତୃପକ୍ଷ ଆଇନରେ ଥିବା ନିୟମଗୁଡ଼ିକୁ ବିଚାରକୁ ନେବା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ପରାମର୍ଶ ଦେଇଛନ୍ତି। ମାଛଚାଷୀ ବା ଉଦ୍ୟୋଗୀଙ୍କୁ ଭବିଷ୍ୟତର ସମ୍ଭାବ୍ୟ ଅସୁବିଧାରୁ ସୁରକ୍ଷା ଦେବା ପାଇଁ ପ୍ରଥମରୁ ନିୟମଗୁଡ଼ିକର ଅନୁପାଳନ ପୂର୍ବକ ଜମି ଚିହ୍ନଟ କରିବା ପାଇଁ ମୁଖ୍ୟ ଶାସନ ସଚିବ ମହାପାତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ ଉତ୍ପାଦିତ ସାମୁଦ୍ରିକ ଖାଦ୍ୟ ବିଦେଶ ବଜାରରେ ବେଶ୍ ଆଦୃତ ହୋଇଛି। ଜାପାନ, ଚାଇନା, ଯୁକ୍ତରାଷ୍ଟ୍ର ଆମେରିକା, ୟୁରୋପ ସଂଘ ଅନ୍ତର୍ଭୁକ୍ତ ରାଷ୍ଟ୍ର, ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ର ଏବଂ ମଧ୍ୟପ୍ରାଚ୍ୟ ଆଦି ଦେଶମାନଙ୍କୁ ଓଡ଼ିଶା ଉତ୍ପାଦିତ ସାମୁଦ୍ରିକ ଖାଦ୍ୟ ରପ୍ତାନି କରୁଛି। ରାଜ୍ୟରେ ଉଭୟ ସରକାରୀ ଏବଂ ଘରୋଇ ଜମିରେ ଲୁଣାପାଣି ମାଛ ଚାଷର ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ସଚିବ ଆର. ରଘୁ ପ୍ରସାଦ ସୂଚନା ଦେଇଥିଲେ। ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଆଦି ଜିଲାରୁ ଲୁଣାପାଣି ମାଛ ଚାଷ ପାଇଁ ମିଳିଥିବା ପ୍ରାୟ ୨୦୦୦ ପ୍ରକଳ୍ପ ପ୍ରସ୍ତାବ ଉପରେ ଚଳିତ ନିୟମ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ମଧ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ଅଧିକାରୀ ଏବଂ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, ଇଡ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ବୈଠକରେ ଯୋଗ ଦେଇଥିଲେ।

## ଖିଲିଖିଲି ହସ

ଥରେ ସୋନୁକୁ ଦୀପୁ ପଚାରିଲା–ଆରେ କହିଲୁ, ବିଲେଇ କାହିଁକି ଲାଞ୍ଜ ହଲାଏ ? ଏକଥା ଶୁଣି ସୋନୁ କହିଲା–ଆରେ ବୋକା, ଏକଥା ମୁଁ କେମିତି କହିବି ? ବିଲେଇ ତା' ଲାଞ୍ଜକୁ କାହିଁକି ହଲାଏ, ସେ କଥା ସିଏ ଜାଣିଥିବ।

ଥରେ ସାର୍ ସୁମିତକୁ ପଚାରିଲେ, ଆରେ ସୁମିତ, ତୁ ସେପଟ କ୍ଲାସକୁ ଯାଇ ଦେଖିଲୁ ପିଲାମାନେ କାହିଁକି ଏମିତି ଏତେ ଜୋର୍‌ରେ ପାଟି କରୁଛନ୍ତି। ସୁମିତ କହିଲା, ସାର, ସେପଟକୁ ଯିବା ଦରକାର ନାହିଁ, ମୁଁ ଏପଟରେ ଥାଇ ମଧ୍ୟ ସେପଟରେ କ'ଣ ହେଉଛି ଦେଖିପାରିବି। ସାର୍ କହିଲେ–କେମିତି। ସୁମିତ ଉତ୍ତର ଦେଲା–ସାର୍, ଅତି ସହଜ ଉପାୟ। ଏପଟ କାନ୍ଥରେ ଗୋଟିଏ କଣା କରି ଦିଅନ୍ତୁ। ସେହି କଣା ବାଟ ଦେଇ ମୁଁ ସେପଟ କ୍ଲାସରେ କ'ଣ ହେଉଛି ଆରାମରେ ଦେଖିପାରିବି।

(ଋଦ୍ଧିକ–ମୁନୁ ମଧ୍ୟରେ କଥାବାର୍ତ୍ତା)
ଋଦ୍ଧିକ–ଆଚ୍ଛା କହିଲୁ, 'ଆଇ ଆମ୍ ଗୋଇଙ୍ଗ'ର ଅର୍ଥ କ'ଣ ?
ମୁନୁ–ଏହାର ଅର୍ଥ ହେଲା, ମୁଁ ଯାଉଛି।
ଋଦ୍ଧିକ୍– ତୁ କୁଆଡ଼େ ଯିବୁ ? ପ୍ରଥମେ ମୋ ପ୍ରଶ୍ନର ଠିକ୍ ଉତ୍ତର ଦେ, ତା'ପରେ ଏଠୁ ତୁ ଯୁଆଡ଼େ ଗଲେ ମୋର କିଛି କହିବାର ନାହିଁ।

## କହିଲ ଦେଖି



ରହିଥିଲି ଦିନେ ଚେଇଁକି
ତାକୁ ମୁଁ ଦେଖିବା ପାଇଁକି
ଆସିଲାନି ଜମା ପାଖକୁ
ଚାହିଁଥିଲା ସିଏ ନିଦକୁ
ନିଦ ଆସିବାରୁ ଆଖିରେ
ଦେଖାଦେଲା ସିଏ ନିଦରେ।
ଉ–**ସ୍ୱପ୍ନ**



ଭୋକ ଲାଗିଲେ ସେ ଖୁଆଇ ଦିଏ
ନିଦ ଲାଗିଲେ ସେ ଶୁଆଇ ଦିଏ
ଶୋଷ ଲାଗିଲେ ସେ ପିଆଇ ଦିଏ
ଅବୁଝା ହୋଇଲେ ବୁଝେଇ ଦିଏ
ସଂସାରେ ବଡ଼ ଅଟଇ ସିଏ
ନାମଟି ତାହାର କହିବ କିଏ।
ଉ–**ମାଆ**

ରହିଛି ତାହାର ଦଶଟି ଗୋଡ଼
ତା' ମଧ୍ୟରୁ ଅଟେ ଦୁଇଟି ବଡ଼
ସେ ଦୁଇ ଗୋଡ଼ରେ କେନା ଦୁଇଟି
ଗାତ ଖୋଳି ଗଢ଼େ ନିଜ ଘରଟି
ନଦୀ ସମୁଦ୍ରରେ ଘର ତାହାର
ପାଣିରୁ ଖୋଜଇ ନିଜ ଆହାର
ଦଶରଥ ନାମେ ନାମ ବିସ୍ତାର
କିଏ ସେ କହିବ ନାମ ତାହାର।
ଉ–**କଙ୍କଡ଼ା**





କ୍ଷୀର ଦେଉଥାଏ ମନକୁ ଜାଣି
ଝାଡ଼ା କଲେ ତାହା ହୁଏ ଜାଳେଣି
ଛିଞ୍ଚିଦେଲେ ତାକୁ ହୁଏ ପବିତ୍ର
ଶୁଭ କାର୍ଯ୍ୟେ ତାହା ଲୋଡ଼ା ସର୍ବତ୍ର
ପୂଜ୍ୟା ଅଟେ ସିଏ ଆମରି ପାଇଁ
ଜାଣିଥିଲେ ନାମ ଦିଅଟି କହି।
ଉ–**ଗୋମାତା**

–**ପ୍ରଶାନ୍ତ କୁମାର ନାଥ,** ସୁନ୍ଦରପୁର,ଉତ୍ତରକୂଳ ହାଟ୍, ପ୍ରୀତିପୁର, ଯାଜପୁର

## ଆଇନା


ଦିବ୍ୟାଶ୍ରୀ
୬ବର୍ଷ

## କବିତା



### ମିଶାଣ, ଫେଡ଼ାଣ, ଗୁଣନ, ହରଣ

ଏକ ସଙ୍ଗେ ଏକ ମିଶା
ମିଶାଣ ଫଳଟି ଦୁଇ
ପାଠ ପଢ଼ ମନ ଦେଇ
ଅଧିକ ନମ୍ବର ପାଇଁ।
ଦୁଇରୁ ଦୁଇ ବିୟୋଗ କଲେ
ଉତ୍ତର ହୋଇବ ଶୂନ,
ହୋଇପାରେ ନାହିଁ ଚୋରି
ବିଦ୍ୟା ପରି ମହାଧନ।
ତିନିରେ ତିନି ଗୁଣନ
ନଅ ହୁଏ ଗୁଣଫଳ,
ଖାଇଲେ ସୁଷମ ଖାଦ୍ୟ
ଶରୀରରେ ହୁଏ ବଳ।
ଚାରିରେ ପାଞ୍ଚ ଗୁଣିକି
ପାଞ୍ଚରେ ତାହାକୁ ହର,
ଭାଗଫଳ ସେହି ଚାରି
କରାମତି ଗଣିତର।
ଉପରୋକ୍ତ ଚାରି ସୂତ୍ର
ଆରମ୍ଭରୁ ହୁଏ ପଢ଼ା,
ଗଣିତ ପାଠ ପଢ଼ାରେ
ଏହି ଚାରିଗୋଟି ଲୋଡ଼ା।
–**ବସନ୍ତ କୁମାର ଦାସ,**
*ରମ୍ଭା, ବରୀ*

### ଚାରା ପୋତିଦେବା

ଶୁଖା ମାଟି ଏବେ ବତୁରି ଗଲାଣି
ବରଷାର ଛିଟା ପାଇ
ଉଛୁର ନ କରି ଚାରା ପୋତିଦେବା
ଆସ ମୋ' ଭଉଣୀ ଭାଇ।
ପୋତିଦେଇ ଖାଲି ନୀରବେ ବସିଲେ
ହୋଇବନି କିଛି ଲାଭ
ଆପଣା ପରାଏ ଯତନ ତା'ନେବା
ରଖି ସବୁବେଳେ ଭାବ।
ହସି ହସି ଦିନେ ସେଗୁଡ଼ିକ ବଢ଼ି
ଠିଆହେବେ ହୋଇ ଗଛ
ଶାଗୁଆ ରଙ୍ଗରେ ସୁନ୍ଦର ଦିଶିବ
ଆମ ପରିବେଶ ମଞ୍ଚ।
ଫୁଲ ଫଳ କାଠ ଝୁଣା ଲାଖ ସଙ୍ଗେ
ପାଇବା ଶୀତଳ ଛାଇ
ଅମଳଜାନର ଅଭାବ ହେବନି
ମାଟି କ୍ଷୟ ହେବ ନାହିଁ।
–**ନିରାକାର ଚଇନି**
*ସୁବୁଦ୍ଧିସାହି ପ୍ରାଥମିକ ବିଦ୍ୟାଳୟ,*
*ଗୋଳାବନ୍ଧ, ତେଲକୋଇ, କେନ୍ଦୁଝର*

### ବରଷା ରାଣୀ

ବରଷା ରାଣୀ ଲୋ ବରଷା ରାଣୀ
ଭଲ ଲାଗେ ତୋ'ର ଭିଜା ଓଢ଼ଣୀ।
ତୁ' ଆସିବା ଦେଖି ଧରଣୀ ହସେ
ନଈ ବଢ଼ି ପାଣି ଗାଆଁରେ ପଶେ।
ତୋ'ର ଦରଶନେ ମୟୂର ନାଚେ
ତାଳ ଜାମୁକୋଳି ଗଛରେ ପାଚେ।
ତୁ ଯେବେ ଆସୁ ବଉଦ ହାଟେ
ସାଧବ ବୋହୂଟା ନିଦରୁ ଉଠେ।
ତୋ'ର ଆଗମନେ ହସେ କୃଷକ
ସାରୁ ବୁଦା ମୂଳେ ରଡ଼େ ମଣ୍ଡୁକ।
ତୁହି ପରା ଅଟୁ ଜଗତ ମିତ
ସଲିଳେ ମେଣ୍ଟାଉ ସବୁରି ଚିତ୍ତ।
–**ରାମ ଚନ୍ଦ୍ର ପ୍ରଧାନ**
*ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ*

### ଆକାଶୁ ବରଷା ପଡୁଛି ଝରି



ମେଘର ମେଳଣ ଗଗନେ ହୁଏ,
ବିଜୁଳି ଚମକ ଛାତି ଥରାଏ,
ଅନ୍ଧାର ଘୋଟିଣ ଆସେ
ମାଟି ଆକାଶର ମିଳନ ଖୁସିରେ
ଇନ୍ଦ୍ରଧନୁ ପରା ଦିଶେ।
ଶୋଇପଡ଼ିଥିବା ପଡ଼ିଆ ଭୂଇଁ,
ବରଷା ପରଶେ ଉଠିଛି ଚେଇଁ,
ଡାକୁଛି ପାଖକୁ ଆସ
ଗଛବୃଛ ଯେତେ ଲଗାଇ ଯାଅରେ
ବାଛି ଅନାବନା ଘାସ।
ସବୁଜ ଓଢ଼ଣି ପିନ୍ଧିବ ଧରା,
ମନକୁ ମୋହିବ ଦିଶିବ ତୋରା,
ଯେତେ ଛନ୍ତି ଚାଷୀ ଭାଇ
ଜଗତକୁ ଆହାର ଯୋଗାଇବା ପାଇଁ
ବିଲକୁ ଯିବେ ଯେ ଧାଇଁ।
ବରଷା ରାଣୀ ଲୋ ତୋହରି ପରି
ଦୁନିଆରେ କେହି ହେବେନି ସରି
ଜଗତ ପାଳନକାରୀ,
ନିଜ ଗୁଣ ବଳେ ସକଳ ପ୍ରାଣୀଙ୍କୁ
ଖୁସି ଦେଉ ଅସୁମାରୀ।
–**ସୁବ୍ରତ ମଲିକ**
*କୋରୁଆ, ଧୂଷୁରୀ, ଭଦ୍ରକ*

## ସ୍ମାର୍ଟଫୋନ ଓ ପିଲା

ପିଲାମାନେ ଆଜିକାଲି ସ୍ମାର୍ଟଫୋନ୍ ପ୍ରତି ଏତେ ଅଭ୍ୟସ୍ତ ହୋଇ ପଡିଛନ୍ତି ଯେ ଏଥିପାଇଁ ସେମାନଙ୍କ ଶାରୀରିକ ତଥା ମାନସିକ ବିକାଶରେ ବାଧା ସୃଷ୍ଟି ହେଉଛି। ମୋବାଇଲ, ସ୍ମାର୍ଟଫୋନ, ଟ୍ୟାବ, ଲ୍ୟାପଟପ୍, କମ୍ପ୍ୟୁଟର ଆଦି ବିଭିନ୍ନ ପ୍ରକାରର ଆଧୁନିକ ଉପକରଣକୁ ପିଲାଙ୍କ ଠାରୁ ଯେତେ ଦୂରେଇ ରଖିବେ ସେତେ ଭଲ ବୋଲି ମନୋବିଜ୍ଞାନୀମାନେ କହୁଛନ୍ତି।

ସ୍ମାର୍ଟଫୋନ୍ ପ୍ରଭାବରେ ପିଲାଙ୍କର ମାନସିକ ବିକାଶ, ସେମାନଙ୍କ ବ୍ୟବହାର ଏମିତିକି ସେମାନଙ୍କ କ୍ରିଏଟିଭିଟି ମଧ୍ୟ ପ୍ରଭାବିତ ହୋଇଥାଏ। ଏକାଗ୍ରତା କମି ଯାଇଥାଏ। ଏହାଛଡା ମୁଣ୍ଡବିନ୍ଧା, ଚିନ୍ତା, ଭୟ ଆଦି ବିଭିନ୍ନ ଲକ୍ଷଣ ଦେଖା ଦେଇଥାଏ, ଯାହାକୁ ପ୍ୟାନିକ୍ ଆଟାକ୍ କୁହାଯାଏ।

### ମୁକୁଳାଇବାର ଉପାୟ

- ପ୍ରଥମେ ଅଭିଭାବକମାନେ ନିଜେ ସ୍ମାର୍ଟଫୋନ୍ ଠାରୁ ଦୂରେଇବାକୁ ଚେଷ୍ଟା କରନ୍ତୁ। ଏହାପରେ ପିଲାଙ୍କର କ୍ଲାସ ପାଇଁ କିମ୍ବା ଅନ୍ୟାନ୍ୟ କାମ ପାଇଁ ଆପଣ ହିଁ ଫୋନ୍‌କୁ କଣ୍ଟ୍ରୋଲ କରି ସେମାନଙ୍କୁ ଦିଅନ୍ତୁ। ଫଳରେ ସେମାନଙ୍କୁ ଅନୁଭବ ହେବ କି ଫୋନ୍ ବ୍ୟବହାର କରିବା ସେମାନଙ୍କ ପାଇଁ ଠିକ୍ ନୁହେଁ।



- ଛୋଟବେଳରୁ ପିଲାଙ୍କୁ ସ୍ମାର୍ଟଫୋନ ଠାରୁ ଦୂରେଇ ରଖିବାକୁ ଯଥାସମ୍ଭବ ଚେଷ୍ଟା କରନ୍ତୁ।
- ଅଭିଭାବକମାନେ ପିଲାଙ୍କ ସହିତ ଅଧିକ ସମୟ କାଟନ୍ତୁ। ସେମାନଙ୍କ ସହିତ ଅଧିକ ସମୟ ଗପସପ କରି ସେମାନଙ୍କୁ ଖୁସି କରିବାକୁ ଚେଷ୍ଟା କରନ୍ତୁ।
- ପିଲାଙ୍କ ପାଠ ପଢା ପାଇଁ ସ୍ମାର୍ଟଫୋନ୍ କିମ୍ବା ଲ୍ୟାପଟପ୍ ନିହାତି ଆବଶ୍ୟକ ଥିଲେ ଏପରି ସ୍ଥାନରେ ପିଲାଙ୍କୁ ବସାନ୍ତୁ ଯେପରି ଆପଣଙ୍କୁ କମ୍ପ୍ୟୁଟର ସ୍କ୍ରିନ୍ ଭଲଭାବେ ଦେଖା ଯାଉଥିବ।
- ଏକ ନିର୍ଦ୍ଦିଷ୍ଟ ସମୟରେ ହିଁ ପିଲାଙ୍କ ସହ ଏକାଠି ବସି ଫୋନ୍ କିମ୍ବା ଟିଭି ଦେଖନ୍ତୁ।
- ପିଲାଙ୍କ ସହ ମିଶି ଅଭିଭାବକମାନେ ଏକାଠି ବାହାରକୁ ସାଙ୍ଗ ହୋଇ ବୁଲିବାକୁ ଯାଆନ୍ତୁ।

## ତୁଳୀ ତୁଳିକା




ଦର୍ଶନ ଆଚାର୍ଯ୍ୟ
କ୍ଲାସ–୪, ଜାଭିୟର ହାଇସ୍କୁଲ, ଖୋର୍ଦ୍ଧା



**ଇଶାନ୍ ପ୍ରଜ୍ଞା ସାମନ୍ତରାୟ**
କ୍ଲାସ–୩, ସିଲଭର ଓକସ୍
ଇଣ୍ଟରନ୍ୟାଶନାଲ୍ ସ୍କୁଲ, ହାଇଦ୍ରାବାଦ




**ସ୍ୱାଗତ ମେହେର**
କ୍ଲାସ–୫, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ, ଖଡ଼ିଆଳ, ନୂଆପଡ଼ା



**ସାଇରାଜ ପତି**
କ୍ଲାସ–୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବାଇଁଶିଆ, ଢେଙ୍କାନାଳ

## କର୍ମ ଆଉ ଭାଗ୍ୟ...

**ଗପ**

କିଛି ଲୋକ ଅଛନ୍ତି ଯିଏ ନିଜର ପରିଶ୍ରମକୁ ଗୁରୁତ୍ୱ ଦେଇଥାନ୍ତି ଆଉ କିଛି ଲୋକ ଭାଗ୍ୟଫଳ ହିଁ ସବୁ କିଛି ବୋଲି ଭାବି ନେଇଥାନ୍ତି। ଏହାକୁ ନେଇ ଗପଟିଏ।

ଗୋଟିଏ ଜଙ୍ଗଲରେ ଜଣେ ମହାତ୍ମା ରହୁଥିଲେ । ଜଙ୍ଗଲ ମଧ୍ୟରେ ଗୋଟିଏ ନଦୀ ପ୍ରବାହିତ ହେଉଥିଲା । ନଦୀର ଦୁଇ କୂଳରେ ଦୁଇ ଜଣ ରାଜାଙ୍କର ରାଜ୍ୟ ଥିଲା । ସେ ଦୁଇ ଜଣଙ୍କ ମଧ୍ୟରେ ଶତ୍ରୁତା ଥିଲା । କିନ୍ତୁ ଦୁଇ ଜଣଯାକ ରାଜା ସେହି ମହାତ୍ମାଙ୍କର ପରାମର୍ଶ ନେଇ କାମ କରୁଥିଲେ ।

ସମୟ ଗଡ଼ି ଚାଲିଲା। ଦୁଇ ରାଜାଙ୍କ ମଧ୍ୟରେ କଳହ ଆହୁରି ବଢ଼ି ଚାଲିଲା। ଆଉ ଦୁଇ ଜଣ ନିଜ ଭିତରେ ଯୁଦ୍ଧ କରିବେ ବୋଲି ସ୍ଥିର କଲେ । ଜଣେ ରାଜା ମହାତ୍ମାଙ୍କ ପାଖକୁ ଯାଇ ଯୁଦ୍ଧ କରିବା କଥା କହିଲେ । ମହାତ୍ମା କହିଲେ, ମହାରାଜ! ଏବେ ଆପଣଙ୍କ ଭାଗ୍ୟରେ ଯୁଦ୍ଧ କରିବାଟା ଉଚିତ ହେବ ନାହିଁ, ଆପଣଙ୍କୁ ସଫଳତା ମିଳିବ ନାହିଁ। ସେ ଏହା ଶୁଣି ଦୁଃଖୀ ହୋଇଗଲେ ଆଉ ମହାତ୍ମାଙ୍କଠୁ ଆଶୀର୍ବାଦ ନେଇ ଫେରି ଆସିଲେ । ସେ ନିଜର ସୈନିକଙ୍କୁ ଶପଥ କରାଇ କହିଲେ ଯାହା ହେବ ଦେଖା ଯିବ! ଯଦି ମରିବାର ଥିବ ମରିବା ନ ହେଲେ ମାରିକି ଆସିବା। ଦ୍ୱିତୀୟ ରାଜା ମହାତ୍ମାଙ୍କ ପାଖକୁ ଯାଇ ନିଜର ଯୁଦ୍ଧର ସ୍ଥିତି ବିଷୟରେ ବୁଝିଲେ ଆଉ ମହାତ୍ମା କହିଲେ,ଏହି ଯୁଦ୍ଧ ତୁମ ଭାଗ୍ୟରେ ଯଶ–କୀର୍ତ୍ତି ଆଉ ସଫଳତା ଆଣିବ।

ସେ ରାଜା ବହୁତ ଖୁସିର ସହିତ ନିଜ ରାଜ୍ୟକୁ ଫେରି ଆସିଲେ । ସମସ୍ତଙ୍କୁ ମହାତ୍ମାଙ୍କର ଭବିଷ୍ୟବାଣୀର କଥା କହିବାକୁ ଲାଗିଲେ। ଆଉ କ'ଣ ଥିଲା! ତା'ପରଦିନ ଦ୍ୱିତୀୟ ରାଜା ଯୁଦ୍ଧର ପ୍ରସ୍ତୁତି ସହିତ ଯୁଦ୍ଧ ପାଇଁ ବାହାରିଗଲେ। ହଠାତ୍ ରାଜାଙ୍କ ଘୋଡ଼ାର ନାଡ଼ ଛିଣ୍ଡିଗଲା । ମନ୍ତ୍ରୀ କହିଲେ, ମହାରାଜ! ଘୋଡ଼ାର ନାଡ଼ ଛିଣ୍ଡି ଯାଇଛି ଯଦି ତା'ର ନାଡ଼ ବଦଳେଇ ଦେବା ତା'ହେଲେ ଭଲ ହେବ।

ରାଜାଙ୍କୁ ମହାତ୍ମାଙ୍କ ଭବିଷ୍ୟବାଣୀ ଉପରେ ଭରସା ଥିଲା । ସେଥିପାଇଁ ସେ ଗର୍ବର ସହିତ କହିଲେ...ଆମେ ତ ଏହି ଯୁଦ୍ଧ ଜିତିବା।



ଘୋଡ଼ାର ନାଡ଼ ଭାଙ୍ଗି ଯାଇଛି! କିଛି କଥା ନାହିଁ। ଚାଲ ଯୁଦ୍ଧ ସ୍ଥଳକୁ।

ରାଜା ଯୁଦ୍ଧ ଭୂମିରେ ଆସି ପହଞ୍ଚିଲେ । ଦୁଇ ପଟର ସେନା ପରସ୍ପର ଉପରକୁ କୁଦି ପଡ଼ିଲେ । କିଛି ସମୟରେ ଦୁଇ ରାଜା ମୁହାଁମୁହିଁ ହେଲେ । ଏହି ସମୟରେ ଦ୍ୱିତୀୟ ରାଜାଙ୍କର ଘୋଡ଼ାର ନାଡ଼ ପୂରା ଛିଣ୍ଡିଗଲା। ଆଉ ଘୋଡ଼ାର ଗୋଡ଼ ଖରାପ ହୋଇଗଲା। ସେ ଚାଲିବାକୁ ଅସମର୍ଥ ଥିଲା। ପ୍ରଥମ ରାଜା ଦ୍ୱିତୀୟ ରାଜାଙ୍କୁ ବନ୍ଦୀ କରିନେଲା । ଏହି ଯୁଦ୍ଧ ଜିତିଲା ପରେ ପ୍ରଥମ ରାଜା ମହାତ୍ମାଙ୍କ ପାଖକୁ ଯାଇ ପଚାରିଲା, ଆପଣ ତ କହିଥିଲେ ମୋତେ ଯୁଦ୍ଧରେ ସଫଳତା ମିଳିବନି ବୋଲି। କିନ୍ତୁ ମୁଁ ତ ଜିତିଗଲି। ରାଜାଙ୍କ କଥା ଶୁଣି ମହାତ୍ମା କହିଲେ, ମହାରାଜ! ଆପଣଙ୍କ ଭାଗ୍ୟରେ ସେଇଆ ଲେଖା ହୋଇଥିଲା । ଆପଣ ପରିଶ୍ରମ ଆଉ ନିଜ ବୁଦ୍ଧି ବଳରେ ନିଜର ଭାଗ୍ୟକୁ ବଦଳେଇ ଦେଲେ । ଭାଗ୍ୟ ମଧ୍ୟ ସେମାନଙ୍କ ସହିତ ଥାଏ, ଯିଏ ପରିଶ୍ରମ ଆଉ ବୁଦ୍ଧି ବିଚାରି କାମ କରିଥାଏ।

–**ମନୋଜ କୁମାର ବେହେରା**
୨୧୭, ୟୁନିଟ–୯(ଫ୍ଲାଟ), ବାୟାବାବା ମଠ ଲେନ୍, ଭୁବନେଶ୍ୱର

## ଗିନିଜ୍ ୱାର୍ଲ୍ଡ ରେକର୍ଡ

### ଦାମୀ ଆଇସକ୍ରିମ୍



ପିଲାମାନେ ତୁମେ ତ ଆଇସକ୍ରିମ୍ ଖାଇଥିବ ନିଶ୍ଚୟ। ହେଲେ ଏମିତି ଗୋଟେ ଆଇସକ୍ରିମ ଅଛି, ଯାହାର ଦାମ୍ ୬୦ହଜାର ଟଙ୍କା। ଏଭଳି ଏକ କଥା ଶୁଣିଲେ ହୁଏତ ତୁମକୁ ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଏତେ ଦାମ୍‌ରେ ଏକ ଆଇସକ୍ରିମ୍ ଏବେ ତିଆରି କରିଛି ଦୁବାଇର ସ୍କୋପି କେଫ୍। ଗ୍ରାହକମାନଙ୍କ ପାଇଁ ଏହି କେଫ୍‌ରେ ସ୍ୱତନ୍ତ୍ରଭାବେ ଆଇସକ୍ରିମ୍ ପ୍ରସ୍ତୁତ କରାଯାଇଛି। ଏହି ଆଇସକ୍ରିମ୍‌ରେ ଭାନିଲା ସହିତ ଅନ୍ୟାନ୍ୟ ଫ୍ଲେଭର ଦିଆଯାଇ ସ୍ୱତନ୍ତ୍ରଭାବେ ତିଆରି କରାଯାଇଛି। କିନ୍ତୁ ଏହାକୁ ତିଆରି କରିବା ପାଇଁ ଏଥିରେ ମିଶାଯାଇଛି ସୁନା। ହଁ ଖାଇବା ପାଇଁ ଉପଯୁକ୍ତ ମାତ୍ରାରେ ସ୍ୱତନ୍ତ୍ର ଢଙ୍ଗରେ ସୁନା ପକାଇ ଆଇସକ୍ରିମକୁ ଗାର୍ନିସ୍ କରାଯାଇଛି, ଯେଉଁଥିପାଇଁ ଏହାର ଦାମ୍ ଏତେ ଅଧିକ ହୋଇଛି। ଗୋଟେ କପ୍ ଆଇସକ୍ରିମର ଦାମ୍ ଏତେ ଅଧିକ ହୋଇଥିବାରୁ ଏବେ ଏହା ଗିନିଜ୍ ବୁକ୍ ଅଫ ରେକର୍ଡସରେ ସ୍ଥାନ ପାଇଛି।

## ମତାମତ

- ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଥିଲା। –*ତନୁଜା ପ୍ରିୟଦର୍ଶିନୀ, ଯାଜପୁର*
- 'ପିଲାଙ୍କ ଧରିତ୍ରୀ' ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁ ପାରୁଛି। –*ଦିବ୍ୟରତ୍ନ ସାହୁ, ପୁରୀ*
- 'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣିହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ। –*ପ୍ରତ୍ୟାଶା ଅନିନ୍ଦିତା, ରେଢ଼ାଖୋଲ*
- ଗତ ସପ୍ତାହରେ 'ଗପ' ସ୍ତମ୍ଭରେ ଜଗନ୍ନାଥଙ୍କ ସମ୍ପର୍କିତ ବିଷୟ ପଢ଼ି ଭଲ ଲାଗିଲା। –*ଅମନ କୁମାର ଦାସ, ବ୍ରହ୍ମପୁର*

## ଟଗଲା ଭୀମୁ



## ସଂକ୍ଷେପରେ

### କରେଣ୍ଟ ଲାଗି ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

**ବାଲକାଟୀ,୨୩।୭(ଡି.ଏନ୍.ଏ.):** ବାଲକାଟୀ ଫାଣ୍ଡି ଅନ୍ତର୍ଗତ ମାହାର ସାହିରେ ଶୁକ୍ରବାର ଅପରାହ୍ନରେ କରେଣ୍ଟ ଲାଗି ଜଣେ ଲାଇନ୍‌ମ୍ୟାନଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସ୍ଥାନୀୟ ଡିପୋ ସାହିର ବିଷ୍ଣୁଚରଣ ରାଉତ ଓରଫ ବାବୁନି (୪୦)। ବାବୁନି ପିପିଲି ବିଦ୍ୟୁତ୍ ବିଭାଗରେ ଲାଇନମ୍ୟାନ ଭାବେ କାମ କରନ୍ତି। ମିଳିଥିବା ସୂଚନା ମୁତାବକ, କିଛିଦିନ ହେଲା ବାଲକାଟୀ ମାହାଲ ସାହି ଗ୍ରାମରେ ଥିବା ଏକ ମନ୍ଦିରରେ ଲାଇନ ରହୁ ନ ଥିଲା। ତେଣୁ ଗ୍ରାମର ଜଣେ ବ୍ୟକ୍ତି ମନ୍ଦିର ଲାଇନ ସଜାଡ଼ିବା ପାଇଁ ବାବୁନିଙ୍କୁ ଡାକିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ବାବୁନି ମନ୍ଦିର ଛାତ ଉପରେ ଚଢ଼ି ଲାଇନ କାମ କରୁଥିଲେ। ମାତ୍ର ଛାତ ଓଦା ଥିବାବେଳେ ଅସାବଧାନତାବଶତଃ କରେଣ୍ଟ ଲାଗିଯିବାରୁ ଘଟଣାସ୍ଥଳରେ ବାବୁନି ଅଚେତ ହୋଇପଡ଼ିଥିଲେ। ଖବରପାଇ ସ୍ଥାନୀୟ ବିଦ୍ୟୁତ କର୍ମଚାରୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାବୁନି ପୂର୍ବରୁ ବାଲକାଟୀ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରୁଥିଲେ। କିଛିବର୍ଷ ହେବ ସେ ପିପିଲିକୁ ସ୍ଥାନାନ୍ତର ହୋଇଥିଲେ। ତାଙ୍କ ଅକାଳ ବିୟୋଗକୁ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି।

### ମୁକ୍ତାକାଶରୁ ଖଲାସ ହେଲେ ୫ କଏଦୀ




**ବାରଙ୍ଗ,୨୩।୭(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ କଏଦୀ ଖଲାସ ଆଦେଶ ପାଇବା ପରେ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ଶୁକ୍ରବାର ୫ଜଣ କଏଦୀ ଖଲାସ ହୋଇଛନ୍ତି। ଖଲାସ ହୋଇଥିବା ୫ଜଣ କଏଦୀଙ୍କ ହେଉଛନ୍ତି ୨୦୧୭ରେ ଜିଲା କାରାଗାର କେନ୍ଦୁଝରରୁ ଆସିଥିବା ସୋନାରାମ ମୁଣ୍ଡା, କୋରାପୁଟ ସର୍କଲ ଜେଲରୁ ୨୦୧୫ରେ ଆସିଥିବା ରଘୁନାଥ ଶତପଥୀ, ୨୦୧୮ରେ କୋରାପୁଟ ସର୍କଲ ଜେଲରୁ ଆସିଥିବା ଲୋଖନ ଚେଲାନ୍, ଢେଙ୍କାନାଳ ଜିଲା କାରାଗାରରୁ ୨୦୧୭ରେ ଆସିଥିବା ସନ୍ତୋଷ ପଟ୍ଟନାୟକ, ବ୍ରହ୍ମପୁର ସର୍କଲ ଜେଲରୁ ୨୦୧୮ରେ ଆସିଥିବା ଜଗଦିଶଚନ୍ଦ୍ର ସାହୁଙ୍କୁ ଖଲାସ କରାଯାଇଛି। ଏହି ୫ଜଣ ଖଲାସ ହେବାପରେ ମୁକ୍ତାକାଶ କାରାଶ୍ରମରେ ୪୮ଜଣ କଏଦୀ ରହିଥିବାର ଅଧୀକ୍ଷକ ସ୍ମିତା ମହାନ୍ତି କହିଛନ୍ତି।

### ଦୃଷ୍ଟିହୀନଙ୍କ ଗହଣରେ ଜନ୍ମଦିବସ ପାଳିଲେ ପ୍ରଣବ

**ଭୁବନେଶ୍ୱର,୨୩।୭।(ବ୍ୟୁରୋ):** ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଉତ୍କଳ ଦୃଷ୍ଟିହୀନ ସଂଘର ସଦସ୍ୟଙ୍କ ଗହଣରେ ଶୁକ୍ରବାର ନିଜର ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ବଳବନ୍ତରାୟ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସାମାଜିକ ପ୍ରତିବଦ୍ଧତା କାର୍ଯ୍ୟ କରିବା ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇଛି। ଉତ୍କଳ ଦୃଷ୍ଟିହୀନ ସଂଘ ସଦସ୍ୟ ମାନଙ୍କ ସହ କିଛି ସମୟ ଅତିବାହିତ କରି ନିଜକୁ ଧନ୍ୟ ମନେ କରୁଛି । କୋଭିଡ୍ ନିୟମ ପାଳନ କରି ୨୫ଜଣ ସଦସ୍ୟମାନଙ୍କୁ ଆନୁସଙ୍ଗିକ ସହାୟତା ପ୍ରଦାନ କରାଯାଇଥିଲା।

# ୮ଜଣଙ୍କୁ ଓଡ଼ିଶା ଲଳିତକଳା ଏକାଡେମୀ ପୁରସ୍କାର



ପୁରସ୍କୃତ ଶିଳ୍ପୀଙ୍କ ସହ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥିମାନେ।

**ଭୁବନେଶ୍ୱର, ୨୩।୭ (ବ୍ୟୁରୋ)**

### ୪ଜଣ ପାଇଲେ 'ରାଜ୍ୟସ୍ତରୀୟ ଫଟୋଗ୍ରାଫି ପୁରସ୍କାର'

ଓଡ଼ିଶା ଲଳିତ କଳା ଏକାଡେମୀର ୩୯ତମ ପୁରସ୍କାର ପ୍ରଦାନ ଉତ୍ସବ ଶୁକ୍ରବାର ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮ଜଣ ଚିତ୍ରଶିଳ୍ପୀଙ୍କୁ 'ଓଡ଼ିଶା ଲଳିତ କଳା ପୁରସ୍କାର-୨୦୨୧' ଓ ୪ଜଣଙ୍କୁ 'ରାଜ୍ୟସ୍ତରୀୟ ଫଟୋଗ୍ରାଫି ପୁରସ୍କାର-୨୦୨୦' ପ୍ରଦାନ କରାଯାଇଛି। 'ସୃଜନଶୀଳ ଚିତ୍ର'ରେ ଅନୁପ କୁମାର ଚାନ୍ଦ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ଜ୍ୟୋତି ପ୍ରକାଶ ସେଠୀ, 'ଭାସ୍କର୍ଯ୍ୟ'ରେ ବିଶ୍ୱରଞ୍ଜନ କର ଓ ସୁଧିରଞ୍ଜନ ମହାରଥା, 'ମୁଦ୍ରଣ କଳା'ରେ ସୁଜିତ କୁମାର ସ୍ୱାଇଁ ଓ ବିକାଶ ଚନ୍ଦ୍ର ସେନାପତି ଏବଂ 'ପାରମ୍ପରିକ କଳା'ରେ ପ୍ରମୋଦ କୁମାର ମହାରଣା ଏକାଡେମୀ ପୁରସ୍କାର ପାଇଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ରାଶି ସ୍ୱରୂପ ପ୍ରତ୍ୟେକଙ୍କୁ ୨ ଲକ୍ଷ ଟଙ୍କାର ଚେକ୍, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଛି। ସେହିଭଳି ସଞ୍ଜିତ ପଟ୍ଟନାୟକ, ନିରଞ୍ଜନ ପଣ୍ଡା, ଉଦୟନ ସାରଥି ବେହେରା ଓ ମନୀଷ ରଞ୍ଜନ ସାହୁଙ୍କୁ 'ରାଜ୍ୟସ୍ତରୀୟ ଫଟୋଗ୍ରାଫି ପୁରସ୍କାର' ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ୫୦ହଜାର ଟଙ୍କାର ଚେକ୍ ସହ ମାନପତ୍ର ଓ ଉପଢ଼ୌକନ ଦିଆଯାଇଛି। ଏଥିସହ ୮ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ବାବଦରେ ଉପଢ଼ୌକନ, ମାନପତ୍ର ସହ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ, ଓଡ଼ିଶା ଲଳିତ କଳା ଏକାଡେମୀ ସଭାପତି ତଥା ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ଏକାଡେମୀର ଓଏସ୍‌ଡି ମନସ୍ୱିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏକାଡେମୀ ସଚିବ ପଞ୍ଚାନନ ସାମଲ ପରିଚାଳନା କରିଥିଲେ।

# ସିଡ଼ୀ ଦାଖଲ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ

**କଟକ ଅଫିସ,୨୩।୭**

### ନକଲି ଔଷଧ କାରବାର ମାମଲା

କଟକ ନକଲି ଔଷଧ କାରବାରର ମୁଖ୍ୟ ଅଭିଯୁକ୍ତ ଶିବ ପ୍ରସନ୍ନ ଜେନାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଜେନା ଓ କର୍ମଚାରୀ ସତ୍ୟପ୍ରକାଶ ମହାନ୍ତିଙ୍କ ଜାମିନ ଆବେଦନର ଶୁଣାଣିବେଳେ ହାଇକୋର୍ଟ କେସ୍ ଡାଏରି(ସିଡ଼ୀ) ଦାଖଲ ପାଇଁ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ସତ୍ୟପ୍ରକାଶଙ୍କର ତାରିଖ ଥିବାବେଳେ ଶୁକ୍ରବାର ଶୁଭଲକ୍ଷ୍ମୀଙ୍କର ଜାମିନ ଆବେଦନର ଶୁଣାଣି ରହିଥିଲା। ଜଷ୍ଟିସ ଦେବବ୍ରତ ଦାଶ ଏହି ଶୁଣାଣି କରିଛନ୍ତି। ହାଇକୋର୍ଟ ଉକ୍ତ ମାମଲାର ସିଡ଼ୀ ମଗାଇବା ସହ ଆସନ୍ତା ୨ ସପ୍ତାହ ପରେ ଏହାର ଶୁଣାଣି ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ୍ ୧୧ରେ କଟକ କନିକା ଛକରେ ଥିବା ଶିବଙ୍କର ଔଷଧ ବିତରଣ କମ୍ପାନୀ ମେଡିଏଡ ମେଡିକାମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ରେ ଡ୍ରଗ୍ସ କଂଣ୍ଟ୍ରୋଲର ଚଢାଉ କରି ୬୯ ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାଭିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରିଥିଲେ। ଏହି କମ୍ପାନୀ ମୁମ୍ବାଇର ମାକ୍ସ ରିଲିଫ ହେଲଥ କେୟାର କମ୍ପାନୀରୁ ବହୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରିକି ଷ୍ଟ୍ରିପ ପିଛା ୬୫ ଟଙ୍କାରେ କିଣି ୧୨୯୦ ଟଙ୍କା ଲେଖାଏଁ ବିକ୍ରି କରିବାକୁ ଯୋଜନା କରୁଥିବା ତଦନ୍ତବେଳେ ଜଣାପଡିଥିଲା। ପରେ ନକଲି ଔଷଧ କାରବାର ଘଟଣାରେ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଶିବ, ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଓ ୨ କର୍ମଚାରୀଙ୍କୁ ଏସ୍‌ଟିଏଫ୍ ଗିରଫ କରିଥିଲା।

### ୩୦ ପର୍ଯ୍ୟନ୍ତ ଭର୍ଚୁଆଲରେ ହାଇକୋର୍ଟ ଚାଲିବ

**କଟକ ଅଫିସ,୨୩।୭**

ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ହାଇକୋର୍ଟ ଭର୍ଚୁଆଲ ମୋଡ୍‌ରେ ଚାଲିବ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ପାଳନ କରିବାକୁ ହାଇକୋର୍ଟ ରେଜିଷ୍ଟ୍ରାର(ଜୁଡିସିଆଲ)ଙ୍କ ପକ୍ଷରୁ ସମସ୍ତ କୋର୍ଟ, ଅଧିକାରୀଙ୍କ ନିକଟକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

# ଓଡ଼ିଶାର କ୍ଷିତିଭୂଷଣ ଝାଡ଼ଖଣ୍ଡ ବିଶ୍ୱବିଦ୍ୟାଳୟ କୁଳପତି

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

### ୧୨ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ନିଯୁକ୍ତ



କ୍ଷିତିଭୂଷଣ ଦାସ

ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ୧୨ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳପତିଙ୍କୁ ନିଯୁକ୍ତ କରିଛନ୍ତି। ଏ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏମାନଙ୍କ ମଧ୍ୟରେ ଜଣେ ଓଡ଼ିଆ ପ୍ରଫେସର ମଧ୍ୟ ରହିଛନ୍ତି। ପ୍ରଫେସର କ୍ଷିତିଭୂଷଣ ଦାସଙ୍କୁ ଝାଡ଼ଖଣ୍ଡ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। ସେ ବର୍ତ୍ତମାନ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଉପକୁଳପତି ଅଛନ୍ତି। ପ୍ରଫେସର ଦାସଙ୍କ ଶିକ୍ଷାଦାନ ଓ ଗବେଷଣା କ୍ଷେତ୍ରରେ ୩୮ବର୍ଷର ଅଭିଜ୍ଞତା ରହିଛି। ତାଙ୍କ ଅଧୀନରେ ବହୁ ଛାତ୍ରୀଛାତ୍ର ପିଏଚ୍.ଡି. ଏବଂ ଏମ୍‌ଫିଲ ଡିଗ୍ରୀ ହାସଲ କରିଛନ୍ତି। ସେ ୩ଟି ପୁସ୍ତକ ଲେଖିଥିବାବେଳେ ଏକାଧିକ ଗବେଷଣାତ୍ମକ ନିବନ୍ଧ ଜାତୀୟ ଓ ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି। ପ୍ରଫେସର ଦାସ ଉତ୍କଳ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗରୁ ଅବସର ଗ୍ରହଣ କରିବା ପରେ ଆଇସିଏସ୍‌ଏସ୍‌ଆର୍ ନ୍ୟାଶନାଲ ଫେଲୋ ଏବଂ ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍‌ନୋ)ର ପ୍ରୋ-ଭାଇସ୍ ଚାନ୍ସେଲର ଭାବେ କାର୍ଯ୍ୟ କରିଛନ୍ତି। ଏହାସହିତ ଇଷ୍ଟର୍ନ ରିଜିୟନର ଏନ୍‌ସିଟିଇ ରିଜିଓନାଲ ଚେୟାରପର୍ସନ ଏବଂ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ବୋର୍ଡ ସଦସ୍ୟ ରହିଛନ୍ତି। ଦେଶରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇବାରେ ପ୍ରଫେସର ଦାସ ପ୍ରଥମ ଓଡ଼ିଆ ବୋଲି ଜଣାପଡ଼ିଛି। ନୂଆ ନିଯୁକ୍ତି ସମ୍ପର୍କରେ ପ୍ରଫେସର ଦାସ କହିଛନ୍ତି, ଆଞ୍ଚଳିକ ବିକାଶରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଝାଡ଼ଖଣ୍ଡରେ ଶିକ୍ଷାର ବିକାଶ କ୍ଷେତ୍ରରେ କିଭଳି ଝାଡ଼ଖଣ୍ଡ ବିଶ୍ୱବିଦ୍ୟାଳୟ ସହାୟକ ହେବ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବି। ସେହିପରି କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତିର କାର୍ଯ୍ୟାନ୍ୱୟନ ସାଙ୍ଗକୁ ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା କ୍ଷେତ୍ରରେ କାମ କରିବି ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ଆଉ ୧୧ଜଣଙ୍କ ମଧ୍ୟରେ ହରିୟାଣା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଇଁ ଟଙ୍କେଶ୍ୱର କୁମାର, ଜମ୍ମୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସଞ୍ଜୀବ ଜୈନ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସତ୍ୟ ପ୍ରକାଶ ବନସାଲ, କର୍ଣ୍ଣାଟକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବାଟ୍ଟୁ ସତ୍ୟନାରାୟଣ, ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଥୁକଳିଙ୍ଗନ କ୍ରିଷ୍ଣନ, ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବସୁଥକର ଜେ ରାଓ, ସାଉଥ ବିହାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କାମେଶ୍ୱର ନାଥ ସିଂ, ଉତ୍ତର-ପୂର୍ବାଞ୍ଚଳ ହିଲ୍ ବିଶ୍ୱବିଦ୍ୟାଳୟ ପ୍ରଭା ଶଙ୍କର ଶୁକ୍ଳା, ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ ଆଲୋକ କୁମାର ଚକ୍ରବର୍ତ୍ତୀ, ମୌଲାନା ଆଜାଦ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟ ସୟଦ ଅଇନୁଲ ହାସନ, ମଣିପୁର ବିଶ୍ୱବିଦ୍ୟାଳୟ ଏନ. ଲୋକେନ୍ଦ୍ର ସିଂଙ୍କୁ କୁଳପତି ଭାବେ ନିଯୁକ୍ତି ଦିଆଯାଇଛି। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ୨୨ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲିଥିଲା।

# ରାଜଧାନୀ ରାସ୍ତାରେ ଡଙ୍ଗା ରଖି ପ୍ରତିବାଦ




ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ କଂଗ୍ରେସର ବହୁ ନେତା ଓ କର୍ମୀ ମାଷ୍ଟରକ୍ୟାଣ୍ଟିନ ଛକରେ ଡଙ୍ଗା ରଖି ଅଭିନବ ପ୍ରତିବାଦ କରୁଛନ୍ତି।

**ଭୁବନେଶ୍ୱର, ୨୩।୭(ବ୍ୟୁରୋ)**

### ସରକାର ମୋ' ଡଙ୍ଗା ଯୋଜନା ଆରମ୍ଭ କରନ୍ତୁ: କଂଗ୍ରେସ

ବର୍ଷାଦିନେ ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନ ଜଳାର୍ଣ୍ଣବ ହୋଇଯାଉଛି। ବର୍ଷାଜଳରେ ଯାନବାହାନ ବୁଡ଼ିଯାଉଛି। ପ୍ରତିବର୍ଷ ଏଭଳି ସମସ୍ୟା ଲାଗି ରହିଥିବାବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି, ଯାହାର ଅଭିନବ ପ୍ରତିବାଦ ଜଣାଇଛି ଛାତ୍ର ଏବଂ ଭୁବନେଶ୍ୱର ଜିଲା କଂଗ୍ରେସ। ଦଳୀୟ କାର୍ଯ୍ୟକର୍ତ୍ତାମାନେ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକ ରାସ୍ତା ଉପରେ ପ୍ରତୀକାତ୍ମକ ଭାବେ ଏକ ଡଙ୍ଗା ରଖି ଏହାକୁ ଚଳାଇବାର ଅଭିନୟ କରିବା ସହିତ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଲେ, ନବୀନ ସରକାରର ୨୧ ବର୍ଷର ଶାସନ ରାଜ୍ୟର ସଡ଼କପଥ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଭୁବନେଶ୍ୱରରେ ରାସ୍ତାଘାଟର ଉନ୍ନତି ଲାଗି ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଅବସ୍ଥାରେ ପରିବର୍ତ୍ତନ ହେଉନାହିଁ। ବ୍ୟାପକ ଅର୍ଥ ବାଟମାରଣା ହେଉଛି। ଜଳ ନିଷ୍କାସନର ବ୍ୟବସ୍ଥା ନାହିଁ। ଲୋକଙ୍କ ଘରେ ପାଣି ପଶୁଛି। ଭୁବନେଶ୍ୱରବାସୀ ପ୍ରତିବର୍ଷ ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି। ନୟାପଲ୍ଲୀ ଇସ୍କନ ମନ୍ଦିର ପାଖ, ବମିଖାଲ, ଜନପଥ, ବାପୁଜୀ ନଗର, ଏରୋଡ୍ରମ ଏରିଆ, ବିଜେପି ନଗର, ଡୁମୁଡୁମା ଆଦି ଅଞ୍ଚଳରେ ବର୍ଷାଜନିତ ପରିସ୍ଥିତି ଅତି ଦୟନୀୟ। ତେଣୁ ରାଜଧାନୀର ୬୭ ୱାର୍ଡରେ ବର୍ଷାଦିନେ ଯାତାୟାତ କରିବା ଲାଗି 'ମୋ ଡଙ୍ଗା ଯୋଜନା'ରେ ସରକାର ଡଙ୍ଗା ବ୍ୟବସ୍ଥା କରନ୍ତୁ ବୋଲି ଜଟଣୀ ବିଧାୟକ ତାସଲ୍ୟ କରି କହିଛନ୍ତି।

# ପାହାଳରେ ରସଗୋଲା ଦିବସ ପାଳିତ

**ବାଲିଅନ୍ତା,୨୩।୭(ଡି.ଏନ୍.ଏ.)**

ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଅବସରରେ ଶୁକ୍ରବାର ରାଜଧାନୀ ଉପକଣ୍ଠ ପାହାଳରେ ରସଗୋଲା ଦିବସ ପାଳିତ ହୋଇଯାଇଛି। ଆମ ପାହାଳ ରସଗୋଲା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ଦିବସକୁ ସ୍ଥାନୀୟ ମିଠା ବ୍ୟବସାୟୀମାନେ ସ୍ୱେଚ୍ଛାକୃତ ରକ୍ତଦାନ ଓ ଚାରାରୋପଣ ମାଧ୍ୟମରେ ପାଳନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚାରାରୋପଣ କରିଥିଲେ। ପାହାଳ ସେବା ସମବାୟ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ମୋ ଓଡ଼ିଶା ପରିବାରର ଅରୂପ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ୩୬ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଉତ୍ସବରେ ପ୍ରଶାନ୍ତ କୁମାର ଦାସ, ପଦ୍ମନାଭ ପଟ୍ଟନାୟକ, ଜ୍ୟୋସ୍ନା ପରିଡ଼ା, ଲଗ୍ନା ଦୀପା ମିଶ୍ର, ଅନୁପମା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଦିବସକୁ ରସଗୋଲା ବ୍ୟବସାୟୀ ସଂଘର ଅକ୍ଷୟ କୁମାର ଲେଙ୍କା, ରାଜକିଶୋର ସାହୁ, ନିରଞ୍ଜନ ବେହେରା, ଦୁଃଶାସନ ପ୍ରଧାନ ଓ ଶରତ ବେହେରା ପ୍ରମୁଖ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ସୁଶାନ୍ତ ରାଉତ ଓ ଅନ୍ୟମାନେ।

# ୧ ମିନିଟ୍‌ରେ ୩୪୮ ମୁଷ୍ଟିଘାତ

**ଭୁବନେଶ୍ୱର, ୨୩।୭ (ବ୍ୟୁରୋ)**

### ଗିନିଜ୍ ରେକର୍ଡ ଅପେକ୍ଷାରେ ସତ୍ୟପୀର




ପଞ୍ଚ୍‌ମ୍ୟାନ ଭାବେ ପରିଚିତ ସତ୍ୟପୀର ପ୍ରଧାନ ଆଉଏକ ବିଶ୍ୱ ରେକର୍ଡ ଅପେକ୍ଷାରେ। ସ୍ଲୋଭାକିଆର ମୁଷ୍ଟିଯୋଦ୍ଧା ପାଭେଲ୍ ରୁଷୋଭ୍‌ଙ୍କ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡକୁ ଭାଙ୍ଗି ଭାରତ ତଥା ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଦାବି କରିଛନ୍ତି। ପୂର୍ବରୁ ପାଭେଲ୍ ୧ ମିନିଟ୍‌ରେ ସର୍ବାଧିକ ୩୩୪ଥର ମୁଷ୍ଟି ଘାତ କରି ଗିଜିନ୍ ବୁକ୍‌ରେ ସ୍ଥାନ ପାଇଥିଲେ। ଏବେ ସତ୍ୟପୀର ୩୪୮ଥର ମୁଷ୍ଟି ପ୍ରଘାତ କରି ନୂଆ ରେକର୍ଡ କରିବାକୁ ଯାଉଛନ୍ତି। ଶୁକ୍ରବାର ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସେ ସର୍ବାଧିକ ମୁଷ୍ଟିଘାତ କରି ଦେଖାଇଛନ୍ତି। ସତ୍ୟପୀର ଏଥିପାଇଁ ମାସକ ତଳେ ଆବେଦନ କରିଥିବାବେଳେ ଗତ ୭ ତାରିଖରେ ଅନୁମତି ପାଇଥିଲେ। ରେକର୍ଡର ସମସ୍ତ ତଥ୍ୟ ଓ ଆବଶ୍ୟକ ସୂଚନା ଗିନିଜ୍ ବିଶ୍ୱ ରେକର୍ଡକୁ ପଠାଯିବ। କାର୍ଯ୍ୟକ୍ରମରେ ଏକ୍ସପର୍ଟ ୱିଟ୍‌ନେଶ ଭାବରେ ସୁଧୀର ଚନ୍ଦ୍ର ଛତ୍ରିଆ, ପଞ୍ଚ୍ ପ୍ୟାଡ୍ କିପର୍ ଭାବେ ସୁଜ୍ଞାନ କେଶରୀ ପ୍ରଧାନ, ଟାଇମ କିପର ଭାବରେ କ୍ରୀଡାବିତ୍ ସସ୍ମିତା ରାଉତରାଏ ଓ ଗଜେନ୍ଦ୍ର ବାରିକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସତ୍ୟପୀର ପୂର୍ବରୁ ୨୦୧୭ ଓ ୨୦୧୮ରେ ଗୋଟିଏ ହାତରେ ମୁଷ୍ଟି ପ୍ରଘାତ କରି ଦୁଇଟି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଛନ୍ତି। ବିଭିନ୍ନ କୀର୍ତ୍ତିପାଇଁ ମିଳିତ ଜାତିସଂଘ (ୟୁଏନ୍) ତରଫରୁ ଦିଲ୍ଲୀ ଆଇଆଇଟିରେ ତାଙ୍କୁ 'କର୍ମବୀର ପୁରସ୍କାର' ମିଳିଛି। ଏଥିସହ ଦେଶ ତଥା ଦେଶ ବାହାରେ ମଧ୍ୟ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ମହିଳା ଥାନାରେ ଦମ୍ପତିଙ୍କୁ କାଉନସେଲିଂ

**କଟକ ଅଫିସ,୨୩।୭**

### ଫେସବୁକରୁ ପ୍ରେମ ବିବାହ କରି ପ୍ରତାରଣା ମାମଲା

■ଅଗଷ୍ଟ ୩ରେ ପରିବାର ସହ ହାଜର ହେବେ

ଫେସ୍‌ବୁକ୍ ଚାଟିଂରୁ ଆରମ୍ଭ ହୋଇଥିଲା ବନ୍ଧୁତା। ପରେ ଉଭୟଙ୍କ ମଧ୍ୟରେ ଗଢି ଉଠିଥିଲା ପ୍ରେମ ସମ୍ପର୍କ। ଏହାପରେ ସେମାନଙ୍କର ବିବାହ ହୋଇଥିଲା। ହେଲେ ଏବେ ଏହି ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ସେମାନେ ପରସ୍ପର ବିରୋଧରେ ଆଣିଛନ୍ତି ନିର୍ଯାତନା ଅଭିଯୋଗ। ଏହି ଘଟଣାରେ ଶୁକ୍ରବାର ଦମ୍ପତିଙ୍କୁ ମହିଳା ଥାନାର ମାଧ୍ୟମ କେନ୍ଦ୍ରରେ କାଉନ୍‌ସେଲିଂ କରାଯାଇଥିଲା। ଉଭୟଙ୍କୁ ସାମ୍ନାସାମ୍ନି କରି ମଧ୍ୟସ୍ଥତା ଅଧିକାରିଣୀ ରୋଜା ସାହୁ ଅଭିଯୋଗ ଶୁଣିଥିଲେ। ଏହି ସମୟରେ ଉଭୟ ପରସ୍ପରର ପରିବାର ଉପରେ ଦୋଷ ଲଦିଥିଲେ। ଉଭୟଙ୍କ ପରିବାର ନିର୍ଯାତନା ଦେଉଥିବା କାଉନସେଲରଙ୍କ ଆଗରେ କହିଥିଲେ। ତେବେ ଏଥିରେ କୌଣସି ସୁଫଳ ନ ମିଳିବାରୁ ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୩ ତାରିଖକୁ ଧାର୍ଯ୍ୟ କରାଯାଇଛି। ଏହିଦିନ ଦମ୍ପତିଙ୍କ ସହ ପରିବାର ଲୋକେ ଉପସ୍ଥିତ ରହିବାକୁ କୁହାଯାଇଛି।

ଅଭିଯୋଗ ମୁତାବକ, ଗତବର୍ଷ ଫେସବୁକରେ କଟକ ମର୍କତନଗର ଅଞ୍ଚଳରେ ରହୁଥିବା ମୋହିତ ଶର୍ମାଙ୍କର ଜଣେ ଯୁବତୀଙ୍କ ସହ ପ୍ରେମ ଆରମ୍ଭ ହୋଇଥିଲା। ଗତବର୍ଷ ନଭେମ୍ବର ୨୫ରେ ଉକ୍ତ ଯୁବତୀଙ୍କୁ ବିବାହ କରିଥିଲେ। କିନ୍ତୁ ସ୍ତ୍ରୀ ମୋହିତଙ୍କ ସହ ସମ୍ପର୍କ ନ ରଖି ପ୍ରତାରଣା କରିଥିଲେ। ବରଂ ଅଜଣା ବ୍ୟକ୍ତି ମୋହିତଙ୍କୁ ଫୋନରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଗତ ୧୩ରେ ମୋହିତଙ୍କ ଉପରେ ଆକ୍ରମଣ ହୋଇଥିଲା। ସେ ଗତ ୧୪ରେ ଅଫିସରୁ ଘରକୁ ଆସିବାବେଳେ ତାଙ୍କ ସ୍ତ୍ରୀ ଘରେ ତାଲା ପକାଇଦେଇ ପଳାଇ ଯାଇଥିଲେ। ସ୍ତ୍ରୀ ଓ ତାଙ୍କ ପରିବାର ଲୋକ ନିର୍ଯାତନା ଦେଉଥିବାନେଇ ମୋହିତ ଗତ ୧୭ ତାରିଖରେ ମର୍କତ ନଗର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ମୋହିତଙ୍କ ନାଁରେ ପାଲଟା ଅଭିଯୋଗ ଆଣିଛନ୍ତି ସ୍ତ୍ରୀ। ସେ ମହିଳା ଥାନାରେ ଅଭିଯୋଗ କରିଛନ୍ତି, ବାହାଘର ପରେ ମୋହିତ ତାଙ୍କୁ ନିର୍ଯାତନା ଦେଉଥିଲେ। ମୋହିତ ତାଙ୍କୁ ବାରମ୍ବାର ଟଙ୍କା ମାଗନ୍ତି। ବ୍ୟବସାୟ ପାଇଁ ୧୫ ଲକ୍ଷ ଟଙ୍କା ମାଗିଥିଲେ। ସେ ଟଙ୍କା ନ ଦେବାରୁ ମୋହିତ ତାଙ୍କୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ନେଇ ସେ ମହିଳା ଥାନାରେ ଅଭିଯୋଗ କରିଛନ୍ତି।




ଉଦ୍‌ଘାଟନୀ ସମାରୋହରେ ଟୋକିଓର ନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ଆତସବାଜି କାର୍ଯ୍ୟକ୍ରମ।



ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ସଭାପତି ଥୋମାସ ବାକ୍‌ଙ୍କ ସହ ଜାପାନ ସମ୍ରାଟ ନାରୁହିଟୋ।



ଆମେରିକାର ପ୍ରଥମ ମହିଳା ଜିଲ ବାଇଡେନ ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସହ ଆଲୋଚନାରତ।

## ଶନିବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

● **ଆର୍ଚେରି**

ଦୀପିକା କୁମାରୀ ଓ ପ୍ରବୀଣ ଯାଦବ ବନାମ ଚିଆ-ଇନ୍ ଲସନ୍ ଓ ଚିନ୍-ଚୁନ୍ ଟାଙ୍ଗ(ଚାଇନିଜ ତାଇପେ) ମିକ୍ସଡ ଟିମ୍ ୧/୮ ଏଲିମିନେଶନ୍ସ: ସକାଳ ୬ଟା
ବ୍ରୋଞ୍ଜ ପଦକ ମ୍ୟାଚ: ଅପରାହ୍ନ ୧୨ଟା ୫୫
ସ୍ୱର୍ଣ୍ଣ ପଦକ ମ୍ୟାଚ: ଅପରାହ୍ନ ୧ଟା ୧୫

● **ବ୍ୟାଡ୍‌ମିଣ୍ଟନ**

ସ୍ୱସ୍ତିକସାଇରାଜ ରାଙ୍କିରେଡ୍ଡି/ଚିରାଗ ସେଟୀ ବନାମ ୟାନ ଲୀ/ଚି-ଲିନ୍ ୱାଙ୍ଗ(ଚାଇନିଜ ତାଇପେ) ପୁରୁଷ ଡବଲ୍ସ ଗ୍ରୁପ୍-ଏ ମ୍ୟାଚ: ସକାଳ ୯ଟା ୩୦

● **ବକ୍ସିଂ**

ବିକାଶ କ୍ରିଷ୍ଣନ ବନାମ ସେୱନରେଟ୍ସ କ୍ୱିନ୍ସି ମେନସା ଓକାଜାୱା (ଜାପାନ) ୬୮ କେଜି ରାଉଣ୍ଡ ଅଫ୍ ୩୨ ମ୍ୟାଚ: ଅପରାହ୍ନ ୩ଟା ୫୪

● **ହକି**

ଭାରତ ବନାମ ନ୍ୟୁଜିଲାଣ୍ଡ (ପୁରୁଷ) ପୁଲ୍-ଏ ମ୍ୟାଚ: ସକାଳ ୬ଟା ୩୦
ଭାରତ ବନାମ ନେଦରଲାଣ୍ଡ୍ସ (ମହିଳା), ପୁଲ୍-ଏ ମ୍ୟାଚ: ଅପରାହ୍ନ ୫ଟା ୧୫

● **ଜୁଡୋ**

ଲିକମାବାମ ସୁଶୀଳା ଦେବୀ ବନାମ ଇଭା କାସେର୍ନୋଭିକି (ହଙ୍ଗେରୀ) ମହିଳା ୪୮ କେଜି ରାଉଣ୍ଡ ଅଫ୍ ୩୨ ଏଲିମିନେଶନ ବାଉଟ: ସକାଳ ୭ଟା ୩୦

● **ରୋଇଂ**

ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ ପୁରୁଷ ଲାଇଟୱେଟ ଡବଲ ସ୍କଲ୍ସ ହିଟ୍ ୨: ସକାଳ ୭ଟା ୩୦

● **ଶୁଟିଂ**

ଅପୂର୍ବି ଚାଣ୍ଡିଲା ଓ ଇଲାଭେନ୍‌ଲି ଭାଲାରିଭାନ ମହିଳା ୧୦ ମିଟର ଏୟାର ରାଇଫଲ କ୍ୱାଲିଫିକେଶନ: ସକାଳ ୫ଟା
ମହିଳା ୧୦ ମିଟର ଏୟାର ରାଇଫଲ ଫାଇନାଲ: ସକାଳ ୭ଟା ୧୫
ଅଭିଷେକ ବର୍ମା ଓ ସୌରଭ ଚୌଧାରୀ ପୁରୁଷ ୧୦ ମିଟର ଏୟାର ରାଇଫଲ ଫାଇନାଲ: ମଧ୍ୟାହ୍ନ ୧୨ଟା

● **ଟେବୁଲ ଟେନିସ**


ଅଚନ୍ତ ଶରଥ କମଲ ଓ ମାନିକା ବାତ୍ରା ବନାମ ୟୁନ ଜୁ ଲିନ୍ ଓ ଚିଙ୍ଗ ଚେଙ୍ଗ (ଚାଇନିଜ୍ ତାଇପେ) ମିକ୍ସଡ ଡବଲ୍ସ ରାଉଣ୍ଡ ଅଫ୍ ୧୬ ମ୍ୟାଚ: ସକାଳ ୮ଟା ୩୦
ମାନିକା ବାତ୍ରା ବନାମ ଟିନ୍-ଟିନ୍ ହୋ (ଗ୍ରେଟ୍ ବ୍ରିଟେନ) ମହିଳା ସିଙ୍ଗଲ୍ସ ରାଉଣ୍ଡ ୧ ମ୍ୟାଚ: ଅପରାହ୍ନ ୧୨ଟା ୧୫
ସୁତୀର୍ଥ ମୁଖାର୍ଜୀ ବନାମ ଲିଣ୍ଡା ବେର୍ଗେଷ୍ଟ୍ରୋମ୍ (ସ୍ୱିଡେନ) ମହିଳା ସିଙ୍ଗଲ୍ସ ରାଉଣ୍ଡ ୧ ମ୍ୟାଚ: ଅପରାହ୍ନ ୧ଟା

● **ଟେନିସ**

ସୁମିତ ନାଗାଲ ବନାମ ଡେନିସ ଇସ୍ତୋମିନ (ଉଜ୍‌ବେକିସ୍ତାନ) ପୁରୁଷ ସିଙ୍ଗଲ୍ସ ରାଉଣ୍ଡ ୧ ମ୍ୟାଚ: ସକାଳ ୭ଟା ୩୦

● **ଭାରୋତ୍ତୋଳନ**

ମୀରାବାଇ ଚାନୁ (ମହିଳା ୪୯ କେଜି) ସକାଳ ୧୦ଟା ୨୦



କଳାକାରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ।

# ଝଲସିଲା ନ୍ୟାଶନାଲ ଷ୍ଟାଡିୟମ

**କରୋନା ସଂକ୍ରମଣ ଭୟ ଏବଂ ବିରୋଧ ସତ୍ତ୍ୱେ ବର୍ଷକପରେ ଟୋକିଓର ନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି ଅଲିମ୍ପିକ୍ସର ୩୨ତମ ସଂସ୍କରଣ। ଜାପାନ ସମ୍ରାଟ ନାରୁହିଟୋ ଆନୁଷ୍ଠାନିକଭାବେ ଏହି ମେଗା ପ୍ରତିଯୋଗିତାର ଶୁଭାରମ୍ଭ କରିଛନ୍ତି। ଜାପାନ କଳା ଓ ସଂସ୍କୃତିର ଝଲକ ସହ ଆଖି ଝଲସିଲାଭଳି ଆତସବାଜି କାର୍ଯ୍ୟକ୍ରମ ମଧ୍ୟରେ ଆରମ୍ଭ ହୋଇଛି ଏହି କ୍ରୀଡ଼ା ମହାକୁମ୍ଭ।**

## ନବମ ସ୍ଥାନରେ ଦୀପିକା, ପୁରୁଷ ତୀରନ୍ଦାଜ ନିରାଶ

**ଟୋକିଓ,୨୩।୭:** ଟୋକିଓ ଅଲିମ୍ପିକ୍ସର ପ୍ରଥମ ଦିବସରେ ଭାରତୀୟ ଖେଳାଳିମାନେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଆର୍ଚେରୀରେ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ମହିଳା ତୀରନ୍ଦାଜ ଦୀପିକା କୁମାରୀ ଓ ପୁରୁଷ ପ୍ରତିଯୋଗୀ ଅତନୁ ଦାସ, ପ୍ରବୀଣ ଯାଦବ ଓ ତରୁଣଦୀପ ରାୟ ର୍‍ୟାଙ୍କିଙ୍ଗ ରାଉଣ୍ଡ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ତେବେ ସବୁ ତୀରନ୍ଦାଜଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଦୀପିକା ର୍‍ୟାଙ୍କିଙ୍ଗ ରାଉଣ୍ଡରେ ନବମ ସ୍ଥାନରେ ରହିଥିଲେ। ପୁରୁଷ ଇଭେଣ୍ଟରେ ୩ ଖେଳାଳି ନିରାଶ କରିଥିଲେ। ଦୀପିକା ୭୨୦ରୁ ୬୬୩ ନମ୍ବର ହାସଲ କରିଥିଲେ। ରାଉଣ୍ଡର ପ୍ରଥମାର୍ଦ୍ଧ ପରେ ଦୀପିକା ୩୩୪ ପଏଣ୍ଟ ସ୍କୋର କରି ଚତୁର୍ଥ ସ୍ଥାନରେ ରହିଥିଲେ। ତେବେ ଏହାପରେ ସେ ତଳକୁ ଖସିବା ଆରମ୍ଭ କରିଥିଲେ। ଏହା ସତ୍ତ୍ୱେ ଦୀପିକା ଅଲିମ୍ପିକ୍ସରେ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୬୬୨ ଓ ୨୦୧୬ ରିଓ ଅଲିମ୍ପିକ୍ସରେ ୬୪୦ ସ୍କୋର କରିଥିଲେ। ପୁରୁଷ ତୀରନ୍ଦାଜମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ଅତନୁ ୩୫ତମ ସ୍ଥାନରେ ରହିଥିବା ବେଳେ ପ୍ରବୀଣ ୩୧ତମ ସ୍ଥାନରେ ରହିଥିଲେ। ସେହିପରି ତରୁଣଦୀପ ରାୟ ୩୭ ତମ ସ୍ଥାନରେ ରହିଥିଲେ। ଏବେ ମିକ୍ସଡ ଡବଲ୍ସରେ ଦୀପିକା ଓ ପ୍ରବୀଣ ଯୋଡି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ମିକ୍ସଡ ଡବଲ୍ସ ର୍‍ୟାଙ୍କିଙ୍ଗ୍‌ରେ ଭାରତକୁ ନବମ ସ୍ଥାନ ମିଳିଛି। ପ୍ରତିଯୋଗିତାରେ କୋରିଆ ଖେଳାଳିଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା।









ଅଲିମ୍ପିକ୍ ମଶାଲ ସହ ଟେନିସ ତାରକା ନାଓମି ଓସାକା। ଜାପାନ ଜାତୀୟ ପତାକାକୁ ଉଦ୍‌ଘାଟନୀ ସ୍ଥଳକୁ ନିଆଯାଉଛି। ଅଲିମ୍ପିକ୍ସ ଆୟୋଜନକୁ ବିରୋଧ କରୁଥିବା ବ୍ୟକ୍ତିମାନେ ନ୍ୟାଶନାଲ ଷ୍ଟାଡିୟମ ସମ୍ମୁଖରେ ସୁରକ୍ଷାକର୍ମୀଙ୍କ ଉପସ୍ଥିତିରେ ରାଲିରେ ଯାଉଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ଜୁଲାଇ ୨୪/୨୦୨୧ Rayagada, Saturday, July 24/ 2021







ଶୁକ୍ରବାର ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ଭାରତର ଅଲିମ୍ପିକ୍ସ ପ୍ରତିନିଧି ଦଳକୁ ଶୁଭେଚ୍ଛା ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଅବସରରେ ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ବିଶାଳ କୁମାର ଦେବ।

# ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଲେ କ୍ରୀଡ଼ାମନ୍ତ୍ରୀ

**ନୂଆଦିଲ୍ଲୀ, ୨୩।୭**

ଅଲିମ୍ପିକ୍ସର ୩୨ତମ ସଂସ୍କରଣ ଶୁକ୍ରବାର ଟୋକିଓରେ ଆରମ୍ଭ ହୋଇଥିବାବେଳେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ଅନୁରାଗ ସିଂ ଠାକୁର ପ୍ରତିଷ୍ଠିତ କ୍ରୀଡ଼ାବିତ୍ ଅଲିମ୍ପିକ୍ ବ୍ରୋଞ୍ଜ ମେଡାଲିଷ୍ଟ କର୍ନମ ମାଲେଶ୍ୱରୀ ଏବଂ ଯୋଗେଶ୍ୱର ଦତ୍ତଙ୍କ ସହ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ଅନୁରାଗ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନୀତୀଶ ପରମାଣିକ, ଅଲିମ୍ପିଆନ ଅଖିଲ କୁମାର ଏବଂ ଯୁବ ଶୁଟର ଓ ସନ୍ତରଣକାରୀଙ୍କ ସହ ଏକତ୍ରିତ ହୋଇ ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହ ଦେଖିଥିଲେ। ସେ ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ଓ ସ୍ପ୍ରିଣ୍ଟର ତଥା ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ହିମା ଦାସଙ୍କ ସହ ଆଲୋଚନା କରିଥିଲେ। ଭାରତୀୟ ପ୍ରତିନିଧି ଦଳକୁ ଉତ୍ସାହିତ କରିବା ପାଇଁ ଭର୍ଚୁଆଲ ପ୍ଲାଟଫର୍ମରେ ଅନେକ ଉଚ୍ଚପଦସ୍ଥ ଅଧିକାରୀ ଓ ଆଥ୍‌ଲେଟ ଯୋଗ ଦେଇଥିଲେ। ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମଧ୍ୟପ୍ରଦେଶ କ୍ରୀଡ଼ାମନ୍ତ୍ରୀ ଯଶୋଧାରା ରାଜେ ସିନ୍ଧିଆ, ହକି ଅଲିମ୍ପିଆନ ସନ୍ଦୀପ ସିଂ ପ୍ରମୁଖ ଦେଶର ବିଭିନ୍ନ ଭାଗରୁ ଭର୍ଚୁଆଲି ଯୋଗ ଦେଇଥିଲେ। ଦେଶରେ କ୍ରୀଡ଼ା ସଂସ୍କୃତି ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିବା ଅନୁରାଗ ଅଲିମ୍ପିକ୍ସରେ ଭାଗ ନେଉଥିବା ୧୨୭ ଆଥ୍‌ଲେଟଙ୍କ ପଛରେ ୧୩୦ କୋଟି ଭାରତୀୟଙ୍କ ଶୁଭେଚ୍ଛା ରହିଥିବା ପ୍ରକାଶ କରିଥିଲେ। ଓଡ଼ିଶା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି କହିଥିଲେ ଯେ, "ଆମେ ଭୁବନେଶ୍ୱରରେ ଆଥ୍‌ଲେଟମାନଙ୍କୁ ଯଥାସମ୍ଭବ ସୁବିଧା ସୁଯୋଗ ଯୋଗାଇଦେଇ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରୁଛୁ। ଉନ୍ନତ ଭିତ୍ତିଭୂମି ସହ କ୍ୱାଲିଟି କୋଚିଂ ଦେବାର ବ୍ୟବସ୍ଥା କରାଯାଉଛି"। ଗତ ରିଓ ଅଲିମ୍ପିକ୍ସରେ ୧୧୭ ଭାରତୀୟ ପ୍ରତିଯୋଗୀ ଭାଗନେଇଥିବାବେଳେ ଏଥର ଟୋକିଓରେ ୧୨୭ ଆଥ୍‌ଲେଟ ଅଂଶଗ୍ରହଣ କରୁଛନ୍ତି। ଶୁକ୍ରବାରଠାରୁ ଭାରତର ଅଭିଯାନ ଆରମ୍ଭ ହୋଇଛି।

# ନ୍ୟୁଜିଲାଣ୍ଡ ବିପକ୍ଷରୁ ପୁରୁଷଙ୍କ ଅଭିଯାନ

**ଟୋକିଓ,୨୩।୭(ପି.ଟି.)**

ଅଲିମ୍ପିକ୍ସରେ ଏଥର ଭାରତୀୟ ପୁରୁଷ ଦଳ ପୂର୍ବ ଗୌରବକୁ ଫେରାଇ ଆଣିବାକୁ ପ୍ରୟାସ କରିବ। ସେହିପରି ଭାରତୀୟ ମହିଳା ଦଳ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିବ। ଶନିବାର ଉଭୟ ଦଳ ଅଭିଯାନ ଆରମ୍ଭ କରିବେ। ମନପ୍ରୀତ ସିଂଙ୍କ ନେତୃତ୍ୱରେ ପୁରୁଷ ଦଳ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଅଷ୍ଟମ ସ୍ଥାନରେ ଥିବା ନ୍ୟୁଜିଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ସେହିପରି ମହିଳା ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ନେଦରଲାଣ୍ଡକୁ ଭେଟିବ।

ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳର ଅତୀତ ଗୌରବମୟ ରହିଆସିଛି। ଭାରତୀୟ ଦଳ ୮ଟି ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଶେଷଥର ପାଇଁ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲା। ଏହାପରେ ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନ ନିମ୍ନଗାମୀ ହୋଇଥିଲା। ତେବେ ଗତ କିଛିବର୍ଷ ହେବ ଦଳର ପ୍ରଦର୍ଶନରେ ସୁଧାର ଆସିଛି। ଭାରତ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଚତୁର୍ଥ ସ୍ଥାନରେ ରହିଛି। ଫଳରେ ଭାରତ ଏଥର ପଦକ ହାସଲ କରିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଭାରତ କଷ୍ଟକର ଗ୍ରୁପ୍‌ରେ ସ୍ଥାନିତ ହୋଇଛି। ଗ୍ରୁପ୍ ଏ'ରେ ଭାରତ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଅଲିମ୍ପିକ୍ ଚାମ୍ପିୟନ ଆର୍ଜେଣ୍ଟିନା, ଶକ୍ତିଶାଳୀ ଅଷ୍ଟ୍ରେଲିଆ, ଆୟୋଜକ ଜାପାନ, ନ୍ୟୁଜିଲାଣ୍ଡ ଓ ସ୍ପେନ୍ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମ, କାନାଡା, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ।

ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ତା'ର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବା ବେଳେ ନିଶ୍ଚିତ ଭାବେ ଫେଭରାଇଟ୍ ବିବେଚିତ ହେଉଛି। ୨୦୧୬ ରିଓ ଅଲିମ୍ପିକ୍ସ ପରେ ଦୁଇ ଦଳ ମଧ୍ୟରେ ୧୧ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭାରତ ୮ଥର ବିଜୟୀ ହୋଇଛି। ଭାରତ ମୋଟ ୩୪ଟି ଗୋଲ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡ

**ଅଲିମ୍ପିକ୍ସ ହକି**

୧୪ଟି ଗୋଲ ଦେଇଛି। ଗୋଟିଏ ସମୟରେ କେବଳ ଗୋଟିଏ ମ୍ୟାଚ୍ ଉପରେ ମନୋନିବେଶ କରିବାକୁ ହେଡ୍ କୋଚ୍ ଗ୍ରାହମ ରିଡ୍ ଭାରତୀୟ ଖେଳାଳିଙ୍କୁ ପରାମର୍ଶ ଦେଇଛନ୍ତି।


ନ୍ୟୁଜିଲାଣ୍ଡ ମଧ୍ୟ ଏକ ଉଚ୍ଚକୋଟୀର ଦଳ। ଏହି ଦଳ ପ୍ରତି ମୋର ସମ୍ମାନ ରହିଛି। ସେମାନେ ମାନସିକ ଭାବେ ଭାରି ଦୃଢ଼। ନ୍ୟୁଜିଲାଣ୍ଡର ଫରୱାର୍ଡ ଲାଇନ୍ ବେଶ୍ କୌଶଳପୂର୍ଣ୍ଣ ରହିଛି। ଅଲିମ୍ପିକ୍ସରେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର କୌଣସି ମୂଲ୍ୟ ନାହିଁ। ତେଣୁ ଶନିବାର ଆମକୁ ଭଲ ଆରମ୍ଭ କରିବାକୁ ହେବ ବୋଲି ରିଡ୍ କହିଛନ୍ତି। ଏଠାରେ ଆମେ ବେଶ୍ କିଛି ଦିନ ବିତାଇଛୁ। ତେଣୁ ପ୍ରଥମ ମୁକାବିଲା ପାଇଁ ଆମ ଖେଳାଳିମାନେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। କେତୋଟି ବୈଷୟିକ ଦିଗ ଉପରେ ମଧ୍ୟ ଆମେ ଧ୍ୟାନ ଦେଇଛୁ। ପେନାଲ୍ଟି କର୍ନର, ଟର୍ଫର ବାଉନ୍ସ ନେଇ ଆମେ ଅବଗତ ରହିଛୁ। ଗତ ୩-୪ ଦିନରେ ଟ୍ରେନିଂ ସେସନ ଅବସରରେ ଗ୍ରାଉଣ୍ଡରେ ଥିବା କଠିନତାକୁ ବୁଝିବାକୁ ପ୍ରୟାସ କରିଛୁ। ଭାରତୀୟ ଅଧିନାୟକ ମନ୍‌ପ୍ରୀତ ସିଂ ଦେଶର ପତାକା ବହନ କରିଛନ୍ତି। ତାଙ୍କ ସହ ବକ୍ସିଂ ଲିଜେଣ୍ଡ ଏମ୍‌ସି ମେରିକମ ମଧ୍ୟ ଉଦ୍‌ଘାଟନୀ ଉତ୍ସବରେ ସହଯୋଗ କରିଛନ୍ତି।

ଅଭିଜ୍ଞ ବ୍ଲେୟାର ଟାରାଣ୍ଟ ନ୍ୟୁଜିଲାଣ୍ଡର ନେତୃତ୍ୱ ନେଉଛନ୍ତି। ସେ ଏ ପର୍ଯ୍ୟନ୍ତ ୨୧୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ତେଣୁ ନ୍ୟୁଜିଲାଣ୍ଡକୁ ଆମେ ଆଦୌ ହାଲୁକା ଭାବେ ନେଉନାହୁଁ ଓ ସତର୍କତାର ସହ ଖେଳିବୁ ବୋଲି ମନ୍‌ପ୍ରୀତ କହିଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ୨୦୧୮ ବିଶ୍ୱକପ୍ ପୂର୍ବରୁ ଘରୋଇ ପରିବେଶରେ ଭାରତ ନ୍ୟୁଜିଲାଣ୍ଡକୁ ୪-୦, ୩-୧, ୪-୨ରେ ହରାଇଥିଲେ ମଧ୍ୟ ଗୋଲ୍ଡ କୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସେମିଫାଇନାଲରେ ୨-୩ରେ ପରାସ୍ତ ହୋଇଥିଲା। ରିଓ ଅଲିମ୍ପିକ୍ସରେ ଭାରତ ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତେଣୁ ଭାରତ ଏଥର ଅଧିକ କିଛି କରିଦେଖାଇବା ଲକ୍ଷ୍ୟରେ ରହିଛି।



ଶୁକ୍ରବାର ନୂଆଦିଲ୍ଲୀରୁ ଟୋକିଓ ଯାତ୍ରା ଅବସରରେ ଭାରତୀୟ ଆଥଲେଟ୍‌ଙ୍କ ସହ ଓଡ଼ିଶା ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ।

# ସର୍ବକନିଷ୍ଠ ଟୋକିଓ ଅଲିମ୍ପିଆନ ଜାଜା



ହେନ୍ଦ୍ ଜାଜା

**ଟୋକିଓ, ୨୩।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସର ସର୍ବକନିଷ୍ଠ ପ୍ରତିଯୋଗୀ ହେଉଛନ୍ତି ଯୁଦ୍ଧ ପ୍ରବଣ ସିରିଆ ଦେଶର ୧୨ ବର୍ଷିୟା ହେନ୍ଦ୍ ଜାଜା। ସେ ଟେବୁଲ ଟେନିସ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ୨୦୧୪ରୁ ସେ ଏହି ଖେଳ ସହ ସମ୍ପୃକ୍ତ। ଦାମାସ୍କସରେ ସେ ଟ୍ରେନିଂ ନେଉଛନ୍ତି। ସିରିଆର ହାମା ସହର ବାସିନ୍ଦା ଜାଜା ଅଲିମ୍ପିକ୍ସରେ ଶନିବାର ମହିଳା ଟେବୁଲ ଟେନିସ ସିଙ୍ଗଲ୍ସରେ ଅଷ୍ଟ୍ରିଆର ୩୯ ବର୍ଷୀୟା ଲିଉ ଜିଆଙ୍କ ସହ ମୁକାବିଲା କରି ତାଙ୍କ ଅଭିଯାନ ଆରମ୍ଭ କରିବେ। ସେତେବେଳେ ତାଙ୍କ ବୟସ ୧୨ ବର୍ଷ ୨୦୪ ଦିନ ହୋଇଥିବ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବୟସ ତାଙ୍କଠାରୁ ୩ ଗୁଣାରୁ ଅଧିକ। ଜାଜା କହିଛନ୍ତି ସେ କେବଳ ପ୍ରତିଯୋଗିତାରେ ଭାଗ ନେବାକୁ ଆସି ନାହାନ୍ତି। ସେ ଭଳି ପ୍ରଦର୍ଶନ କରିବାକୁ ଚାହାନ୍ତି, ଯେଉଁଥିରେ ସିରିଆବାସୀଙ୍କ ମନରେ ଖୁସୀ ଆଣିଦେବ।

# ବେହୋସ ହୋଇଗଲେ ରୁଷୀୟ ତୀରନ୍ଦାଜ

**ଟୋକିଓ, ୨୩।୭(ଏପି):** ଟୋକିଓ ଅଲିମ୍ପିକ୍ସର ଏକ ପ୍ରତିଯୋଗିତା ବେଳେ ବାୟୁମଣ୍ଡଳର ଉତ୍ତାପ ସହ୍ୟ କରି ନ ପାରି ରୁଷିଆର ଜଣେ ତୀରନ୍ଦାଜ ସ୍ୱେତଲାନା ଗୋମ୍ବୋଏଭା ବେହୋସ ହୋଇଯାଇଥିଲେ। କ୍ୱାଲିଫାଇଂ ରାଉଣ୍ଡରେ ଭାଗ ନେଇ ସାରିବା ପରେ ଗୋମ୍ବୋଏଭା ଚେତାଶୂନ୍ୟ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ସଙ୍ଗେ ସଙ୍ଗେ ମେଡିକାଲ ଷ୍ଟାଫ୍ ଓ କୋଚ୍ ଷ୍ଟାନିସ୍ଲାଭ ପହଞ୍ଚିଯାଇଥିଲେ। ତାଙ୍କ ନଜରରେ ଏଭଳି ଦୃଷ୍ଟାନ୍ତ ପ୍ରଥମ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସମାନ ଜଳବାୟୁ ରହିଥିବା ଭ୍ଲାଡିଭୋଷ୍ଟକଠାରେ ସ୍ୱେତଲାନା ଟ୍ରେନିଂ ନେଇଥିଲେ। ବର୍ତ୍ତମାନ ଟୋକିଓ ସହରର ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ (୮୬ ଡିଗ୍ରି ଫାରେନ୍‌ହିଟ୍) ଉପରେ ରହିଛି।



ସ୍ୱେତଲାନା ଗୋମ୍ବୋଏଭାଙ୍କ ଚିକିତ୍ସା କରାଯାଉଛି।

# ରାଜପାକସା, ଫର୍ନାଣ୍ଡୋଙ୍କ ଅର୍ଦ୍ଧଶତକ

**କଲମ୍ବୋ,୨୩।୭**

ଭାରତ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୪୩.୧ ଓଭରରେ ୨୨୫ ରନ କରି ଅଲ ଆଉଟ ହୋଇଥିଲା। ଜବାବରେ ଶ୍ରୀଲଙ୍କା ରିପୋର୍ଟ ଲେଖା ହେବା ବେଳକୁ ୨୫ ଓଭରରେ ୩ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରିଛି। ଓପନର ଅଭିଷ୍କା ଫର୍ନାଣ୍ଡୋ ୬୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ବ୍ୟାଟିଂ ଜାରି ରଖିଛନ୍ତି। ଅନ୍ୟତମ ଓପନର ମିନୋଦ ଭାନୁକା ୭, ଭାନୁକା ରାଜପାକ୍‌ସା ୬୫, ଧନଞ୍ଜୟ ଡି ସିଲଭା ୨ ରନକରି ଆଉଟ ହୋଇଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ତରଫରୁ କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଓପନର ପୃଥ୍ୱୀ ଶ ୪୯, ସଞ୍ଜୁ ସାମସନ ୪୬, ସୂର୍ଯ୍ୟକୁମାର ଯାଦବ ୪୦ ରନକରି ଆଉଟ ହୋଇଥିଲେ ଓ ଅନ୍ୟମାନେ ବିଫଳ ହୋଇଥିଲେ। ଅଧିନାୟକ ଶିଖର ଧାୱନ ୧୩, ମନୀଷ ପାଣ୍ଡେ ୧୧, ହାର୍ଦ୍ଦିକ ପାଣ୍ଡ୍ୟା ୧୯, ରାହୁଲ ଚହର ୧୩, ନବଦୀପ ସଇନି ୧୫ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଶ୍ରୀଲଙ୍କା ତରଫରୁ ଅକିଲ ଦନଞ୍ଜୟ ଓ ପ୍ରବୀଣ ଜୟବିକ୍ରମା ୩ଟି ଲେଖାଏ, ଦୁଷ୍ମନ୍ତ ଚାମିରା ୨, ଚାମିକା କରୁଣରତ୍ନେ ଓ ଦସୁନ ସନକା ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୪୩.୧ ଓଭରରେ ୨୨୫ (ପୃଥ୍ୱୀ- ୪୯, ସାମସନ- ୪୬, ସୂର୍ଯ୍ୟକୁମାର- ୪୦; ଦନଞ୍ଜୟ- ୩/୪୪, ଜୟବିକ୍ରମା- ୩/୫୯, ଚାମିରା-୨/ ୫୫)। ଶ୍ରୀଲଙ୍କା ୨୫ ଓଭରରେ ୧୫୧/୩ (ଫର୍ନାଣ୍ଡୋ-୬୦, ରାଜପାକସା- ୬୫; ସାକାରିୟା-୨/୨୨, ଗୋଥାମ- ୧/୩୫)।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ